# ଜୀବନ ଜଜେ

ଯତୀନ୍ଦ୍ର କୁମାର ଦାସ

# ଜୀବନ ଜନ୍ମେ

ସାହିତ୍ୟ-ସଂସାର: କଟକ—୨

ପ୍ରକାଶକ:
ସାହିତ୍ୟ-ସଂସାର
ବାଙ୍କାବଜାର: କଟକ—୨

ପ୍ରଚ୍ଛଦ ପଟ:
ଗୋପାଳ କାନୁନଗୋ

ମୁଦ୍ରକ:
ନବଭାରତ ପ୍ରେସ
କଟକ—୨

ପ୍ରଥମ ସଂସ୍କରଣ:
ଅଗଷ୍ଟ, ୧୯୫୫

ଦ୍ୱିତୀୟ ସଂସ୍କରଣ:
ଡିସେମ୍ବର, ୧୯୫୭

ଏକଟଙ୍କା ଚାରିଅଣା

ବାହାରକୁ ହାତ ଦେଖାଇ ସଙ୍ଗି କହିଲା, ଶର ! ଦେଖିଲଣି ନା, ଏଇ ଦେଖ, ବାହାରେ ସୁନାର ଭୂଇଁ !

ପ୍ରତିମା ଆଖିରେ ନିଦ ଲାଗି ଆସିଥିଲା । ଆଖିପତାକୁ ଦୁଇ ହାତ ପାପୁଲିରେ ମଳି ସେ ବାହାରକୁ ଚାହିଁଲା । ସୂର୍ଯ୍ୟ କିରଣରେ ଧାନ କିଆରି ସୁନାର ରଙ୍ଗ ଧରିଛି ।

ସଙ୍ଗି କହିଲା, ଶର ! ଏପରି ଭୂଇଁ କେବେ ଦେଖିଛ ? ଏଇ ହେଉଛି ସୁନାର ଭୂଇଁ—ଏଇ ଭୂଇଁରେ ସୁନା ଫଳେ ! ଏଇ ଦେଖ, ସୁନା ଫସଲ ହସି ଉଠୁଛି କିପରି ।

ପ୍ରତିମା କହିଲା, ପିଲାଦିନେ ଶୁଣିଥିଲି, ଯେଉଁ ଦେଶରେ ଜଗନ୍ନାଥ ଅଛନ୍ତି, ସେଇ ଦେଶ ମାଟିରେ କୁଆଡ଼େ ସୁନା ଫସଲ ହୁଏ—

ସଙ୍ଗି ପ୍ରତିମା କଥାରେ କାନ ନ ଦେଇ କହିବାରେ ଲାଗିଲା, ହଁ ଏଇ ହେଉଛି ସୁନାର ଭୂଇଁ—ପାଚିଲା ଧାନଗୁଡ଼ାକ ଠିକ୍ ଦେଖାଯାଉଛି ସୁନା ପରି । ଯୁଆଡ଼େ ଚାହିଁ ସେ ଆଡ଼େ ଖାଲି ଏଇ ସୁନାର କିଆରି, ସୁନା ଗଛ, ସୁନା ଫଳ । ଯାହା ହେଉ ଆମେ ବର୍ତ୍ତିଗଲେ ଏଥର । ଆଉ ଏଣିକି ଲୋକ ଉପାସରେ ରହିବାକୁ ପଡ଼ିବନି

ପଡ଼ । କପାସ ବ୍ରୋକରେ ଏତେ ଧନ ଗଲା, କିନ୍ତୁ ଆଉ ଏଣିକି ନୁହଁ । ଆମର ଭାଗ୍ୟ ଫେରି ଆସିଛି, ଆଉ ଦୁଃଖ କଣ !

ପ୍ରତିମା ଶୋଇଥିବା ଚୁବବର୍ଷର ଝିଅ ଝରୋଜକୁ କୋଳକୁ ନେଲା । ଶୀତଦିନ । ଏତିକିବେଳୁ ଶୀତ ଆରମ୍ଭ ହୋଇ ଗଲାଣି । ଘୋଡ଼ି ହେବାକୁ କିଛି ନାହିଁ । ସରୋଜ ପିନ୍ଧିଛି ଖଣ୍ଡେ ଛିଣ୍ଡା ମଇଳା ଫ୍ରକ୍ । ସେଇ ଖଣ୍ଡକ ତାର ସମ୍ବଳ । ଆଉ ତା ଦେହରେ ସାତଛିଣ୍ଡା ମଇଳା ଶାଢ଼ୀ । ସେ ଶାଢ଼ୀ ଖଣ୍ଡକରେ ନାରୀର ଲଜ୍ଜା ବି ଲୁଚି ଯାଇ ପାରେନା । ଦେହର ସବୁ ଅଙ୍ଗକୁ ଘୋଡ଼ାଇ ପାରୁନି ସେ ଶାଢ଼ୀ ।

ସରି ବାହାରକୁ ଅନାଇ ଆସନ୍ତା ଦିନର ସୁଖଛବି କଳ୍ପନା କରିବାରେ ଲାଗିଲା । ମଣିଷ ଜୀବନରେ ସବୁବେଳେ ଦୁଃଖ ନ ଥାଏ । ଦୁଃଖ ପରେ ପୁଣି ସୁଖ ଆସେ । ଆଜି ଏତେ ଦିନପରେ ହୁଏତ ପୁଣି ସୁଖ ଆସିଛି ।

ହଠାତ୍ କମ୍ପାର୍ଟମେଣ୍ଟରେ କୋଳାହଳ ଲାଗିଗଲା । ସରି ବାହାରୁ ମୁହଁ ଫେରାଇଲା । ଟି. ଟି. ଆଇ ଆସିଛି ଟିକେଟ ଚେକ୍ କରିବାକୁ । ସରି ଦୁଇ ପକେଟରେ ହାତ ପୂରାଇଲା । ଗୋଟାଏ ପକେଟ୍ କଣା । ହାତ ପୂରାଇଲେ ପକେଟ ଦେଇ ହାତ ଗଳିଯିବ । ଆଉ ଆର ପକେଟଟା ଟିକିଏ ଭଲ । ସେଥିରେ ପଡ଼ିଛି ଶେଷ ସମ୍ବଳ ଚାରିଣିଟାଏ, ଆଉ ଛ' ପଇସିକିଆ ଅମେରିକାନ ରବର ପାନିଆ । କାମିଜର ଗୁଡ଼ା ପକେଟଟା ନାହିଁ । ପୁଣି ଦୁଇ ପକେଟରେ ହାତ ପୂରାଇ ଖୋଜିବାରେ ଲାଗିଲା । ତାର ଯେପରି ମନେହେଲା ଦୁଇଟି ପୁରା ଟିକେଟ ଆଉ ଗୋଟାଏ ହାଫ୍ ଟିକେଟ ସେ କେଉଁଠି ରଖିଛି । ନା' ଟିକେଟତ ନାହିଁ । ତେବେ ସେ କଣ ଟିକେଟ କରିନାହିଁ ! ଟିକେଟ ନ କରିବା ତ ଅପରାଧ ! ଦୋଷ !

ଟି. ଟି. ଆଇ ସଙ୍ଗି ନିକଟକୁ ଆସି ମାଗିଲା, ଟିକେଟ୍ ?

ସଙ୍ଗି ଅପରାଧୀ ପରି ତଳକୁ ମୁହଁ କରି କହିଲା, ନାହିଁ ।

ଟି. ଟି. ଆଇ ଜୋରରେ ପାଟିକଲା, କଣ ? ନାହିଁ ?

ସଙ୍ଗି କହିଲା, ନାହିଁ । ଆମେ ଆଶ୍ରୟପ୍ରାର୍ଥୀ—ପଳାତକ !

ଟି. ଟି. ଆଇ. ସଙ୍ଗ, ପ୍ରତିମା ଓ ପରେଶଙ୍କ ଉପରେ ଆଖି ବୁଲାଇଆଣି କହିଲା, ହୁଁ, ତମ ଘର କେଉଁଠି ?

ସଙ୍ଗି ସେହିପରି ଭାବରେ ତଳକୁ ଚାହିଁ କହିଲା, ପୂର୍ବ ବଙ୍ଗରେ । ଟି. ଟି. ଆଇ ଟିକିଏ ହସି କହିଲା, ଓ, ପୂର୍ବ ବଙ୍ଗରେ ? ମନ୍ଦ ନୁହେଁ ତ ! ଯେତେବେଳେ ଟିକେଟଲେସ ଟ୍ରାଭେଲର ସମସ୍ତେ ପୂର୍ବ ବଙ୍ଗରୁ ଆସୁଛନ୍ତି ନିଶ୍ଚୟ । ଟି. ଟି. ଆଇ, ଆଜି ଗଭର୍ଣ୍ଣମେଣ୍ଟକୁ ଫାଙ୍କିବାର ଏ ଗୋଟାଏ ଉପାୟ । ଜାଣ ଟିକେଟ ନ କରି ରେଲରେ ଯିବା କେତେ ଦୋଷ ? ଆମ ଦେଶର ମୁଖ୍ୟ ନେତାମାନେ କଣ କହୁଛନ୍ତି ଜାଣ ? ଶୁଣ, ଯେଉଁମାନେ ଟିକେଟ ନ କରି ରେଲରେ ଯାଆନ୍ତି ସେମାନେ ପାପୀ, ଦେଶ ଦ୍ରୋହୀ, ବିଶ୍ବାସଘାତକ । ସେମାନେ ଦେଶର ଅନେକ କ୍ଷତି କରନ୍ତି । ସେମାନଙ୍କୁ କ୍ଷମା ଦେବା ଉଚିତ ନୁହେଁ ।

ସଙ୍ଗି ଆଗ ପରି ତଳକୁ ଚାହିଁ କହିଲା, କହିଲି ପରା ମୁଁ ଆଶ୍ରୟପ୍ରାର୍ଥୀ—ଶରଣାର୍ଥୀ, ମୋ ପାଖରେ ଖାଇବାକୁ ବି ପଇସା ନାହିଁ, ଆଉ ଟିକେଟ କରିବି କଣ ?

ଟି. ଟି. ଆଇ କହିଲା, ତମ ଘର କେଉଁଠି ?

ସେ ବିରକ୍ତ ହୋଇ ଉତ୍ତର ଦେଲା, କହିଲି ପରା ପୂର୍ବ ବଙ୍ଗରେ !

ପୂର୍ବବଙ୍ଗରେ ତ ଜାଣିଲି । ତା ଅପେକ୍ଷା କହୁଛନ୍ତି ଭାରତରେ । ତାଠୁ ବରଂ ଭଲହେବ ଯଦି କହୁବ ମୋ ଘର ପୃଥିବୀରେ । ଟି. ଟି. ଆଇ ହସି ଉଠିଲା ।

ସର୍ଜି ତା କଥାରେ କାନ ନ ଦେଇ କହିଲା, ଆମେ ଯେତେ-ବେଳେ ଆଶ୍ରୟପ୍ରାର୍ଥୀ ସେତେବେଳେ ଆମକୁ ଟିକେଟ ନ ମାଗିବା ତମର ଦରକାର, ପୁଣି କାହିଁକି ମାଗୁଛ ? କହିଲି ପରା ମୋ ପାଖରେ ଟଙ୍କା ନାହିଁ ଖାଇବାକୁ, ତମ ଟିକଟ ପାଇଁ କୋଉଠୁ ଆଣିବି ?

ଟି, ଟି, ଆଇ, ହସି ହସି କହିଲା, କଣ କରିବୁ ଆମେ ? ଆମର ତ ପୁଣି ଗୋଟାଏ କର୍ତ୍ତବ୍ୟ ଅଛି ! ତମେ ହୋଇପାର ଶରଣାର୍ଥୀ, କିନ୍ତୁ ସରକାର କଣ ଆମକୁ କହିଛନ୍ତି ଯେତେକ ଶରଣାର୍ଥୀ ସେମାନଙ୍କୁ ଛାଡ଼ି ଦେବ ବୋଲି ?

ଦୃଷ୍ଟି ରଖି ବାହାରକୁ ଅନାଇଲା ସର୍ଜି । ପଶ୍ଚିମ ଆକାଶରେ ସୂର୍ଯ୍ୟ ଅସ୍ତ ଯାଉଛି । ଚକ୍ରବାଳସ୍ଥରେ କିଏ ଯେପରି ସୁନେଲି ରଙ୍ଗ ବୋଳି ଦେଉଛି ! ଗୁରୁଅଡ଼େ ସୂର୍ଯ୍ୟର ସେ ରଙ୍ଗୀନ ହସ ବୁଣି ହୋଇ ଯାଉଛି ଯେପରି !

ଟି, ଟି, ଆଇ କହିବାରେ ଲାଗିଲା, ଆଚ୍ଛା କେଉଁଠାରୁ ଆପଣ ଆସିଛନ୍ତି କହିପାରିବେ କି ?

ସର୍ଜି ବାହାରକୁ ଅନାଇ ଉତ୍ତର ଦେଲା, ପୂର୍ବ ବଙ୍ଗ ।

ଟି, ଟି, ଆଇ ପୁଣି କହିଲା, ହଁ ପୂର୍ବବଙ୍ଗ ତ ବୁଝିଲି, କିନ୍ତୁ ପୂର୍ବ ବଙ୍ଗର କେଉଁ ସ୍ଥାନ ?

ଢାକା…

ଟି, ଟି, ଆଇ ପୁଣି ପଚାରିଲା, ସେଠାରେ ଆପଣଙ୍କର ଜମିଦାରୀ ଥିଲା ନା ?…

ନା···

ତେବେ ଆପଣ କଣ କରୁଥିଲେ ସେଠାରେ ?

ସେଠାରେ ଥିଲି ଅଧ୍ୟାପକ ।

ଏଁ—ଅଧ୍ୟାପକ ?

ହଁ ପ୍ରଫେସର, ମୋ ନାଁ ସଚ୍ଚିଦାନନ୍ଦ ବୋଷ—ଇତିହାସ ଅଧ୍ୟାପକ, ଢାକା ବିଶ୍ୱବିଦ୍ୟାଳୟ ।

ମିଛ ନୁହେଁତ ? ତେବେ ଆଜି ଏ ଅବସ୍ଥା କାହିଁକି ?

ସଚ୍ଚି ଚୁପ୍ ରହିଲା । ଟି. ଟି. ଆଇ. ଅଳ୍ପ ଥରେ ତା ଉପରେ ଦୃଷ୍ଟି ପକାଇ ଚାଲିଗଲା ।

ଠିକ୍ ଏଇପରି ଏକ ଦିନରେ ସେ ଭଲ ପାଇଥିଲା କମଳକୁ । କମଳ ସେତେବେଳକୁ ପାଠପଢ଼ା ସ୍କୁଲ ଘରେ ଥିଲା । ଆଉ ସେ ପଢ଼ୁଥିଲା ବି. ଏ. । ସେଦିନ, ଅତୀତର ସେଇ ସ୍ମୃତିମଧୁର ମୁହୂର୍ତ୍ତ ଭିତରୁ ହୁଏତ ଅଳ୍ପ ମନେ ପଡ଼େଇନା କିଛି—ଖାଲି ଗୋଟାଏ ଝାପ୍ସା ସ୍ମୃତି—ଠିକ୍ ଶିଶୁ ମନରେ ଏ ପୃଥିବୀର ରେଖାପାତ ଯେପରି ସ୍ୱବରେ ହୁଏ । କମଳ ଆଜି ସମ୍ପୂର୍ଣ୍ଣ ରୂପରେ ତାର ଅସ୍ତିତ୍ୱ ହରାଇଛି କି ନାହିଁ କିଏ ଜାଣେ ? ଆଉ ସଚ୍ଚି, ତାର ପ୍ରେମିକ ଆଜି ମୁଠାଏ ଭାତ ପାଇଁ ଦ୍ୱାରଅଢ଼େ ଘୁରି ବୁଲୁଛି ।

ପ୍ରତିମା କୋଳରେ ସନ୍ତୋଷ କାନ୍ଦି ଉଠିଲା । ସଚ୍ଚି ମୁହଁ ଫେରାଇଲା, ପ୍ରତିମାର କୋଳରେ ଚାରି ବର୍ଷର ଶିଶୁ ସନ୍ତୋଷ । ଆଖି ଭିତରକୁ ପଶିଯାଇଛି ମୁହଁର ହନୁ ଦେଖା ଯାଉଛି, ବାଲ ପବନରେ ଫୁରୁ ଫୁରୁ ହୋଇ ଉଡ଼ୁଛି । ଛିଣ୍ଡା ଫ୍ରକ୍ ଭିତରୁ ଦେଖାଯାଉଛି ଛାତିର ହାଡ଼ । ପିଲାଦିନେ କି ସୁନ୍ଦର ହୋଇଥିଲା ସନ୍ତୋଷ ! ଠିକ୍

କେଉଁ ଦେଶର ଅତି ସୁକୁମାରୀ ଅଲଅଲ ରାଜକୁମାରୀ ପରି ନାଲି ଟୁକୁଟୁକୁ, ସୁନ୍ଦର । ମୁହଁରେ ଦେହରେ ମାଂସ ପୂରି ରହିଥିଲା । ଦେହର ଚମ ଭିତରୁ ରକ୍ତ ଦେଖାଯାଉଥିଲା । ଯିଏ ଦେଖୁଥିଲା ସେ କହୁଥିଲା, ଏତେ ସୁନ୍ଦର ! ଆଜି କାହିଁ ଗଲା ତାର ସେ ରୂପ ? ତାର ସେ ମାଂସ ?

ପ୍ରତିମା କଂପାର୍ଟମେଣ୍ଟର ବେଞ୍ଚିକୁ ଆଉଜି ବସିଛି । ପ୍ରଥମେ ଯେତେବେଳେ ପ୍ରତିମା ତା ଘରେ ଗୋଡ଼ ଦେଇଥିଲା, ସେ ଚିହ୍ନି ପାରି ନ ଥିଲା । ପୃଥିବୀରେ ଏତେ ସୌନ୍ଦର୍ଯ୍ୟ ପୁଣି ଥାଏ ? ଏତେ ସୁନ୍ଦର କ'ଣ କେହି ହୋଇପାରେ ? ଫୁଲିଲା ଫୁଲିଲା ଗାଲ, ଗୋଲ ଗୋଲ ବାହୁ, ଛୋଟ ଛୋଟ ନାଲିଆ ପାଦ ଦୁଇଟି—ଲମ୍ବା ଲମ୍ବା ଭ୍ରୂ—କି ସୁନ୍ଦର ! ଯେଉଁଦିନ ପ୍ରଥମେ ଏଇ ସବୁ ତାକୁ କଥା କହୁଥିଲା, କି ସୁନ୍ଦର ସେଇ କଥା କେଇ ପଦ, ତେଢ଼େ ତେଢ଼େ କଅଁଳିଆ ! ଆଜି କିଛି ନାହିଁ । ପ୍ରତିମା ଯେପରି ତାର ସବୁ ସୌନ୍ଦର୍ଯ୍ୟ, ସବୁ ରୂପକୁ ଫିଙ୍ଗି ଦେଇ ମୃତ୍ୟୁ ଆଡ଼କୁ ଧାଉଁଛି ! ଗାଲ ଭିତରକୁ ପଶି ଗଲଣି । ଦେହ ଯାକ ହାଡ଼, ମାଂସ ଟିକିଏ ବି ନାହିଁ । ଏଇ କଣ ତାର ସେଇ—ଅତି ଆଦରର ସେଇ ?

ସରୋଜ ପାଖି କଲା, ବୋଉ, ଶୋଇବୁ । ପ୍ରତିମା ତା ମୁହଁରେ ହାତ ଦେଇ କହିଲା, ମା'ଟି ପରା, ଶୋଇପଡ଼ । କାଲି ରାତି ଯାକ ଶୋଇ ନାହୁଁ, ଆଜି ପୁଣି ରାତି ଅନିଦ୍ରା ହେଲେ ଦେହ ଖରାପ ହେବ, ଶୋଇ ପଡ଼ ।

ଏଇ ସମୟରେ ଗାଡ଼ି ଅସି ରହିଲା କେଉଁ ଗୋଟିଏ ଷ୍ଟେସନରେ । ଫେରିବାଲା ଡାକ ଛାଡ଼ିଲେ, ଗାଜର କେଳା, ପୁରୀ ମିଠାଇ ।

ସଜିଙ୍କ ପୁଣି ଖଟେଇ ଖଟେଇ ସେ ଆଡ଼କୁ ଚାହିଁ କହିଲା, ବୋଉ, ବାପା, ମିଠେଇ, ପୁରି, କଦଳୀ—ମୁଁ ଖାଇବି ।

ପ୍ରତିମା ତାକୁ ବୁଝାଇ ଦେଇ କହିଲା. ନା'ରେ ସେସବୁଡ଼ାକ ଖରାପ, ଖାଇଲେ ପେଟ କଣ୍ଟ ହେବ । କଟକରେ ପହଞ୍ଚିଲେ ଆମେ କେତେ କଣ ଖାଇବା···

ସଜି ତଳକୁ ଓହ୍ଲାଇଗଲା । ସେ କାଲି ରାତିରେ ଯାହା କିଛି ଖାଇଥିଲା । ଏତେବେଳଯାଏ କିଛି ଖାଇନି । ପେଟ କ'ଣ ହୋଇ ଯାଉଚି ଭୋକରେ । ତେବେ ଭୋକ ସହି ସହି କେମିତି ଗୋଟାଏ ଅଭ୍ୟାସ ହୋଇଗଲାଣି । ଆଗ ପରି ଆଉ ପେଟ ବଥାଉ ନାହିଁ ନ ଖାଇଲେ । ଏ ଷ୍ଟେସନରେ ଥୋଡ଼ାଏ ପାଣି ପିଇ ନେଲେ ଚଳିବ । କଟକରେ ପହଞ୍ଚୁ ପହଞ୍ଚୁ ରାତି ଦଶଟା କି ଏଗାରଟା ହୋଇ ଯାଇଥିବ । ପକେଟରେ ଅଛି ସେଇ ଗୁଡ଼ାଏ ପଇସା । ମୁଢ଼ି ଗୁଡ଼ାଏ କିଣି ଦେଲେ ତିନି ଜଣଙ୍କର ବେଶ ଚଳିଯିବ ।

ପାଣି ପିଇ ସାରିଲା ବେଳକୁ ଗାଡ଼ି ହୁଇସିଲ୍ ଦେଇ ସାରିଥିଲା । ଗାଡ଼ି ସେତେବେଳକୁ ଗଡ଼ିବାକୁ ଆରମ୍ଭ କଲାଣି । ସଜି ଦଉଡ଼ି ଦଉଡ଼ି ଆସି କଂପାର୍ଟମେଣ୍ଟ ଉପରକୁ ଚଢ଼ିଗଲା । ପ୍ରତିମା କହିଲା, ତଳକୁ କାହିଁକି ଯାଇଥିଲ ଶୁଣେ ?

ସେ ଉତ୍ତର ଦେଲା, ନାଇଁ ଶୋଷ ହେଉଥିଲା ଯେ ଯାଇଥିଲି ପାଣି ପିଇବାକୁ ।

ପ୍ରତିମା ଚୁପ୍ ରହିଲା । ଇଚ୍ଛା ହେଉଥିଲା କହିବାକୁ, କଣ ଗଣ୍ଡାଏ ଖାଇ ପାଣି ପିଇଲ କି ! କିନ୍ତୁ ପାଟିରୁ କଥା ବାହାରିଲା ନାହିଁ । କାରଣ ସେ ଜାଣେ, ପଇସା ସେ କେଉଁଠୁ ପାଇବେ ? ଯାହାଙ୍କର ସୁପରଫାଇନ ଲୁଗା, ଭଲ ଜାମିଙ୍କ ନ ହେଲେ ଚଳୁ ନ

ଥିଲା, ଆଜି ସେ ପିଞ୍ଛଛିନ୍ନ କ'ଣ ? ଖଣ୍ଡିଏ ଚେଣ୍ଟିଆ ମଇଳା ଛିଣ୍ଡା ଲୁଗା, ଗୋଟାଏ ଫଟା ହାଫ୍‌ପ୍ୟାଣ୍ଟ ! ସେ ପୁଣି ଏ ଶୀତ ଦିନରେ ଶୀତ ରଖିବ !

ସଇଁ ବାହାରକୁ ଅନାଇଲା । ଟ୍ରେନର ଗତି ସୀମା ଭିତରେ ବଢ଼ି ଯାଇଛି । ଟ୍ରେନଟା ଖୁବ୍ ଜୋରରେ ଛୁଟିଛି । କେଉଁଆଡ଼େ ? କଣ ତାର ଲକ୍ଷ୍ୟ ? ଜୀବନଟା ବି ଠିକ୍ ଏଇ ଟ୍ରେନ ପରି ଛୁଟି ଚାଲିଛି କେଉଁ ଅସୀମର ପଥରେ ଅବିଶ୍ରାନ୍ତ ଭାବରେ । ଦୂରର ଆକାଶରେ ଚନ୍ଦ୍ର ଉଠିଛି । ଚତୁର୍ଦ୍ଦିଗରେ ଜୋସ୍ନାର ଅପୂର୍ବ ଉଚ୍ଛ୍ୱାସ । ଦୂରର ସବୁ ଜିନିଷ ଖୁବ ସୁନ୍ଦର ହୋଇ ଦେଖା ଯାଉଛି । ଦୂରର ପାହାଡ଼, ଦୂରର ଆକାଶ କି ସୁନ୍ଦର ! ଜ୍ୟୋସ୍ନାର ଆବରଣ ଭିତରେ ପୃଥିବୀର ରୁକ୍ଷତା ଲୁଚି ଯାଇଛି କେଉଁ ଆଡ଼େ ।

ଧନେ ପତ୍ର ଚିଠି ଦେଇଥିଲା ତା ପାଖକୁ—ଯେତେବେଳେ ଫାଲ୍‌ଗୁନର ମଳୟ ବହେ, ଯେତେବେଳେ କମନୀୟ ଜ୍ୟୋସ୍ନା ପୃଥିବୀରେ ଅବତରଣ କରେ, ଯେତେବେଳେ ବନ୍ଧୀ ଆସେ ଧୀର ପଦକ୍ଷେପରେ, ସେତେବେଳେ ମୁଁ ଭାବେ, ତମେ ଆସିଚ, ଆସିଚ ଫାଲ୍‌ଗୁନର ସେ ସ୍ନିଗ୍ଧମଳୟରେ, ଜ୍ୟୋସ୍ନାର ସେ କମନୀୟ ବିଳାସ ତଳେ, ଧୀର ପଦକ୍ଷେପରେ । ଆଜି ଯଦି ପ୍ରତିମାକୁ ଚିଠି ଲେଖିବାକୁ ପଡ଼ନ୍ତା, ସେ ହୁଏତ ଲେଖନ୍ତା, ଯେତେବେଳେ ଦାରୁଣ କ୍ଷୁଧାରେ ଆଖିରୁ ଝରିପଡ଼େ ଅଶ୍ରୁ, ଯେତେବେଳେ ଯନ୍ତ୍ରଣାରେ ଶରୀର ଚିତ୍କାର କରି ଉଠେ, ଯେତେବେଳେ ଦୁଃଖ ଆସେ ଧୀର ପଦକ୍ଷେପରେ, ସେତେବେଳେ ମୁଁ ଭାବେ ତମେ ଆସିଚ, ଆସିଚ କ୍ଷୁଧାର ସେ ଅଶ୍ରୁରେ, ଯନ୍ତ୍ରଣାର ସେ ଚିତ୍କାରରେ, ଦୁଃଖର ସେ ଧୀର ପଦକ୍ଷେପରେ···।

ଚନ୍ଦ୍ର ! ଏଇ ଚନ୍ଦ୍ର, ଅତୀତର କେତେ ମୁହୂର୍ତ୍ତି ଏଇ ଚନ୍ଦ୍ର ବିଷୟରେ ଭାବି ଭାବି ତାକୁ ଚାହିଁ ଚାହିଁ କଟିଚି । କିନ୍ତୁ ଆଜି ? ଆଜି ହୁଏତ ଚନ୍ଦ୍ରର ମୂଲ୍ୟ କିଛି ନାହିଁ । ଯଦି ଚନ୍ଦ୍ର ଠିକ୍ ସେଇ ଆକାରରେ ବଡ଼ ରୁଟି, କିମ୍ବା ଭାତ ହୋଇଥାନ୍ତା ତେବେ ଚନ୍ଦ୍ରର ମୂଲ୍ୟ ତା ପାଖରେ ନିଶ୍ଚୟ ବର୍ଦ୍ଧିତ ହୋଇଥାନ୍ତା ।

ଦେହ ଥରି ଉଠୁଚି ଶୀତରେ । ଟ୍ରେନ ଚାଲିଚି । ବାହାରର ଶୀତ ପ୍ରତି ତାର ଭ୍ରୂକ୍ଷେପ ନାହିଁ । ଦୁନିଆର ଭୋକ, ଯନ୍ତ୍ରଣାର ଧମକ ପ୍ରତି ତାର ଭ୍ରୂକ୍ଷେପ ନାହିଁ । ଆଜି ସେ ଯନ୍ତ୍ର ହୋଇଯାଇଚି ଏଇ ଟ୍ରେନ ପରି ।

ପେଟ ଭିତରୁ ଉଠୁଚି ଯନ୍ତ୍ରଣା — ଉଃ, କି ଅସହ୍ୟ । ଆଉ କଣ ତାକୁ ତ୍ୟାଗ କରିବାକୁ ହେବ ? ସେ ଦେଇଚି ପ୍ରତିମାର ରକ୍ତ ମାଂସ, ସନ୍ତୋଷର ରକ୍ତମାଂସ, ଧନ ସଂପଦ, ସବୁ । ଆଉ କଣ ଦେଲେ ଏ ଯନ୍ତ୍ରଣା ଯିବ ? ଏ ଭୋକ, ଏ ଅଭାବ ଯିବ ? ଦୁଇବର୍ଷ ତଳେ । ତାହାର ସେ କଣକୁ ଦୁଇମହଲା କୋଠା । ସେଇ କୋଠାଟି ହସୁଥିଲା ଧନବନ୍ତ । ବୋଉ, ବାପା, ପ୍ରତିମା, ସନ୍ତୋଷକୁ ନେଇ ସତେ ଯେପରି ସେଠି ଭୂସ୍ୱର୍ଗ ତୋଳା ହୋଇଥିଲା । ସୁଖରେ ଦିନ କଟି ଯାଉଥିଲା ।

ହଠାତ୍ ଦିନେ ରାତିରେ ପ୍ରତିମା ହଲାଇ ଦେଇ କହିଲା, ଶୁଣୁଚ ?

ଆଖିରେ ହାତ ମଳି ସେ ଉଠିଲା । ପଚାରିଲା, କଣ ?

ପ୍ରତିମା କହିଲା, ଶୁଣୁନାହଁ ?

ହଁ, ତ କଣ ଶୁଣାଯାଉଚି । ସେ ତଳକୁ ଓହ୍ଲାଇ ଗଲା । ଦଳେ ଲୋକ କବାଟ ଭାଙ୍ଗି ଭିତରକୁ ପଶିଆସିଲେ । ଭର ଭର

ହୋଇ ସେ ଉପରକୁ ଉଠିଆସିଲା । ସବୈନ୍ଦ୍ରିକ ପ୍ରତିମାକୁ ଧରି ଫଟିଗଲା ଘର ପଛ ପଟେ ଥିବା ଷ୍ଟୋର ବଗିଚାଟିରେ ଯେଉଁଠି ରହୁଥିଲା କାଠ । ତାପରେ ଠିକ୍ ମନେ ପଡ଼େନା । କିନ୍ତୁ ସେଇ ରାତି ଠାରୁ ଆରମ୍ଭ ହେଲା ତାର ଦୁଃଖର ଦିନ । ବାପ ମା'ଙ୍କର ରକ୍ତାକ୍ତ ଦେହ ସେ ଦେଖିଛି, ନିଜ ଆଖିରେ ସେ ଦେଖିଛି ତାର ସାନଭାଇର କଟାମୁଣ୍ଡ, ପ୍ରତିମା ପ୍ରତି ହୋଇଥିବା ଅତ୍ୟାଚାର ସେ ଦେଖିଛି । ସବୁ ଦେଖିଛି । କାମାଲ, ଆଉ ଗୁଲସନ ତାର ପ୍ରିୟ ଛାତ୍ର ! ସେ ଦିନ ରାତିରେ ସେ ଯେତେବେଳେ ଚିତ୍କାର ପକାଉଥିଲା—କାମାଲ ଆଉ ଗୁଲସନ୍‌ଙ୍କ ଆଖିରେ ଆଗର ସେଇ ସରଳତା କେଉଁଆଡ଼େ ଉଭେଇ ଯାଇଛି ଯେପରି । କାମାଲ ଆଉ ଗୁଲସନ ସେ ବର୍ଷ ଇତିହାସ ଅନର୍ସରେ କିପରି ଫାଷ୍ଟ ହେବେ ସେଥିପାଇଁ ସେ ଚେଷ୍ଟା କରୁଥିଲା । ଆଉ ତାର ପ୍ରତିଦାନ କଣ ଏଇଆ ? କାମାଲ ଆଉ ଗୁଲସନ୍‌ଙ୍କ ଆଖିରେ ସେ ଯେଉଁ ହିଂସ୍ର ଘୃଣା ଦେଖିଥିଲା ପ୍ରଥମେ ସେ ଦିନ, ଆଜି ଆଖି ଆଗରୁ ଲିଭନାହିଁ ସେ ଘୃଣା ! ଓଃ, କି ଭୀଷଣ !

ସେମାନଙ୍କର କି ଅପରାଧ କରିଥିଲା ସେ ? ସେତ ଠିକ୍ ତାଙ୍କରି ପରି ମଣିଷ । ମଣିଷ କଣ ମଣିଷର ଶତ୍ରୁ ହୋଇ ପାରେ ? ସେ ଦିନ ସେଇ ମୁହୂର୍ତ୍ତରେ ତାକୁ ଯେପରି କିଏ କହୁଥିଲା, ହଁ ମଣିଷ ହେଉଛି ମଣିଷର ସବୁଠାରୁ ବଡ଼ ଶତ୍ରୁ ।

ସେ ଦିନ ତାର ସୁଖର ସଂସାର ଶେଷ ହୋଇ ଗଲା । ଆଦରର ମା'ବାପ ଭାଇ କେଉଁଆଡ଼େ ଗଲେ ? ଆଜିବି ସେ ବିଶ୍ୱାସ କରିପାରେନା ସେମାନେ ମରିଛନ୍ତି ବୋଲି । ସମସ୍ତ କହନେଇ ଯାଇଛି ସେମାନଙ୍କୁ କେଉଁ ଦୂର ଦୂରାନ୍ତକୁ । ଆଉ କେତେ ଦିନ ପରେ ଐତିହାସିକମାନେ ଲେଖିବେ ଇତିହାସ—ପୂର୍ବବଙ୍ଗରେ

ସାଂପ୍ରଦାୟିକ ଗଣ୍ଡଗୋଳ ଲାଗିଥିଲା । ସେଥିରେ ବହୁତ ଲୋକ ମରିଥିଲେ । ବହୁତ ଧନୀ କାଙ୍ଗାଳ ହୋଇ ଯାଇଥିଲେ । ବହୁତ ଜମିଦାର ନିଃସ୍ୱ ହୋଇ ଯାଇଥିଲେ । କିନ୍ତୁ ଇତିହାସ କଣ କହିବ ପ୍ରଫେସର ସଙ୍ଗି ବୋଷ କଥା ? ସେ ଇତିହାସରୁ କଣ ମିଳିବ, କିପରି ସଙ୍ଗି ବୋଷର ପରିବାର ଏଇ ସାଂପ୍ରଦାୟିକ ଗଣ୍ଡଗୋଳରେ ଧ୍ୱସ୍ତ ବିଧ୍ୱସ୍ତ ହୋଇ ଯାଇଛନ୍ତି ବୋଲି ? ନା, ହୁଏତ । ଇତିହାସ ଦିନେ ଥିଲା ରାଜା ଓ ଧନୀ ସଂପ୍ରଦାୟର ଇତିହାସ । ଆଜି ଭାରତ ସ୍ୱାଧୀନତା ଲାଭ କଲା ପରେ ସେ ଇତିହାସ ହୋଇଯାଇଛି ଗଣର ଇତିହାସ, ଗଣତନ୍ତ୍ରର ଇତିହାସ; ଅତୀତର ସ୍ୱୈରତନ୍ତ୍ରର ଇତିହାସ ନୁହେଁ, ଅତୀତର ସାମ୍ରାଜ୍ୟତନ୍ତ୍ରର ଇତିହାସ ନୁହେଁ । କିନ୍ତୁ ଆଜିର ଗଣ କିଏ ? ସଙ୍ଗି ବୋଷ ହୁଏତ ସେ ଗଣ ନୁହେଁ—ସେ ଗଣ ଭିତରେ ନାହିଁ—ସେ ଗଣ ବାହାରେ ସିଏ ।

ସଙ୍ଗି ବୋଷର ବାପା, ମା, ଭାଇ ସବୁ ଆଜି ଇତିହାସରେ ପରିଣତ ହୋଇ ଯାଇଛନ୍ତି ସମ୍ପୂର୍ଣ୍ଣ ଭାବରେ । ଇତିହାସରେ ହୁଏତ ସେମାନେ ରହିବେ । କିନ୍ତୁ ଇତିହାସର ସେ ଗର୍ଭରୁ ସେମାନଙ୍କୁ କିଏ ବାହାର କରିଯାଇ ପାରିବ ? ହୁଏତ ନୁହେଁ । ଆଜି ଗଣତନ୍ତ୍ର ଯୁଗରେ ସେମାନଙ୍କର ସ୍ଥାନ ନାହିଁ । ଅସଂଖ୍ୟ ଗଣ ପାଇଁ ଜଣେ ସବୁ ସ୍ୱାର୍ଥତ୍ୟାଗ କରିବାକୁ ହୁଏତ ବାଧ୍ୟ ।

ସେ ତ ଲେଖି ପାରନ୍ତା ଏକ ଇତିହାସ—ଯେଉଁ ଇତିହାସରେ ରହନ୍ତା କିପରି ତାର ପରିବାର ଦିନେ ଅକସ୍ମାତ ଧ୍ୱଂସ ପାଇଯାଇଛି, କିପରି କରୁଣ ଭାବରେ ସଙ୍ଗମୀତ ପାଇଁ । ସେ ଇତିହାସର ପ୍ରତ୍ୟେକ ପୃଷ୍ଠାକୁ ଲେଖନ୍ତା ନିଜର ବୁକୁ ରକ୍ତରେ, ସେ ରକ୍ତରେ ସେ ଲେଖନ୍ତା ଆଜିକାଲିର ଗଣତନ୍ତ୍ର ଯୁଗ କଥା ନୁହେଁ—ଏହି ଗଣତନ୍ତ୍ର ଭିତରେ

ଯେଉଁ ଅଜ୍ଞାତ ରାଜନୀତି, ଅଜ୍ଞାତ ନେତୃତ୍ୱ ମୁଣ୍ଡ ଟେକି ଉଠିଛି ତାର ଅପମୃତ୍ୟୁରେ । ସେ ଲେଖନ୍ତା ଇତିହାସ ପୃଷ୍ଠା ପରେ ପୃଷ୍ଠା, ଜଣେ ଅନେକଙ୍କ ପାଇଁ ପ୍ରାଣ ଦେବାର କି ଆବଶ୍ୟକତା ଅଛି ? ଜଣେ ଯଦି ଶହେଜଣଙ୍କ ପାଇଁ ଆତ୍ମ ତ୍ୟାଗ କରେ, ନିଜର ସୁଖ ସ୍ୱାଚ୍ଛନ୍ଦ୍ୟରେ ଜଳି ଯାଏ ତେବେ ତାର ଲାଭ କେଉଁଠି ? ହୋଇପାରେ ଆଜି ଶହେ ଜଣ ବଞ୍ଚିବେ, ହୋଇପାରେ ଅଯୁତ ହଜାରେ ଜଣ ଏ ପୃଥିବୀରେ ଆଉ କେତେଦିନ ପାଇଁ ସୁବିଧାରେ ବଞ୍ଚି ରହି ପାରିବେ, କିନ୍ତୁ ତାର ? ତାର କଣ ହେଲା ?

ଆଜି ଗଣତନ୍ତ୍ରର ଏ ଯୁଗରେ ଏକଥା କଳା ଦାଗ ହୋଇଛି । ସରି ରୁହୁଁଲ ଆକାଶକୁ । ଆକାଶରେ ଚନ୍ଦ୍ର ହସୁଛି । ଆଜି ଯଦି ଗଣତନ୍ତ୍ର ଦରବାରରେ ଏହି ଚନ୍ଦ୍ରର ବିଚାର ହୁଏ, ହୁଏତ ଏହାର ଫାଶୀ ପାଇବ । ଅତୀତରେ କେତେ କେବାର ସମସ୍ୟା ସୃଷ୍ଟି କରିଛି ଏହି ଚନ୍ଦ୍ର । ଏହି ଚନ୍ଦ୍ର କାରଣ, ଏହି ଜ୍ୟୋସ୍ନା ରାତି କଥା ଭାବି ଭାବି ଅନେକଙ୍କ ମୁଣ୍ଡରେ ଜାଗିଛି ଭଲ ପାଇବାର ନିଶା, କବିତା ଲେଖିବାର ମୋହ···ଏହିପରି ଅସଂଖ୍ୟ ମୂଲ୍ୟବାନ ଶିଅଳି ! ଏଇ ଚନ୍ଦ୍ରକୁ ସେମାନେ ନ ଦେଖିଥିଲେ ହୁଏ ତ ସେମାନେ ସମଗ୍ର ଜାତିର ମଙ୍ଗଳ ପାଇଁ ଉତ୍ପାଦନ ଅଧିକ କରିଥାନ୍ତେ ଯାହା ଦରକାରୀ, ଲାଭ ପାଇଁ ଉପକାରୀ—ସେପରି ଜନସ୍ୱାର୍ଥ ଉତ୍ପାଦନ ହୁଏତ ବଢ଼ି-ଥାନ୍ତା । କିନ୍ତୁ ଏଇ ଚନ୍ଦ୍ର ପାଇଁ, ହୋଇଛି କଣ ? ଖୋଡ଼ାଏ ବାଜେ କବିତା ଲେଖା, ବାଜେ କେତେଟା ନାରୀଙ୍କ ପାଇଁ ପ୍ରେମ ନିଶା ! ସମୟ ନଷ୍ଟ, ତା ସଙ୍ଗେ ସଙ୍ଗେ କାର୍ଯ୍ୟ ଓ ଶକ୍ତି ବି ନଷ୍ଟ । କେତେ-ଗୁଡ଼ାଏ ଲୋକଙ୍କ କର୍ମକୁ ଜାତିକୁ ବେହିଁଙ୍କ କରିବା କଣ କମ ଅପରାଧ ? ଚନ୍ଦ୍ର ନିଶ୍ଚୟ ଏତେବଡ଼ ଗୁରୁତର ଅପରାଧ ପାଇଁ ଫାଶୀ ପାଆନ୍ତା ।

ରାତିର ନିସ୍ତବ୍ଧତା ଭେଦ କରି ଟ୍ରେନ୍ ଚାଲିଛି । ସେ ହୁଏତ ଏଇ ଗଣତନ୍ତ୍ରକୁ ଉପହାସ କରୁଛି । କାରଣ ଏଇ ଜ୍ୟୋତ୍ସ୍ନା ସ୍ୱର୍ଣ୍ଣି ଉପଭୋଗ କରୁ ଥିବାରୁ ଦେଶର ଦ୍ରୋହୀ ବୋଲି ଜାଣିଲେ ହୁଏତ ଗଣତନ୍ତ୍ର ତାକୁ ଫାଶୀ ଦେଇଦେବ !

ହଁ, ସେ ଇତିହାସ ଲେଖିବ, ଇତିହାସ ,ଲେଖିବ କିପରି ସୁନ୍ଦରୀ ପ୍ରତିମା ତାର ସମସ୍ତ ସୌନ୍ଦର୍ଯ୍ୟକୁ ଫିଙ୍ଗି ମୁକ୍ତ ଆଡ଼େ ଧାଇଁଛି, ଶିଶୁ ସବୋଜ ତାର ସ୍ୱର୍ଗୀୟ ସରଳତା ଛାଡ଼ି,'ଭୋକ' 'ଭୋକ' ବୋଲି ଚିତ୍କାର କରୁଛି ଆଉ ପ୍ରଫେସର ସଚ୍ଚି ବୋଷ୍ଟ ଇତିହାସ ଗବେଷଣା ଛାଡ଼ି ନିଜକୁ ହଜାଇ ଦେଉଛି ଭାତର ଅନ୍ୱେଷଣରେ ।

ଏ ଇତିହାସର କଣ କିଛି ମୂଲ୍ୟ ନାହିଁ ? ଗଣତନ୍ତ୍ର କଣ ଏ ଇତିହାସକୁ ଆବର୍ଜନା ବୋଲି ଫିଙ୍ଗି ଦେବ ? ଆଜିର ଏ ଗଣତନ୍ତ୍ର ଯୁଗରେ ଗୋଟିଏ ଆଶ୍ରୟପ୍ରାର୍ଥୀ ବଙ୍ଗର ଇତିହାସ କଣ ଗଣତନ୍ତ୍ରର ଇତିହାସ ନୁହେଁ ? ହୁଏତ ନୁହେଁ ।

ପ୍ରତିମା ଡାକିଲା । କହିଲା, ଏଇ ଆଗ ଷ୍ଟେସନରୁ ମୁଢ଼ି କିଛି କିଣି ନବ ।

ସଚ୍ଚି କହିଲା, ମୁଢ଼ି କଣ ଏତେ ସସ୍ତାରେ ମିଳିବ ? ଦେଖେ ଯଦି ମିଳିବ ତ କିଣି ନବା ।

ଆଗ ଷ୍ଟେସନରୁ ତିନିଅଣାର ମୁଢ଼ି କିଣିଲା ସଚ୍ଚି । ଖୁବ୍ ଦରକାରରେ ଆସିଲା ଏ ତିନିଅଣା । ବାକୀ ରହିଲା ଅଣାଏ ।

—ଦୁଇ—

ସକାଳୁ ପ୍ରଥମେ ନିଦ ଭାଙ୍ଗିଲା ସଞ୍ଜିର । ନିଦ ବି ଭାଙ୍ଗି ନ ଥାନ୍ତା ଏତେ ଶୀଘ୍ର, ଯଦି ଉପରୁ ତା ଉପରେ ପାଣି ପଡ଼ି ନ ଥାନ୍ତା । ବାରଣ୍ଡାରୁ ତଳକୁ ଓହ୍ଲାଇ ଉପରକୁ ଚାହିଁଲା । ଉପର ମହଲାର ବାରଣ୍ଡାରେ ତାର କାଲି ଦଉଡ଼ି ହୋଇଛି । ସେଇ ତାରକାଲିର ଗୋଟାଏ ଜାଗାରେ ଫଣା ହୋଇଛି । ସେଇ ଫଣା ବାଟେ କିଏ ପାଣି ଫିଙ୍ଗି ଦେଲା କି କଣ ! ପ୍ରତିମା ଆଉ ସତ୍ୟେନକୁ ଉଠାଇବ କି ନ ଉଠାଇବ ଭାବୁଛି, ପ୍ରତିମା ଉପରେ ଉପରୁ ଧୂଳି ଆଉ ପରିବା ଚୋପା ଥୋଡ଼ାଏ ଆସି ପଡ଼ିଲା । ସେ ଆଉ ଥରେ ଉପରକୁ ଚାହିଁଲା । ଉପର ମହଲାର ବାହାରୁ ଗୋଟିଏ ମୋଟା ସ୍ତ୍ରୀର ହାତ ଲୁଚି ଯାଉଛି । ପ୍ରତିମାକୁ ଉଠାଇଲା । ପ୍ରତିମା କହିଲା, ଇସ୍ ଏ ଧୂଳିଗୁଡ଼ାକ କେଉଁଠୁ ଆସି ପଡ଼ିଲା ?

ସଞ୍ଜି କହିଲା, ଚୁପ୍ ଚୁପ୍, ବଡ଼ ଲୋକ, ପାଟି ଫିଟେଇବାର କୁ ନାହିଁ । ଦେଖିଲ ଏମା ଉପରେ କପଡ଼ ମଇଳା ପାଣି ପଡ଼ୁଛି !

ପ୍ରତିମା କହିଲା, ସକାଳଠାରୁ ଏତେ ଶୀତରେ ଏଇ ପାଣି ! ସତ୍ୟେନକୁ ତଳୁ ଉଠାଇ ଆଣିଲା । ତଳେ ଖଣ୍ଡେ ଛିଣ୍ଡା ଅଖା ପଡ଼ି ହୋଇଥିଲା । ସେଇଟାକୁ ପ୍ରତିମା ଗୋଟାଇ ଆଣିଲା । ସଞ୍ଜି ଚାଲିଲା ଆଗରେ, ତା ପଛରେ ପ୍ରତିମା । ସେ ଯାଇ ଗୋଟିଏ ପାଣିକଳ ଆଗରେ ସତ୍ୟେନକୁ କାଖରୁ ତଳକୁ ଓହ୍ଲାଇ ଦେଲା । ପାଣିକଳ ଫିଟାଇ ପେଟେ ପାଣି ପିଇଲା । ପ୍ରତିମା କହିଲା, ମୁଁ ବି ଟୋପାଏ ପାଣି ପିଇବି —ଭାରି ଶୋଷ ହେଉଛି ।

ସଞ୍ଜି ହସିଲା । କହିଲା, ହଁ ପର, ଶୀତ ଦିନ ସକାଳେ ତ ଭାରି ଶୋଷ ହୁଏ ! ପ୍ରତିମା ଚୁପ୍ ରହି ପାଣି ପିଇବାକୁ ଲାଗିଲା ।

ଏଇ ସମୟରେ ସରୋଜ କହିଲା, ବାପା, ଖୁବ୍ ଶୀତ ହେଉଛି—

ସରି ଛିଣ୍ଡା ଅଖାଟା ଭଲୁ ଗୋଟାଇ ସରୋଜ ଦେହରେ ଗୁଡ଼ାଇ ଦେଇ ମୁହଁ ଖାଗଟା ତା ଦ ହାତରେ ଧରାଇ ଦେଲା ।

ହେ, ଉଠୁଭ ସେଠୁ, ମୁଁ ଗାଧୋଇବ,

ସରି ଅନେଇଲା । ଟୁଥ୍ ବ୍ରସରେ ଦାନ୍ତ ଘଷି ଘଷି ଜଣେ ବାବୁ ତାର ଆଡ଼କୁ ଅନାଇ କହୁଛନ୍ତି । ବାବୁଙ୍କ ଦ ହାତର ଆଙ୍ଗୁଳିରେ ତିନୋଟା କି ଚାରିଟା ସୁନାମୁଦି ଦେଖାଯାଉଥାଏ । ପ୍ରତିମା ତାଙ୍କ ପାଟି ଶୁଣି ପାଣିକଳ ପାଖରୁ ଚାଲିଆସିଲା । ପୁଣି ସରି ଚାଲିଲା । ଆଗରେ ପ୍ରତିମା, ତା ପଛରେ ତା ହାତ ଧରି ଚାଲିଲା ସରୋଜ ।

ଏତେବେଳ ଯାଏ ସୂର୍ଯ୍ୟକିରଣ ପଡ଼ିନାହିଁ । ଦେହ ଶୀତରେ ଥରି ଉଠୁଛି । କାନ, ବେକ, ହାତ ଗୋଡ଼ ଥଣ୍ଡାରେ ଜଡ଼ ହୋଇ ଆସୁଛି ।

ସକାଳ ଟ୍ରେନ ପାଇଁ ଟାଉନ୍ ବସ୍ଟା ଖୁବ୍ ଜୋରରେ ଚାଲିଗଲା ।

* * * *

ଦିନ ପ୍ରାୟ ନଅଟା ହେବ ।

ସରି ରାସ୍ତାରେ ଯାଉଥିବା ଜଣେ ଲୋକକୁ ପଚାରିଲା—ଆଜ୍ଞା, ଏଠି ଧର୍ମଶାଳା କେଉଁଠି ଅଛି ? ଲୋକଟି ପ୍ରଥମେ ଚାହିଁଲା ତା ଆଡ଼େ, ତାପରେ କିଛି ନ ବୁଝିଲା ପରି ଆଗକୁ ଚାଲିଗଲା । ସରି ପୁଣି ଆଉ ଗୋଟିଏ ଲୋକକୁ ପଚାରିଲା, ଭାଇ, ଧର୍ମଶାଳା କେଉଁଠି କହିପାରିବ ? ଲୋକଟି ହଠାତ୍ ରହିଯାଇ କହିଲା, ତମ ଘର କେଉଁଠି ? ସେ ସେ କଥାକୁ ନ ଶୁଣି ପୁଣି ପଚାରିଲା, ଧର୍ମଶାଳା—ଧର୍ମଶାଳା କହିପାରିବେ ?

ଉତ୍କଳୀୟଙ୍କର ପୁଣି ଧର୍ମଶାଳା ଦରକାର ହେଲାଣି । ଏତକ କହୁ କେଉଁଠି ଗୁଲିଗଲା । ଶେଷରେ ଗୋଟାଏ ଉତ୍କଳୀୟଠାରୁ ଧର୍ମଶାଳାର ସନ୍ଧାନ ମିଳିଲା । ସେ ଗୁଲିଲା ଧର୍ମଶାଳା ଉଦ୍ଦେଶ୍ୟରେ । ଧର୍ମଶାଳାରେ ପହଂଚ ମ୍ୟାନେଜରଙ୍କୁ ଇଂରେଜୀରେ ପଗୁରିଲା, ଜାଗା ମିଳିବ ? ମ୍ୟାନେଜର ତା ଆଡ଼କୁ ଗୁହିଁ ପୁଣି ମୁହଁ ଫେରାଇନେଲା । ସେ ଆଉଥରେ ପଗୁରିଲା, କଣ ଜାଗା ମିଳିବ ? ମ୍ୟାନେଜର ଉତ୍ତର ଦେଲା, ହଁ, କିନ୍ତୁ ଦିନକୁ ଦଶ ପଇସା, ଲାଇଟଗୁର୍ଜ ଦଶପଇସା ।

ଦଶ ପଇସା କାହିଁ ? ପକେଟରେ ପଡ଼ିଛି ଅଣିଟିଏ । ଆଉ କିଛି ପଇସା ହେଲେ ଆଜି ଦିନଟର ଖାଇବା ଅନ୍ତତଃ ଚଳିଯାଆନ୍ତା । ହଉ ଦେଖାଯାଉ ଦୁଇତ ପୁଣି ଅଛି । ଆଉଥରେ ପଗୁରିଲା, ଯିଏ ରାତରେ ନ ରହିବ ? ମ୍ୟାନେଜର ଏଇ କଥାରେ ରାଗି ଗଲାକି କଣ । ତା ଆଡ଼କୁ ଗୁହିଁ କହିଲା, କାହାପାଇଁ ପଗୁରୁଛ ?

ମୋ ପାଇଁ ।

ମ୍ୟାନେଜର ହସି ଦେଇ କହିଲା, ଏଠି ଯାତ୍ରୀମାନେ ରହନ୍ତି, ଭିକାରୀମାନେ ରହନ୍ତି ନାହିଁ । କାହା ବାରଣ୍ଡା ଦେଖିବ ଯାଅ ।

ଓଃ, ବାବୁ ଶୁଣ, ମୁଁ ପୂର୍ବ ବଙ୍ଗରୁ ଆସିଛି, ମୁଁ ଆଶ୍ରୟ ପ୍ରାର୍ଥୀ—ମାନେ ମୋର କିଛି ନାହିଁ···ଏଠିକି ପଳେଇ ଆସିଛି । ସରକାରଙ୍କଠାରୁ କଣ ସାହାଯ୍ୟ ମିଳିପାରେ···

ଜଣେ ଯାତ୍ରୀ ଏଇ ସମୟରେ ପଶି ଆସି କହିଲା, ଗୋଟାଏ ରୁମ ଦରକାର ଉପର ମହଲାରେ, ମିଳିବ ?

ମ୍ୟାନେଜର ବାବୁ ହସି ହସି କହିଲେ, ମିଳିବ ।

ସଚି ଧର୍ମଶାଳାର ପାହାଚ ଦେଇ ଓହ୍ଲାଇ ଆସିଲା ତଳକୁ । ପ୍ରତିମା ସତେଇକୁ କାଖରେ ଧରି ତାକୁ ଅପେକ୍ଷା କରୁଥିଲା । ସଚି କହିଲା, ଜାଣିଲ ସବି, ଏଠି ବି ଆମର ସ୍ଥାନ ନାହିଁ··· । ଅନେକ ଦିନ ପରେ ଆଖିରୁ ତାର ଦୁଇ ବିନ୍ଦୁ ଲୁହ ଗଡ଼ି ପଡ଼ିଲା । ମଇଳା ଜାମିଟରେ ଆଖି ପୋଛି ଦେଇ ସେ ଚାଲିଲା । କାଲି ରାତିରେ ଦିଟା ମୁଢ଼ି ସେ ଖାଇଥିଲା । ପ୍ରତିମା ଆଉ ସତେଇ ବି ଉପୋସ୍ତା । ମୋଟେ ତିନି ଅଣାର ମୁଢ଼ି, ଆଉ ଖାଇବାକୁ ତିନିଜଣ ।

ଗୋଟାଏ ଭିକାରୀ ଜଣଙ୍କ ଦୁଆରେ ଠିଆ ହୋଇ ମାଗୁଥାଏ, ହେ ବାବୁ ଭିକ ଗଣ୍ଡାଏ ଦିଅ ।···ସେ ଯଦି ଅଳ୍ପ ପାଠ ପଢ଼ିଥାନ୍ତା କି ମୂର୍ଖ ହୋଇଥାନ୍ତା, ତେବେ କି ଆନନ୍ଦରେ ସେ ଭିକ ମାଗି ପାରୁଥାନ୍ତା । କିନ୍ତୁ ଏବେ ଭୋକ ଉପାସ, ଅଭାବରେ ରହି ବି ମଧ୍ୟ ଭିତରର ସେ ଅହଙ୍କାର ଆଜଯାଏ ସେପରି ଯାଇନାହିଁ । କେଉଁଥିପାଇଁ ତାର ଏ ଅହଙ୍କାର ? କେଉଁଥିପାଇଁ ତାର ଏ ଗର୍ବ ?

ସେ ଦିନେ କେଉଁ ଦିନ ସିନା ଇତିହାସ ଲେଖୁଥିଲା, କିନ୍ତୁ ଆଜି ସେ ଇତିହାସ ସୃଷ୍ଟି କରି ଚାଲିଛି । ଏ ଇତିହାସ ତିଆରି ଚାଲିଥିବ ହୁଏତ ତାର ମୃତ୍ୟୁ ଯାଏ ।

ସତେଇ ଏଇ ସମୟରେ କାନ୍ଦଣା ଆରମ୍ଭ କରି ଦେଲା ଖାଇବା ପାଇଁ । ପ୍ରତିମା ତାକୁ ଗେଲ କରି ଦେଇ କହିଲା, ଖା, ଖା, ମତେ ଖା ।

ସଚି ସତେଇର ହାତ ଧରି ଆଗକୁ ଚାଲିବାକୁ ଲାଗିଲା ।

ଜୀବନ, ଏହାର ଜୀବନରେ ଲାଭ କଣ ? ଯେଉଁ ଜୀବନରେ ବଟବାର ସ୍ୱାଦ ମିଳେନା, ଯେଉଁ ଜୀବନରେ ବଟବାର ସ୍ୱାର୍ଥିକତା ଉପଲବ୍ଧି ହୋଇ ହୁଏନା, ସେ ଜୀବନ ନ ଥିବା ସଙ୍ଗେ ସମାନ ।

ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠି ଆସିଲାଣି । ଶୀତ ଦିନର ଖରା । ତଥାପି ଖରାରେ ଠିଆ ହେଲେ ମୁଣ୍ଡ ବୁଲାଇ ଦେଉଛି । ଆଉ ଘରକୁ ଆସିଲେ ଶୀତ ।

ସହରର ବାହାରକୁ ବୁଲି, ବୁଲି ଆସିଛନ୍ତି ସେମାନେ । ନାଲି ରାସ୍ତା ସ୍ୱାସ୍ଥ୍ୟ ନିର୍ଜନ । ଗୋଟିଏ ଗଛ ମୂଳେ ପ୍ରତିମା ଆଉ ସତ୍ୟେଶ ବସିଲେ । ପ୍ରତିମା କହିଲା, କୁଆଡ଼େ ଯାଉଛ ଶୁଣେ ?

ସ୍ୱରି କହିଲା, ଯାଉଛି ଅସୀମର ପଥରେ···ସେ କିଛି ଆଗକୁ ଯାଇ ପଛକୁ ବୁଲିଁଲା, ପ୍ରତିମା ଆଉ ସତ୍ୟେଶ ଗୋଟିଏ ଗଛମୂଳେ ବସି ଯାଇଛନ୍ତି । ପୁଣି ପଛକୁ ଫେରିଲା ସେମାନଙ୍କ ପାଖକୁ ଆସିବା ପାଇଁ । ସତ୍ୟେଶଙ୍କୁ ପ୍ରତିମା ଅଖା ଖଣ୍ଡିକ ପକାଇ ଦେଇ ଗଛମୂଳେ ଶୁଆଇ ଦେଇଛି ।

ସେ ପ୍ରତିମା ଆଗକୁ ଆସି କହିଲା, କେବେ ଭାବି ଥିଲ ପରା ଏପରି ସମୟ ଆସିବ ବୋଲି ? କେବେ କଳ୍ପନା କରିଥିଲ ତମ ଆଦରର ଝିଅ ସତ୍ୟେଶଙ୍କ ସଙ୍ଗରେ ଛିଣ୍ଡା ଅଖା ଉପରେ ଶୀତରେ ଥରରରେ ଏମିତି ଫୁଙ୍ଗା ହୋଇ ଗଛ ମୂଳେ ପଡ଼ିବ ବୋଲି ? ହୁଏତ କାହାର୍କି, ନିଶ୍ଚୟ ନୁହେଁ । ଏଇଟି ତ ରହିଛି ଜୀବନର ଆଶ୍ଚର୍ଯ୍ୟ । ମଣିଷ ଯାହା ଭାବି ନ ଥାଏ, ତା ଜୀବନରେ ତାହା ଘଟେ, ଆଉ ଯାହା ଭାବିଥାଏ ଘଟିବ ବୋଲି, ତାହା କେଉଁଆଡ଼େ ହଜାଇ ଯାଏ । ପ୍ରତିମା ଦୂରକୁ ଅନାଇ କଣ ଭାବୁଥିଲା ବୋଧହୁଏ । ସେ

କାନ୍ତି ଉତ୍ତର ଦେଲାନି । ସଙ୍ଗି କହିବାରେ ଲାଗିଲା—ସଖି, ତମେ ଏତେ ଭାବ କଣ ? ହଁ, ମୁଁ ଜାଣି ବୁଝୁଛି ଆମର ଜୀବନରେ ଦୁଃଖ ହୋଇଛି, ତଥାପି ଭାବିଲେ କଣ ଆଉ ଦୁଃଖ ପୂରିଯିବ ? ତାଠାରୁ ବରଂ ହସ, ଖେଳ, ଆନନ୍ଦ କର । ହେଇ ମୋ ଆଡ଼କୁ ଅନାଇଲ ମୁଁ କିପରି ହସୁଛି ହାଃ—ହାଃ—ହାଃ···

ପ୍ରତିମା ତଥାପି ଚୁପ ରହି ସ୍ଥିରା ଆରପାଖେ ଥିବା ଧାନ-କ୍ଷେତ ଆଡ଼କୁ ଚାହିଁ ଥାଏ । ଦୁଃଖ-ଜୀବନରେ ଦୁଃଖକୁ ଭାବି ଭାବି ଅଧିକ ଦୁଃଖ ବଢେ । କିନ୍ତୁ ଦୁଃଖ ଯେତେବେଳେ ଦେହର ସବୁ ଅଙ୍ଗରେ ମନର ଚିନ୍ତାରେ ଭାବରେ ସବୁଠାରେ ରହୁଛି ସେତେବେଳେ ତାକୁ ଭୁଲି ହେବ କିପରି ? ସେ ନିଜେ ତ ଭୁଲିପାରୁନି ଦୁଃଖକୁ ଆଉ କହୁଛି ପ୍ରତିମାକୁ ଭୁଲିଯିବାକୁ ।

ଏହି ସମୟରେ ଜଣେ ଲୋକ ସାଇକେଲରେ ସେଇ ବାଟେ ଯାଉ ଯାଉ ପ୍ରତିମା ଉପରେ ତାର ଦୃଷ୍ଟି ପଡ଼ିଗଲା । ସାଇକେଲରୁ ଓହ୍ଲାଇ ଲୋକଟି ସଙ୍ଗି ପାଖକୁ ଆସି କହିଲା, ଆସ୍ତୁ, ଦବୁ ଏ ଲୋକଟାକୁ ?···ପ୍ରତିମା ଆଡ଼େ ହାତ ଦେଖେଇଲା ।

ସଙ୍ଗି କହିଲା, ହେବ ଯେ, କଣ କରିବୁ ତାକୁ ନେଇ ? ବୁଢ଼ୀଟେ ।

ଲୋକଟି ହସିଲା । ତା କାନରେ ଚୁପ ଚୁପ କରି କହିଲା, ନାଇ ଖାଇବାକୁ ନ ପାଇ ସେମିତି ହୋଇ ଯାଇଛନା, ଖାଇବାକୁ ପାଇଲେ ବେଶ ବାହାରି ଯିବ ଯେ । ବେଶ କାମକରି ପାରିବ ସେ । ଦବୁ ? ଚାକରାଣୀ ଗୋଟାଏ ଦରକାର ଥିଲା· ·

ସଙ୍ଗି ପଚାରିଲା, ଅଚ୍ଛା ତୁ ଆଉ ନବୁନା ?

ଲୋକଟି ହସି ହସି କହିଲା, ମା'କୁ  ସେତେବେଳେ ନେଇ ଆଉ ଝିଅକୁ ନେବନାହିଁ ?

ମତେ କଣ ଦବୁ ?

ଲୋକଟି ଗଛମୂଳେ ସାଇକେଲଟା ଆଉଜାଇ ଦେଇ ସଇଁ ପାଖକୁ ଆସି କହିଲା, କେତେ ନେଲେ ଦବୁ ? ସଇଁ ଚୁପ ରହିଲା । ଲୋକଟା ପକେଟରୁ ପାଞ୍ଚଟଙ୍କା ବାହାର କରି ଦେଖାଇଲା, ମୋ ପାଖରେ ତ ବେଶି ନାହିଁ—ଏ ପାଞ୍ଚଟଙ୍କିଆ ନୋଟ ଖଣ୍ଡିକ ଅଛି ।

ସଇଁ ଖେଁ ଖେଁ ହୋଇ ହସି ଉଠିଲା । ଗୋଟାଏ ମଣିଷ ଆଉ ଗୋଟାଏ ଝିଅର ଦାମ ପାଞ୍ଚ ଟଙ୍କାବି ନୁହେଁ, ହାଃ-ହାଃ-ହାଃ...

ଲୋକଟା ତାର ହସରେ ଟିକିଏ ଘଟିଗଲା, ନାହିଁ ଆଉ କେତେ ହବ ? ସେ କଣ ତୋର କି ? କେଉଁଠୁ ଶିଖେଇ ଆଣିଚୁ । ତାକୁ ଖାଇବାକୁ ଦେଇ ପାରୁନୁ ସେ ତାର ଅବସ୍ଥା କଣ ହେଲାଣି ଦେଖିଲୁ ! ଆହା-ହା ଚୁ, ଚୁ; କାହା ଘରୁ ଆସିଚି...

ସଇଁ ହସି ହସି କହିଲା, ଭାରି ତ ସହାନୁଭୂତି ତମର ! ପର ଦୁଃଖରେ ତମ ଆଖିରୁ ଲୁହ ଗଡ଼ି ଆସୁଚି ! କାହିଁ ମୋ ଆଖିରୁ ତ ଲୁହ ଗଡ଼ୁନାହିଁ ? ମୁଁ ତ ସବୁ ଦିନେ ଯାକୁ ଦେଖୁଚି, ତଥାପି କାହିଁକି ଭାବ ମାଡ଼ୁନାହିଁ ତ !

ଲୋକ ଜଣକ କହିଲା, ତୁ ପାପୀ, ତୁ ମୂର୍ଖ, ତୁ କୁଅଡ଼୍, ଅନ୍ୟକୁ ଦୟା କରିବୁ ? ତୁ କାଠ ତୁ ପାପୀ, ତୁ ମୂର୍ଖ !

ସଇଁ କହିଲା, ଓଁଃ ତମେ ଭାରି ଦୟା-ବନ୍ତ ନା ! ସେଇଥି ପାଇଁ ତାର ଦୁଃଖ ଦେଖି ସହି ପାରୁନା ପରା ! କାହିଁକି,ମୋର କଣ

ଅବସ୍ଥା ଖରାପ ନୁହେଁ ? ମତେ କାହିଁକି ଦୟା ଦେଖାଉଛ ନାହିଁ ? ଅନ୍ଧ ଯାଅ, ଅଙ୍ଗ ଧନଷ୍ଟା ଯାଅ, କାଲି ନେଇଯିବ—ମୁଁ ତ ଏଇଠି ଥିବି, ଯାଅ ।

ଲୋକଟି କହିଲା—ହଁ, ଏଇଠି ଥିବୁ, ମୁଁ କାଲି ଆସି ସୁବିଧା କରି ନେଇଯିବ, ସେଇତ ଛୁଣ୍ଡିଲା ! ଲୋକଟି ସାଇକେଲରେ ଉଠି ଚାଲି ଯାଉଥିଲା, ସେ ତାକୁ ପଛରୁ ଡାକି କହିଲା—ହୋ ଭାଇ, ଶୁଣିଯାଅ । ଲୋକଟି ପୁଣି ଫେରି ପାଖକୁ ଆସିଲା ।

ଫେରି କହିଲା, ଚାରଣା ପଇସା ଦେଇଥିବ କି ? ଲୋକଟି ସଙ୍ଗେ ସଙ୍ଗେ ପକେଟରୁ ଚାରଣା ପଇସା ବାହାର କରି ହାତକୁ ବଢ଼ାଇଦେଲା ।

ବିଡ଼ି ପିଉ ଅଛୁ କି ? ଖଣ୍ଡେ ଦେଇ ।

ଲୋକଟି ତା ହାତରେ ବିଡ଼ି ଖଣ୍ଡେ ଦେଲା । ବିଡ଼ି ଖଣ୍ଡକରେ ନିଆଁ ଧରିଲା । ଲୋକଟି ସାଇକେଲରେ ଚାଲିଗଲା ।

ଚାହିଁଲା ପ୍ରତିମା ଆଡ଼େ । ପ୍ରତିମା ପୂର୍ବପରି ବସି ରହିଛି ଗଛ ମୂଳେ । ଏହା ଭିତରେ କାହିଁ ସେହି ଯୌବନ ?

ପଞ୍ଚାଏ ଭିକାରୀ କଥାବାର୍ତ୍ତା ହୋଇ ଯାଉଥିଲେ । କେଉଁଠି ଗୋଟିଏ ଭୋଜି ହେଉଛି । ସେ ପ୍ରତିମାର ହାତ ଧରି ଉଠାଇଦେଲା । ପ୍ରତିମା ସେମାନଙ୍କୁ ଲକ୍ଷ କଲା । ସେମାନେ ଚାଲିଲେ ସେହି ଭିକାରୀ ପଛେ ପଛେ । ସେମାନେ ତ ଭିକାରୀ ! ଭିକାରୀ ଆଉ ସେମାନଙ୍କ ଭିତରେ ପ୍ରଭେଦ କଣ ?

ଶେଷରେ ଯାଇଁ ପହଞ୍ଚିଲେ ଗୋଟାଏ ତିନି ମହଲା କୋଠା ଆଗରେ । ଘର ଆଗରେ ଥୁଆହୋଇଛି କେତେପ୍ରକାର ମଟର ଗାଡ଼ି ।

ଝୁଅଟେଡ଼ି ଜଣେ ବିଖ୍ୟାତ ନେତାଙ୍କୁ ଗୁ ଭୋଜୀ ଦିଆ ହେଉଛି । ଗୁ ଭୋଜ ଦେଉଛନ୍ତି ଶ୍ରେଠ କିଶନଦୟାଲ ଇନ୍ଦର ଗୁଦ ! ସେ ଘର ଉପରକୁ ଗୁହିଁଲା, କୋଠା ବଢ଼ି ବଢ଼ ଗୁଲିଛି । ଆକାଶ ଠାଏ ବଢ଼ି ଗୁଲିଥିବ ଆଉ କେତେ ଦିନ ଯାଏ କିଏ ଜାଣେ ? ଏ ବଢିବାର ହୁଏତ ଶେଷ ନାହିଁ ।

ଉପରୁ ଭାସିଆସୁଛି ମାଂସ ଝୋଳର ଗନ୍ଧ । ଆଉ ସବୁ କେତେ ସୁସ୍ୱାଦୁ ଖାଇବା ଜିନିଷର ଗନ୍ଧ । ଏ ଗନ୍ଧ ଭୋକ ବଢ଼ାଇ ଦେଲା ଯେମିତି । ମଟରକୁ ଘେରି ତଳେ ଠିଆ ହୋଇଛନ୍ତି ଭିକାରୀ ସବୁ । ସତେ ଯେପରି ତାଙ୍କର ସେଇ ବିଖ୍ୟାତ ନେତା ଶେଷରେ ତାଙ୍କ ହାତରେ ଦେଇଦେବେ କିଛି ତାଙ୍କ ଖାଇବା ଜିନିଷରୁ ! ଉପର ମହଲାର ବାରଣ୍ଡାକୁ ନେତା ଆଉ ଅନ୍ୟାନ୍ୟମାନେ ଖାଇସାରି ହାତ ଧୋଇବା ପାଇଁ ଆସିଲେ । ରୁପା ଟବ୍‌ରୁ ସୁନା ପାତ୍ରରେ ପାଣି ନେଇ ସାବୁନରେ ହାତ ଧୋଇଲେ । ତା'ର କିଛି ସମୟ ପରେ ଜଣ ଜଣ ହୋଇ ତଳକୁ ଖସିଲେ । ଜଣକ ବେକରେ ଥୋଡ଼ାଏ ଫୁଲ ମାଳ ପଡ଼ିଥାଏ । ସେ ଜଣକ ବୋଧହୁଏ ଆଜିର ଅତିଥି । ମଟର ଗୁଡ଼ାକ ଗୋଟି ଗୋଟି ହୋଇ ଗୁଲିଗଲେ । ଭିକାରୀ ଦଳ ନିରାଶ ହୋଇ ଗୋଟିକ ପଛରେ ଗୋଟିଏ ଫେରିଲେ । ପ୍ରତିମାର ପଣ୍ଡିତକୁ ଭିଡ଼ ଦେଇ ସଙ୍ଗି କହିଲା, ଦେଖୁଛ କଣ ? ସେମାନେ ଗଣି, ସେମାନଙ୍କର ଯୁଗ—ଆମେ ତ ଗଣି ନୁହଁ, ଆମର ତ ଯୁଗ ନୁହେଁ—

ତାପରେ ଗୋଟିଏ ଗୋଟିଏ ହୋଇ ରାସ୍ତାରେ ଆସିଲେ ସେମାନେ । ରାସ୍ତା କଡ଼ର ଗୋଟାଏ ବଡ଼ ଗୁଲନ୍ତି ହୋଟେଲରୁ ଗୁରଣ ର ବଡ଼ ଆଣିଲ ସଙ୍ଗି । ନିଜ ପାଇଁ ଛ'ଟା ରଖି ବାକି ୪ ଖଣ୍ଟା

ପ୍ରତିମା ହାତକୁ ବଢାଇ ଦେଲା । ପ୍ରତିମା ପଚାରିଲା, ପଇସା ତ ନ ଥିଲା, ପଇସା କେଉଁଠୁ ଆଣିଲ ? ସେ କିନ୍ତୁ ଉତ୍ତର ନ ଦେଇ ଖାଇବାକୁ ଲାଗିଲା । ପ୍ରତିମା ଆଉଥରେ ପଚାରିଲା, ଗୋଟାଏ କଥା କହିଲେ ତମକୁ ଶୁଝିବ ନାହିଁ କି ? ପଚାରୁଛି ସବୁ ପଇସା, କେଉଁଠୁ ଆଣିଲ ?

ପଇସା, ପଇସା ମୁଁ ଆକାଶରୁ ଆଣିଲି । ମୁଁ ଯୋଉଠୁ ଆଣିଲି, ସେଥିରୁ ତମେ କଣ ପାଇବ ?

ସଞ୍ଜି ବରା ଖାଉ ଖାଉ ଭାବିଲା, ଯଦି ସେ ଲୋକକୁ ଆଉ ମିଛ କହି ନ ଥାନ୍ତା ହୁଏତ ଏତକ ମିଳି ନ ଥାନ୍ତା । କହିବା କଥାଁ ଯଦି ମିଛକୁ ପ୍ରୟୋଗ କରାଯାଏ ତେବେ କ୍ଷତି କଣ ? ଆଉ ହୁଏତ ସେ ଲୋକଟା ସେ ଗଛ ମୂଳ ଆସି ଖୋଜିବ, ନ ପାଇଲେ ଅଭିଶାପ ଦେଇ ଚାଲିଯିବ । ଯାଉ, କ୍ଷତି କଣ ? କେତେଟା ପ୍ରାଣୀ ଅନ୍ତତଃ ଗୋଟାଏ ଓଳି ବଞ୍ଚିଗଲେ ତ ?

ପ୍ରତିମା କହିଲା, ଆଜି ଏ ସ୍ୱଭର୍ଣ୍ଣଲ କେଉଁଠି ରହିବାର ବନ୍ଦୋବସ୍ତ କରୁଛ ? ସଞ୍ଜି କହିଲା, ବନ୍ଦୋବସ୍ତ ଆଉ କଣ ? ଏମିତି କୋଉ ବାରଣ୍ଡାରେ ପଡ଼ିଯିବା । ମୁଣ୍ଡ ହଲାଇ ପ୍ରତିମା କହିଲା, ଉଃ କାଲି ଯୋଉ ଶୀତ, ପିଲାଟା ଏ ଶୀତରେ ଆଉ ବଞ୍ଚିବ ? ନା, ଆଜି କେଉଁଠି ଦେଖ ।

ସଞ୍ଜି ଗୋଟାଏ ପାର୍କ ଦେଖି ତା ଭିତରକୁ ପଶିଗଲା । ପ୍ରତିମା ତା ପଛେ ପଛେ । ଗୋଟାଏ ବେଞ୍ଚ ଉପରେ ବସିଲା । ଚାରିଆଡ଼କୁ ଅନାଇଲା । ଚାରିଆଡ଼େ ଆକାଶକୁ ଛୁଇଁଛି ମଣିଷ ଗଢ଼ା ଘର । ମଣିଷର ପ୍ରକୃତି ବିରୁଦ୍ଧରେ ଅଭିଯାନ ଚାଲିଛି । ଧନକୁ ଧନ ଭାଉ ବିକାଶ ଚାଲିଛି । ଆଉ ପ୍ରକୃତିର ବି ସେଇ ଅନୁପାତରେ ସଙ୍କୋଚ

ଚାଲିଛି । କିନ୍ତୁ ମନୁଷ୍ୟର ଏଇ ଅଦମ, ଅତି ପୁରାତନ ସମସ୍ୟା, ସଂଘର୍ଷ ପ୍ରକୃତି ବିରୁଦ୍ଧରେ—ଏଇ ଭୋକ ବିରୁଦ୍ଧରେ ତାହା ଅଜଯାଏ କଣ ସମାଧାନ ହେଲା ? ପ୍ରକୃତି ବିରୁଦ୍ଧରେ ମଣିଷ ଏଇ ଅତି ପୁରାତନ ସଂଗ୍ରାମରେ ହୁଏତ ହାରି ଯାଉଛି !

ପଶ୍ଚିମ ଆକାଶରେ, ମଣିଷ ତିଆରି ପ୍ରାସାଦର ଅରଗାଡ଼େ ସୂର୍ଯ୍ୟ ଅସ୍ତ ଯାଉଛି । ପଶ୍ଚିମ ଆକାଶର କେଉଁ ଅଞ୍ଚଳରେ ହୁଏ ତ ମଣିଷ ଆଉ ପ୍ରକୃତିର ରକ୍ତାକ୍ତ ସଂଗ୍ରାମ ଚାଲିଛି । ବହୁତ ଦିନ ପରେ ସର୍ଜିଭ ଗୀତ ବୋଲିବା ପାଇଁ ଇଚ୍ଛା ହେଲା । କି ଗୀତ ସେ ବୋଲିବ ? ପ୍ରେମ ଗୀତ ? ତାଠାରୁ ବରଂ ଯଦି ଭାତର ପ୍ରଶଂସା ଗୀତ ଗାଇ ପାରନ୍ତା, ହୁଏତ ସେ କିଛି ଟଙ୍କା ଦିଅନ୍ତା —ଆଉ ଦେଉଦେଉନ ହୁଏ ତ ଚାଲି ଯାଇ ହୁଅନ୍ତା ଜର୍ଦ୍ଦୂରେ ।

ପରେ ଦୁଇଥର କାଶି, ସେ ଆରମ୍ଭ କଲା—

ଯଦି ଦୁଆରେ ଆସିଲ କମଳାପୁ
　　　　ଅଖି ଲୋତକ ଗଲା ଯେ ଛୁଇଁ
ଆଜି ଭିତରେ ବାହାରେ ମୋର
　　　　ଭୋକ, ତମରେ ଯାଉଛି ମୁହିଁ
ଶିରରେ ଛୁଟିବ ଯେବେ ରକତ ସୁଅ
　　　　ଶୁଣେ ତାହାର ମଧ୍ୟେ ନିଶ୍ୱାସ ଲିଅ
ତମେ ଆସିବ ଆସିବ ବାହାର ହେ
　　　　ମୁହିଁ ମରିବି ଘରଣ ପାଇ···

ଗୀତ ବୋଲି ସାରିଲା ସର୍ଜି । ହଠାତ୍ ପଛରୁ ଜଣେ କିଏ କହିଲା···ବାଃ, ବେଶ୍ ତ ଗାଇପାର । ସେ ଅନାଇଲା । ଅଦ୍ଭୁତ ଶିକ୍ଷିତ ଯୁବକ ପରି ଜଣା ଯାଉଛି । ତାକୁ ଡାକି କହିଲା, ଏଇ

ବେଞ୍ଚରେ ବସନ୍ତୁ । ଯୁବକଟି ଟିକିଏ କେମିତି ସଙ୍କୋଚ ବୋଧକଲା ପରି ଲାଗିଲା । ସେ କହିଲା, ଓଃ ବୁଝିଲି ଗୋଟାଏ ଭିକାରୀ ସଙ୍ଗେ ବସିବାକୁ ପୁଣି ଏକା ବେଞ୍ଚରେ ଖରାପ ଲାଗୁଚି ନା ? ଯୁବକଟି ଏଥର ବିନା ବାକ୍ୟ ବ୍ୟୟରେ ସେଇ ବେଞ୍ଚରେ ଗୋଟାଏ କଣକୁ ବସି ପଡ଼ିଲା ।

ସଭି କହିଲା, ଗୀତଟା ଆପଣଙ୍କୁ ବେଶ୍ ଭଲ ଲାଗିଲା, ନୁହେଁ ?

ନିଶ୍ଚୟ, ତମର କଣ୍ଠ ତ ବେଶ ଭଲ ଅଛି । କିଏ ଏଇ ଗୀତଟା ଶିଖେଇ ଥିଲା ?

ସେ ହସିଲା, କହିଲା, ନାଇ ମନକୁ ଶିଖିଥିଲି ।

ବୁଝିଲି, କିନ୍ତୁ ଏ ଗୀତଟା ପାଇଲ କେଉଁଠୁ ?

ମୁଁ ଏ ଗୀତଟା କରିଚି ବୋଲି ବିଶ୍ୱାସ ହେଉନାହିଁ, ନୁହେଁ ?

ଯୁବକଟି ସେମିତି ବିଶ୍ୱାସ କଲାନାହିଁ । ସନ୍ଦେହ ଆଖିରେ ଅନେଇଲା ସେ ତାକୁ । କିଛି ସମୟ ପରେ ପଚାରିଲା, ତମ ଘର କେଉଁଠି ?

ମୋର ଘର ? ମୋ ଘର କହି ସାରିବା ପରେ ପଚାରିବ. ନାଁ କଣ, କଣ ପାଇଁ କରିଚି ଏଠିକି କାହିଁକି ଆସିଚି, ନୁହେଁ ? ମୁଁ ତ ଜଣେ ମଣିଷ, ଜଣେ ଭାରତୀୟ ମଧ୍ୟ । ଦରକାର କଣ ଜାଣିବାରେ ନାଁ ଗାଁ ପରିଚୟ ? ଭାରତୀୟ କହିଲେ କଣ ଯଥେଷ୍ଟ ନୁହେଁ ? ଶୁଣ, ମୁଁ, ଏଇ ପାଖରେ ବସିଚି ମୋର ସ୍ତ୍ରୀ, ଆଉ ମୋର ଝିଅ । ଆମର ଦୁଃଖ ଦେଖି ତମ ମନରେ କଣ ସହାନୁଭୂତି ଆସୁ ନାହିଁ ? ଆମେ ଗରିବ — ଖାଇବାକୁ ପାଉ ନାହୁଁ, ଏ କଥା ଶୁଣି କରି ମଧ୍ୟ ତମ ମନରେ ଦୟା ଆସୁ ନାହିଁ ? ଯଦି ମୁଁ କହନ୍ତି ମୁଁ ଓଡ଼ିଆ

ତାସରେ ଅପଣ ଯଦି ବ୍ରାହ୍ମଣ ହୋଇଥାନ୍ତି, ମୁଁ ଯଦି ହେବି ବ୍ରାହ୍ମଣ, ତେବେ ଆପଣ ହୁଏତ ଦୟା କରିବେ ।

ଯୁବକଟି କହିଲା, ନା ମୁଁ ଜାଣିବାକୁ ଚାହେଁ ତମେ କେଉଁଠୁ ଆସିଛ । କଥାବାର୍ତ୍ତାରୁ ଜଣାପଡ଼େ ତମେ ବଙ୍ଗାଳୀ ବୋଧହୁଏ ପୂର୍ବବଙ୍ଗରୁ ଆସିଛ ?

ସତି କହିଲା, କେମିତି ଜାଣିଲ ?

ଜାଣିଲି କଥାବାର୍ତ୍ତାରୁ, ଆଜି କାଲି ଅନେକ ଆସୁଛନ୍ତି ପୂର୍ବ ବଙ୍ଗରୁ ।

ପୂର୍ବବଙ୍ଗୀୟମାନଙ୍କ ପାଇଁ ପଶ୍ଚିମ ବଙ୍ଗରେ ଆଉ ସ୍ଥାନ ନାହିଁ । ତେଣୁ ପଳାଇ ଆସୁଛନ୍ତି ସେମାନେ । ଆସାମରେ ବି ଆଉ ଜାଗା ନାହିଁ ।

ପଶ୍ଚିମ ପାରେ କି ତମେ ସେଠାରେ କଣ କରୁଥିଲ ?

ବେଶ ଉଦ୍ୟମୀ ଆପଣ ଜାଣିଛନ୍ତି ତ ! ଓ, ମୋର ତା ହେଲେ ପରିଚୟ ଦେବା ଆବଶ୍ୟକ । ଶୁଣ, ମୁଁ ଡାକ୍ତା କଲେଜରେ—

କଣ ପିଅନ, ନା କ୍ଲର୍କ, କାସମା ଥିଲ ନା ?

ନା ।

ତେବେ ?

ଥିଲି—ବେଶ ଏତିକି ।

ନା, କ'ଣ ଥିଲ ଜାଣିବାକୁ ଚାହେଁ ।

ଥିଲି ଅଧ୍ୟାପକ—ଇତିହାସ ଅଧ୍ୟାପକ

ଯୁବକଟି ଚମକି ପଡ଼ିଲା —ଏଁ !

ମିଛ ନୁହେଁ ସତ କହୁଛି ।

ତେବେ ଏ ଅବସ୍ଥା ଆପଣଙ୍କର କାହିଁକି ?

ସେ ଚୁପ ରହିଲା ।

ଯୁବକଟି ଆଗ୍ରହରେ ପଚାରିଲା, ପଶ୍ଚିମବଙ୍ଗ ସରକାର କ'ଣ ଆପଣଙ୍କୁ କିଛି ପୋଷ୍ଟ ଦେଇ ପାରିଲାନି ?

ବର୍ତ୍ତମାନ ପୂର୍ବବଙ୍ଗରୁ ଏତେ ଅଧ୍ୟାପକ ଓ ଶିକ୍ଷକ ଚାଲି ଆସୁଛନ୍ତି ଯେ ସମସ୍ତଙ୍କୁ ଚାକିରି ଯୋଗାଇବା ଆଦୌ ସମ୍ଭବ ନୁହେଁ । ତାପରେ ପୁଣି କେତେ ଜଣ ଶିକ୍ଷିତ ପଶ୍ଚିମ ବଙ୍ଗର ବେକାର ହୋଇ ବସିଛନ୍ତି ।

ସେ ଚୁପ ରହିଲା । ସେ ମିଛ କହିନି । କଲିକତାରେ ଥିବାବେଳେ ଗୋଟିଏ କମ୍ପାନୀ ଚାକିରି ସେ ପାଇଥିଲା, କିନ୍ତୁ କମ୍ପାନୀ ଠିକ କରିବାକୁ ତାର କପର ଇଚ୍ଛା ହେଲା ନାହିଁ । ସେ ଚାକିରିକୁ ସେ ଗ୍ରହଣ କରି ନ ଥିଲା । ତା ପରେ ପଳାଇ ଆସିଥିଲା ଏଠାକୁ, ଏଠାରେ ଆଉ କୌଣସି ସୁବିଧା ଖାଏ ।

ଏଠିକି କେତେ ଦିନ ହେଲା ଆସିଲେଣି ?

କାଲିଠାରୁ ।

କେଉଁଠି ରହୁଛନ୍ତି—

ସବୁଠାରେ ।

ମାନେ ?

ମାନେ ଆଉ କଣ ହୋଇପାରେ ? ପାର୍କରେ, ହୋଟେଲ ବାରଣ୍ଡାରେ, ଗଛ ମୂଳେ । ଧର୍ମଶାଳାକୁ ଯାଇଥିଲି, ଭିକାରି ବୋଲି ଖାବ ତଡ଼ି ଦେଲେ ।

ଯୁବକଟି କହିଲା, ଆହା କେତେ ହଇରାଣ ହେଲେ ଆପଣ ! ଆଗରୁ ଯଦି ମୁଁ ଜାଣି ପାରିଥାନ୍ତି !

ସରି ଚୁପ୍ ରହିଲା । ଏପରି ସହାନୁଭୂତି ସେ ଅନେକ ଥର ଶୁଣିଛି । ଅନେକ ଜାଗାରେ ଅନେକ ଲୋକ ଠିକ୍ ଏହିପରି ଦୟା ଦେଖାଇଛନ୍ତି । କିନ୍ତୁ ଏଇ ଲୋକଟିର କଥାରେ କିପରି ଦରଦ ରହିଥିଲା ପରି ଜଣା ପଡ଼ୁଛି । ହୁଏତ ଏ ଜଣକ ସେମାନଙ୍କଠାରୁ ଭିନ୍ନ, ଅଲଗା । ହୁଏତ ଏହାର ହୃଦୟରେ ରହିଛି ମଣିଷ ପ୍ରତି ପ୍ରକୃତ ସହାନୁଭୂତି । ସରି ଆଖିରୁ ଗଡ଼ି ଆସିଲା ଦୁଇଧାର ଲୁହ । ସଂଧ୍ୟା ହୋଇ ଆସିଛି । କେହି ହୁଏତ ତାର ଲୁହ ଦେଖି ପାରିବେନି । କାମିଜରେ ଆଖିରୁ ପୋଛି ଦେଲା । ବୁକୁ ଭିତରୁ କେତେ ବ୍ୟଥା,- କେତେ ବେଦନା ଗୁମରି ଉଠୁଥିଲା ସେପରି ।

ଚାଲ —

ସରି ପଚାରିଲା, କେଉଁ ଆଡ଼େ ?

ମୋ ସାଙ୍ଗେ ଚାଲନ୍ତୁ ନା —

କେଉଁ ଆଡ଼େ, କୋଠା ଘରକୁ ? ନା, ତା ଅପେକ୍ଷା ବରଂ ଭଲ ଏଇ ଖୋଲା ଜାଗା । ଦେହ ଖୋଲା ଥିଲେ, ଖୋଲା ଜାଗାରେ ରହିଲେ କିଛି ଜଣା ପଡ଼େନି । ଦୁଃଖ କଷ୍ଟ ଜମା ଜଣା ପଡ଼େନି । ଆପଣଙ୍କ ଦୟା ପାଇଁ ଧନ୍ୟବାଦ୍ । ଆପଣ ଚାଲିଯାନ୍ତୁ ।

ସରିର ହାତ ଧରି ଯୁବକଟି ଭିଡ଼ିଲା ।

ସରି ଚାଲିଲା, ତା ପଛେ ପଛେ ପ୍ରତିମା । ପ୍ରତିମା କୋଳରେ ସରୋଜ ।

—ତିନି—

ଉପରୁ ଭାସି ଆସୁଛି ବେହର୍ଗ ସଂଗୀତ । ପ୍ରେମର ଗୀତ । କେଉଁ ବିରହିଣୀ ତାର ପ୍ରିୟ ପାଇଁ ବ୍ୟାକୁଳ ହୋଇ ଉଠିଛି । ସେ ସ୍ୱପ୍ନରେ, ଜାଗରଣରେ ସବୁବେଳେ ତାର ସ୍ୱପ୍ନ ଖାଲି ଦେଖୁଛି । ଜଳ ସ୍ଥଳ ଆକାଶରେ ତା ପ୍ରିୟର ଛବି ଅଙ୍କା ହୋଇଛି ଯେପରି । ଗୃହଦ୍ୱାରରୁ ପ୍ରିୟର କଣ୍ଠସ୍ୱର ଭାସି ଆସୁଛି । ସର୍ଗି ହସି ଉଠିଲା । ତାପରେ ଚୁପ୍ ହୋଇ ଗୃହଅଡ଼କୁ ଗୃହିଁଲା । ଘର ଭିତର ଅନ୍ଧାର ହୋଇଛି । ନିର୍ଜନ, କେହୁ ନାହାନ୍ତି । ପ୍ରତିମା ସରୋଜକୁ ସାଙ୍ଗରେ ନେଇ ପାରିଛି । ପ୍ରତିମା ରୋଷେଇ କରୁଥିବ । ସରୋଜକୁ ସେଇ ରୋଷେଇ ଘରେ ତଳେ ଛିଣ୍ଡା କନା ଖଣ୍ଡେ ପାରି ଶୁଆଇ ଦେଇଥିବ । ସେଦିନ ପାର୍କରୁ ଯେଉଁ ବାବୁ ଜଣକ ତାଙ୍କୁ ସାଙ୍ଗରେ ଆଣିଥିଲେ, ତାଙ୍କ ନାଁ ଶ୍ରୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ । ଡାକ ନାମ ମଣ୍ଟୁ ବାବୁ । ନିକଟରେ ଇତିହାସରେ ଏମ୍.ଏ. କୃତିତ୍ୱର ସହ ପାସ୍ କରି ନ ଥିଲେ ବି, ପାଶ କରିଚନ୍ତି । କୌଣସି ମତେ ସରକାରୀ କଲେଜ୍‌ରେ ଅଧ୍ୟାପକ ହୋଇଚନ୍ତି । ବହୁତ କଷ୍ଟରେ କୁଆଡ଼େ ଅଧ୍ୟାପକ ହେଲେ । ତାଙ୍କ ବାପା ଶ୍ରୀ ନୀହାର କୁମାରଙ୍କ ଅକ୍ଲାନ୍ତ ଚେଷ୍ଟାର ଫଳ । ତେବେ ଏଠାରେ ଅଉ ଅଧ୍ୟାପକ ପଦ ଯେ ମିଳିବ ନାହିଁ, ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ତଥାପି ଆଶା ଆଉ ଅପେକ୍ଷା । ଏହି ଅପେକ୍ଷାରେ ହିଁ କିଛିଟ ସାନ୍ତ୍ୱନା !

ମଣ୍ଟୁ ବାବୁ ଦୟାର ଅବତାର । ତା ନ ହେଲେ ଗୋଟିଏ ପଳାତକ ଭିକାରୀ ଆଉ ତାର ସ୍ତ୍ରୀ ପିଲାଙ୍କୁ ଆଣି କଣ ତାଙ୍କ ଘରେ ରଖାଇଥାନ୍ତେ ? ହୋଇପାରେ ପ୍ରତିମା ରୋଷେଇ କରୁଛି ତାଙ୍କ ଘରେ । ହେଲା କଣ ? ଏପରି ଉପକାରୀ ପୁରୁଷଙ୍କର ପଦ ଗୋଲାମି

ଘଟିବାକୁ ହୁଏ ତେବେ ଉକ୍ତ ଭ କାଳ୍ପ ଅଂଶରେ ଯୁଡ଼ିପିବ ! ମଣ୍ଟୁ ବାବୁ ନୂଆ ହୋଇ ବାହା ହୋଇଛନ୍ତି । ମଣ୍ଟୁ ବାବୁଙ୍କ ସ୍ତ୍ରୀ ସୁମିତ୍ରା ବୟସରେ ଖୁବ୍ ଛୋଟ । ତାଙ୍କ ମା'ଙ୍କର ଏକମାତ୍ର ଝିଅ । ଅଳ୍ପଠାରୁ ଦେହପିର ଘର ମାଡ଼ିବେ କିପରି ?

ରେଡ଼ିଓରୁ ଭାସି ଆସୁଛି ଭାୟୋଲିନ୍‌ର ଗୋଟିଏ କରୁଣ ଆଳାପ । ଜୀବନଟା ଠିକ୍ ଭାୟୋଲିନ୍‌ର ଏଇ କରୁଣ ଆଳାପ ପରି କରୁଣ, କିନ୍ତୁ ତାପରି ସୁନ୍ଦର ଓ ମଧୁର ନୁହେଁ ।

ଘର ଭିତରେ ଜମି ରହିଛି ଅନ୍ଧକାର । ଏଇ ଅନ୍ଧକାର ଭିତରେ କେତେ କଥା ଭାବିଯାଇ ପାରେ । ମନୁଷ୍ୟ ହୃଦୟ ପରି ଭୀଷଣ କାଳିମା ଗର୍ଭରେ ଭାସିଯାଇ ପାରେ ।

ତାହାର ଶୈଶବସ୍ମରଣୀୟ ଦିବସ ଠିକ୍ ଆଜିକୁ ଷୋହଳବର୍ଷ ହେଲା । ତାହାଙ୍କର ସେ ମଧୁର ସ୍ମୃତି ଭାସି ଆସୁଛି ଅତୀତର ବୁକୁ ଭେଦ କରି···ମା'ଙ୍କର ଆଶ୍ୱାସନା, କେତେ ଆଦର, କେତେ ସୋହାଗ, ଏତେ ଦିନ ପରେ ଯେପରି ଅନୁଭୂତି ହେଉଛି । ମା ବାପା-ଙ୍କର ସ୍ମୃତି ହୁଏତ ଜୀବନ ସ୍ମୃତିପଟରୁ ଲିଭିବ ନାହିଁ ।

ତରୁଣୀର ସ୍ମୃତି । ଅତୀତର ଠିକ୍ ଏମିତି ଦିନରେ ଗୋଟିଏ ନୂଆ ଗୀତ କେଉଁଠୁ ଶିଖିଆସି ଗାଇଥିଲି । ଗାଇସାରି ପଚାରିଲି, ଭାଇ ଗୀତଟା କେମିତି ଲାଗିଲା ? ମତେ ପରା କହିଥିଲ ଏସରାଜଟେ ଦେବା ପାଇଁ ? ଏଥର ମୋ ଜନ୍ମଦିନକୁ ଦେବନି ?

ସେ କହିଥିଲା, ନିଶ୍ଚୟ ଏ ଦଶହରାକୁ ଆଣି ଦେବି···

ତା ପରେ ଯୁଗ ଭିତରେ ତିନୋଟି ଦଶହରା ଅତୀତରେ ପରିଣତ ହେଲାଣି । ଆଉ କେତୋଟି ଦଶହରା ବିତିଯିବ ସମୟର

[illegible] ସ୍ରୋତରେ, କିନ୍ତୁ ତାର ଅନୁରୋଧ କିଏ ରଖି ଯାଇ ପାରେକି ?

ଦୂରରୁ, ବହୁତ ଦୂରରୁ, ଭାସି ଆସୁଛି ତାହାର ଆହ୍ୱାନ— ହେ ପଥିକ, ହେ ଦିଗହରା ପଥିକ, ଫେରିଆସ—ଫେରିଆସ··· । କେଉଁଠାକୁ ଫେରି ଯିବ ସେ ? କେଉଁଠାରୁ ଆସୁଛି ଏ ଆହ୍ୱାନ ?

ସଗି ବାବୁ !

ଝରକା ଦଗରୁ ମୁହଁ ଫେରାଇ ଅନାଇଲା ଦୁଆର ମୁହଁକୁ । ଅନ୍ଧାରରେ ବାରି ହେଉନାହିଁ ।

ସଗି ବାବୁ ! ଘରଟା ଭାରି ଅନ୍ଧାର ହୋଇଛି । ଆସ ମୁଁ ଲାଇଟ ଆଣେ ?

ମଣ୍ଟୁ ବାବୁ ।

ଅନ୍ଧାରରେ ଲୁଚିଥାଏ ପୃଥିବୀର ଆବର୍ଜନା । ସେ କଣ ଆବର୍ଜନା ନୁହେଁ ? ସେଥିପାଇଁ ହୁଏତ ସେ ଅନ୍ଧାରରେ ଲୁଚିଛି ।

କିଛି ସମୟ ପରେ ମଣ୍ଟୁବାବୁ ଫେରି ଆସି କହିଲେ, ଆଜ୍ଞା, ସଗି ବାବୁ ଆସନ୍ତୁନା ମୋ କୋଠରୀକୁ । ସେଠି ବସି ଗପସପ କରିବା— । ସଗି ଚାଲିଲା ମଣ୍ଟୁ ବାବୁଙ୍କ ସାଙ୍ଗରେ ଉପର ମହଲାକୁ ।

କୋଠରୀ ଭିତରେ ପଡ଼ିଛି ଇଲେକ୍‌ଟ୍ରିକ୍ ବଲବ୍‌ର ତୀବ୍ର ଆଲୋକ । ମଣ୍ଟୁବାବୁ ସେ ଲାଇଟଟା ଲିଭାଇଦେଇ ଆଉ ଗୋଟିଏ ଜଳାଇ ଦେଲେ । ସବୁଜ ଆଲୋକରେ ଘର ହସି ଉଠିଲା । ମନେ ହେଲା ଯେପରି କେଉଁ ମାୟାପୁରୀର ଏ ଘରଟି ! ଘରର ସେ କଣକୁ ପଡ଼ିଛି ଗୋଟାଏ ଟେବୁଲ । ଟେବୁଲ ଉପରେ ଭେଲଭେଟ

ଭଳାର ଟେବୁଲ୍ କ୍ଲଥ । ତା ଉପରେ ଗ୍ରୀସୀୟ ଅର୍ଦ୍ଧ ଅନୁଯାୟୀ ତିଆରି ହୋଇଥିବା ନାରୀର ନଗ୍ନ ମୂର୍ତ୍ତି । ବହୁଗୁଡ଼ାଏ ବିକ୍ଷିପ୍ତ ଭାବରେ ଟେବୁଲ୍ ଉପରେ ପଡ଼ିଛି । ତା ପାଖରେ ଦୁଇଟି ବଡ଼ ବଡ଼ ଅଲମାରୀରେ ବହୁତ ବହି—ଇତିହାସ କୋଷଗ୍ରନ୍ଥ, ସଜହୋଇ ରଖାଯାଇଛି । ହୁଏତ କେଉଁଦିନ ଭୁଲରେ ସୁଦ୍ଧା ପିଟିନାହିଁ । ଦେଖିବା ଦରକାର ନାହିଁ ହୁଏତ ! ଅରପାଖ କାନ୍ଥ ଆଡ଼କୁ ଗୋଟିଏ ଗ୍ଲାସ ଗୋଲ ଟେବୁଲ । ଟେବୁଲ ଉପରେ ଆସ୍ ଟ୍ରେ । ତା ପାଖକୁ ଗୁଣ ଖାଇବାର ଟିପୟ । ତିନି ଗୁଟିଏ ଚେୟାର ପଡ଼ିଛି । ଏଇ ହେଉଛି ମଣ୍ଟୁବାବୁଙ୍କର ବସିବା ଘର ।

ଘରର ଅବହାଓ୍ୱାରେ ମିଶି ରହିଛି ଅତି ଆଧୁନିକତାର ବାସନା । ମଣ୍ଟୁବାବୁ ନିଜେ ଗୋଟିଏ ଚେୟାରରେ ବସି ସଞ୍ଜିକୁ ଆଉ ଗୋଟାଏ ଚେୟାରରେ ବସିବା ପାଇଁ ଇଙ୍ଗିତ ଦେଲେ । ସଞ୍ଜି ଗୋଟାଏ ଆରାମ ଚେୟାର ଉପରେ ବସି ପଡ଼ିଲା । ସିଗାରେଟ୍‌ରେ ନିଆଁ ଲଗାଇ ମଣ୍ଟୁବାବୁ ପଚାରିଲେ, ସିଗାରେଟ୍ ଖାଇବେ ? ସେ କିଛି କହିବା ପୂର୍ବରୁ ହାତକୁ ବଢ଼ାଇ ଦେଲେ ଖଣ୍ଡେ ସିଗାରେଟ୍ । ଅନେକ ଦିନ ଧରି ସିଗାରେଟ୍ ଖାଇନଥିଲା । ଏ ଖଣ୍ଡିକ ଖାଇସାରିଲା ପରେ କେମିତି ଭଲ ଲାଗିଲା । ସଞ୍ଜିବେଳୁ ମୁଣ୍ଡ ବଥଉଥିଲା । ସିଗାରେଟ୍ ଖଣ୍ଡିକ ଖାଇ ସାରିବା ପରେ ମୁଣ୍ଡବ୍ୟଥା କମି ଗଲା ପରି ଲାଗିଲା ।

ମଣ୍ଟୁବାବୁ ସିଗାରେଟ୍ ଧୂଆଁ ଛାଡ଼ୁ ଛାଡ଼ୁ କହିଲେ, ଆପଣଙ୍କୁ ଗୋଟାଏ କଥା କହିବା ପାଇଁ ଡାକିଥିଲି !

ସଞ୍ଜି ଚୁପ୍ ରହି ସିଗାରେଟ୍ ଧୂଆଁରେ ରିଙ୍ଗ୍ କରିବାକୁ ଲାଗିଲା ।

ଡାକିଥିଲି, ଗୋଟାଏ କାମ କରିପାରିବେ ?

କି କାମ ?

ନାହିଁ ଗୋଟାଏ ସେମିତି···

ଭଣ୍ଡ କହନ୍ତୁନାହାନ୍ତି !

ଡାକୁଥିଲି, କେହି ନାହାନ୍ତି ଗପସପ କରିବାକୁ । ଏଇ ମୋର ଗୋଟାଏ ବହି ବାହାରିଚି—ଦେଖିଛନ୍ତି ? ସେଲ୍ଫରୁ ମଣ୍ଟୁ ବାବୁ ତା ହାତକୁ ବହିଟା ବଢ଼ାଇ ଦେଲେ । ମୋର କଳିଙ୍ଗ ଇତିହାସ ନାମକ ଗୋଟାଏ ଇତିହାସ ବହି ।

ମୁଁ ତ ପଢ଼ି ପାରେନି ଓଡ଼ିଆ --

ଶୁଣନ୍ତୁ, ଏଇ ଓଡ଼ିଶା ବିଷୟରେ ମୁଁ ଲେଖିଚି ବହିଟା । ଆପଣ ଗୋଟାଏ କ୍ରିଟିସିଜମ୍ ଏ ବହି ବିଷୟରେ ଲେଖି ଦିଅନ୍ତୁ ନା, ମୁଁ ନେଇ ଗୋଟାଏ ମାସିକ ପତ୍ରିକାକୁ ଦେଇ ଦେବି ।

ସୁରଭି କେମିତି ବିରକ୍ତ ହୋଇ କହିଲା, କହିଲି ପରା ଓଡ଼ିଆ ମୁଁ ପଢ଼ି ଜାଣେନି ।

ସେଥିରେ କିଛି ଯାଏ ଆସେନା: ଓଡ଼ିଶା ବିଷୟରେ ନିଶ୍ଚୟ ଆପଣଙ୍କର ଜ୍ଞାନଥିବ । ତ କଲେଜରେ ଇତିହାସ ଅଧ୍ୟାପନା କରୁଥିଲେ, ସେଥିକୁ ନେଇ ଗୋଟାଏ ଲେଖିଦିଅନ୍ତୁ ।

କିନ୍ତୁ ସେଇଟା ତ କ୍ରିଟିସିଜମ୍ ହେବ ନାହିଁ !

ନହେଉ, ମୋ ବହି ବିଷୟରେ ତ ଲେଖିଛନ୍ତି ବୋଲି ସମସ୍ତେ ଜାଣିବେ । ଏ ଓଡ଼ିଆ ଜାତି ବଡ଼ କୃତଘ୍ନ । କେହି ଆଗରୁ ଲେଖିବେନି ବହିଟା ଭଲ ହେଲେ ବି । ତେଣୁ ଲେଖକ ବିଚରାଙ୍କୁ ନିଜେ ଲେଖିବାକୁ ପଡ଼େ ଆପଣାର ପ୍ରଶଂସାପତ୍ର । ଆପଣ ଲେଖିବେ

ବହିଟା ହଉ ଧରଣର, ଗବେଷଣା ପୂର୍ଣ୍ଣ ଉପାଦେୟ ପୁସ୍ତକ, ଏୟା ହେବ ସେ ପ୍ରବନ୍ଧର ବିଷୟ ବସ୍ତୁ ।

ସଞ୍ଜି ଉପର ରେଲିଂକୁ ଗୁଡ଼ି ସିଗାରେଟ୍ ଟାଣୁଥିଲା । ସିଗାରେଟ୍‌କୁ ଖୁବ୍ ଜୋରରେ ଦୁଇ ତିନି ଥର ଟାଣି ଦେଇ ଆସ୍‌ଟ୍ରେରେ ଗୁଞ୍ଜି ଦେଲା ।

ସୁଶାନ୍ତ ଯଦି ଲେଖିଦେବେ ତାହେଲେ ମୁଁ ଆପଣଙ୍କୁ ଦଶ ଟଙ୍କା ଦେବି । କାଲି ଭିତରେ ଲେଖି ଦିଅନ୍ତୁ ନା !

ସଞ୍ଜି କିଛି ସମୟ ଚୁପ୍ ରହିଲା । ଶେଷରେ କହିଲା, ନା, ମୁଁ ଅକ୍ଷମ । ମତେ ପ୍ରବନ୍ଧ ଲେଖିଆସେ, କିନ୍ତୁ ପ୍ରଶସ୍ତି ଲେଖି ଆସେ ନା—

ମଣ୍ଟୁବାବୁ ବୁଝିଗଲେ ବୋଧହୁଏ । ହଠାତ୍ ଚେଅର ଉପରୁ ଉଠି କହିଲେ, ନମସ୍ତେ, ବର୍ତ୍ତମାନ ହିଷ୍ଟ୍ରି ସୋସାଇଟିର ଗୋଟାଏ ପାର୍ଟି ଅଛି, । ଯିବାକୁ ପଡ଼ିବ । ଅଚ୍ଛା ଆପଣ ଆସନ୍ତୁ ।

ସଞ୍ଜି ନୀରବରେ ଚାଲି ଆସିଲା ।

ତାର ଷ୍ଟୋର୍ ରୁମ୍‌ଟା ଆଗରୁ ମଟରଗ୍ୟାରେଜ ରୂପେ ବ୍ୟବହୃତ ହେଉଥିଲା । ତେଣୁ ସେଠାକୁ ଇଲେକ୍ଟ୍ରିକ୍ ଆଲୁଅ ଆସି ପାରିନି । ଘର ଭିତରେ ଜମି ଉଠିଛି ଅନ୍ଧକାର । ସେ ନୀରବରେ ଆସି ଭଙ୍ଗା ଝରକା ପାଖରେ ପଡ଼ିଥିବା ଦରଭଙ୍ଗା ଚେଅରଟାରେ ବସି ପଡ଼ିଲା । ଚେଆରର ଗୋଟାଏ ହାତ ନାହିଁ ।

ଆକାଶରେ ଜକ୍ ଜକ୍ କରୁଛନ୍ତି ଅସଂଖ୍ୟ ତାରା । ସେମାନଙ୍କ ଭିତରୁ ଅନେକ ପୁଣି ଏ ପୃଥିବୀ ଠାରୁ, ଏ ସୂର୍ଯ୍ୟଠାରୁ ସହସ୍ର

ଗୁଣରେ ବଡ଼ । ଏଇ ଗ୍ରହ—ଉପଗ୍ରହ ଭିତରେ ପୁଣି କେତୋଟି ଗ୍ରହରେ ଅଛନ୍ତି ମଣିଷ ନିବାସ । ସେଠାର ମଣିଷମାନେ କଣ ଏଇ ପୃଥିବୀର ମଣିଷମାନଙ୍କ ପରି ହୋଇଥିବେ ଏତେ କ୍ଷୁଦ୍ର ? ଲଜ୍ଜା ଆଉ ଭୀରୁତାର ଆବରଣ ତଳେ ସେମାନେ କଣ ଢାଙ୍କିଥିବେ ଜୀବନର ସେତିକ ସୌନ୍ଦର୍ଯ୍ୟ ?

ତାରାର ମଳିନ ଆଲୋକରେ ସହରର ସୁଉଚ୍ଚ ପ୍ରାସାଦର ଚୂଡ଼ା ଅସ୍ପଷ୍ଟ ରୂପେ ଦେଖା ଯାଉଚି । ତାହାରେ ଏମିତି କେତେ ସନ୍ଧ୍ୟାରେ ସେ ବସିଚି ଝରକା ପାଖେ ପ୍ରତିମା ନିକଟରେ । ବାହାରର ଆକାଶକୁ ଅନେକ ଥର ଅନାଇଛି । କିନ୍ତୁ କେବେ କଣ ଲକ୍ଷ୍ୟ କରିଥିଲି ପ୍ରାସାଦଗୁଡ଼ିକ ଉପରେ ଏଇ ମଳିନ ତାରକାଲୋକରେ ଦେଖାଯାନ୍ତି ?

କଲିକତାରେ ସେ କିରାଣୀ ଯୁବକଟି ଗ୍ରହଣ କରିଥିଲେ ହୁଏତ ଭଲ ହୋଇଥାନ୍ତା । କାହିଁକି ଛାଡ଼ିଲି ସେ ଯୁବକଟି ? ଜୀବନର କେଉଁ ଭଲ ଅଭିଳାଷ ପାଇଁ ସେ ପ୍ରତ୍ୟାଖ୍ୟାନ କରିଦେଲି ସେ ଯୁବକଟି ? ଜୀବନକୁ ନେଇ ଖେଳିବା ପାଇଁ ପିଲାଦିନର ଅଳସ ମୁହୂର୍ତ୍ତରେ ଅନେକଥର ଭାବିଛି । କିନ୍ତୁ ଆଜି ? ଜୀବନ ଆଜି ଯେତେବେଳେ ଆପେ ଆପେ ଆସି ଖେଳୁଛି ତା ସଙ୍ଗେ, ତା ହାତରୁ ପିଲାଦିନର ସେ ଦୁରନ୍ତ ଚପଳତା ମରି ଯାଇଛି !

କେତେ ସଂଧ୍ୟାରେ, ଯେତେବେଳେ ଆକାଶରେ ଉଇଁଥାଏ ତୃତୀୟାର ବଙ୍କିମ ଚନ୍ଦ୍ର—ସେ ସେତେବେଳେ ପ୍ରତିମା ସାଙ୍ଗରେ ବସିଥାଏ ଝରକା ନିକଟରେ—ସେତେବେଳେ ଆଖିରେ ଲାଗିଥାଏ ଯୌବନର ରଙ୍ଗୀନ ଅଞ୍ଜନ । ସେଇ ଅଞ୍ଜନ ଦେଇ ଦେଖାଯାଉଥାଏ ପୃଥିବୀ ଆଉ ଏ ଆକାଶ କି ଉଦାର, କି ଶାନ୍ତ, କି ଗମ୍ଭୀର, ଆଉ କି ସୁନ୍ଦର ! ସେତେବେଳେ ମନେ ହେଉଥିଲା କେମିତି ଏ ନୀଳ

ଆକାଶ ଆଉ ଶ୍ୟାମଳ ପୃଥିବୀ ସବୁ ଜୀବନ କି ଉଦାର, ଗମ୍ଭୀର ଆଉ ସୁନ୍ଦର ! ସେତେବେଳେ ମନେ ହେଉଥିଲା ମଣିଷ ଜୀବନର ଲକ୍ଷ୍ୟ ହେଉଛି ଜୀବନକୁ ଉପଭୋଗ କରିବା ଯୌବନ ନେଇ । କିନ୍ତୁ ଆଜି ଅଭିଜ୍ଞତାର ପରୀକ୍ଷା ଦେଇ ରୁଟି ଆଉ ଭାତ ଅତି ଅସ୍ୱାଭାବିକ ରୂପେ ମଣିଷ ଜୀବନର ଶ୍ରେଷ୍ଠ ଓ ଏକମାତ୍ର ଲକ୍ଷ୍ୟ ହୋଇ ଠିଆ ହୋଇଛି ଆଖି ଆଗରେ । ଆଜି ସେଇ ରୁଟି ଆଉ ଭାତ ପାଇଁ ଅତୀତର ପ୍ରେମ-ଶୀଳା ପ୍ରତିମା ପାଲଟିଛି ପରଗୃହକା—ଆଉ ସେ ? ସେ ତାର ଅର୍ଜନରେ ଅଂଶୀଦାର ହୋଇଛି !

ମଣ୍ଟୁ ବାବୁର ପ୍ରଶସ୍ତି ଲେଖି ଦେଇଥିଲେ କଣ ବା କ୍ଷତି ହୋଇଥାନ୍ତା ? ମଣିଷର ଯେତେବେଳେ ସମ୍ମାନ ଆଉ ପ୍ରତିପତ୍ତି ବୋଲି କିଛି ଗୋଟିଏ ଥାଏ ସେତେବେଳେ ତାହାର ପ୍ରଶଂସା ଲେଖିବା ହୁଏତ ଅପମାନଜନକ ବୋଧ ହୋଇପାରେ, କିନ୍ତୁ ତାର କଣ ପ୍ରତିପତ୍ତି ଓ ସମ୍ମାନ ଅଛି ?

ଗ୍ୟାରେଜରୁ କାରଟା ବାହାରିବାର ଶବ୍ଦ ଶୁଣାଗଲା । ମଣ୍ଟୁବାବୁଙ୍କର ଟିପାର୍ଟି ଅଛି । କାର୍‌ଟା ରାସ୍ତା ଆଗ ଦେଇ ଚାଲିଗଲା ଖୁବ୍ ଜୋରରେ । ହୁଏତ ଏଇ ଗତିଶୀଳ ଯାନ ଦେଖାଇଦେଲା ମଣ୍ଟୁବାବୁଙ୍କ ପ୍ରତିପତ୍ତି ଆଉ ସମ୍ମାନ । ଆଜି ଏ ବିଂଶ ଶତାବ୍ଦୀର ଶେଷ ଭାଗରେ ସମ୍ମାନ ଆସି ରହିଛି ଗତିରେ; କିନ୍ତୁ ତାର ଯେତେବେଳେ ଗତି ନାହିଁ ସେ ଯେତେବେଳେ ହୋଇ ଯାଇଛି ସ୍ଥାଣୁ, ତାର ଜୀବନ ଯେତେବେଳେ ଆଜି ତାର ସ୍ୱାଭାବିକ ଗତି ହରାଇ ସ୍ଥିର ହୋଇଯାଇଛି, ସେତେବେଳେ ଚାଲି ଯାଉଛି ସମ୍ମାନ !

ଅସହ୍ୟ ଅନ୍ଧକାର ! ଅନ୍ଧକାର ଭିତରେ ପ୍ରତ୍ୟେକ ଗତିବାନ ଗତିହୀନ ହୋଇଯାଏ । କାରଣ ଅନ୍ଧକାର ମଧ୍ୟରେ ଗତି ହେଉଛି

ବିପଦ ଜନକ । ଆଜି ସେ ହୁଏତ ଅନ୍ଧକାର ଭିତରେ ନାକର ଗନ୍ଧ ବନ୍ଦ କରିବାକୁ ବାଧ୍ୟ ହୋଇଛି ।

ଶୋଇ ପଡ଼ିଲ କି ? ଦୁଆର ବନ୍ଧ ପାଖେ ପରି ଠିଆ ହୋଇ କହିଲା ।

ସବି ଉତ୍ତର ଦେଲା, ନାଇ ଶୋଇ ନାହିଁ । ସରଜୁ ଶୁଆଇଦେଇ ଗଲା କି ?

କାନ୍ଦ କାନ୍ଦ ଶୋଇ ପଡ଼ିଲଣି । କାଲି ଗୋଟାଏ ଦାରପୋଡ଼ା ମହମବତୀ କବାଟ କଣକୁ ରଖି ଦେଇଥିଲି, ଅଛି । ଆଲୁଅ ଲଗାଇଲି, ସରଜୁକୁ ଶୁଆଇ ଦିଏ — ।

ସବି ଅନ୍ଧାରରେ ମହମବତୀଟା ବାହାର କରି ନିଆଁ ଲଗାଇଲା । ଭଙ୍ଗା ଦାଉଡ଼ିଆ ଖଟ ଉପରେ କେତେ ଖଣ୍ଡ ଅଖା । ଅଖା ଉପରେ ଖଣ୍ଡେ ଛିଣ୍ଡା ମଇଳା ଚାଦର ବିଛାଇ ଦେଲା । ପ୍ରତିମା ସରେଜକୁ ତା ଉପରେ ଶୁଆଇ ଦେଲା । ପ୍ରତିମା ଗଲାବେଳକୁ କହିଲା, ବତୀଟା ଲିଭାଇ ଦିଅ । ଖାଇଲାବେଳକୁ କାମରେ ଆସିବ ।

ପ୍ରତିମା ଚାଲିଗଲା ।

ମହମବତୀଟା ନିସ୍ପନ୍ଦ ଭାବରେ ଜଳି ଜଳି ଚାଲିଛି । ସେ ଜଳି ଜଳି ନିଜେ ଧ୍ୱଂସ ହୋଇ ଦୁନିଆକୁ ଦେଇଯାଉଛି ଆଲୋକ । କିନ୍ତୁ ନିଜେ ସେ ଜଳି ଜଳି ଦୁନିଆକୁ କଣ ଦେଇ ଯାଉଛି ?

ସବି ପୁଣି ଝରକା ବାଟେ ଆକାଶକୁ ଚାହିଁଲା । ତାରା ଭରା ଆକାଶ । ଆକାଶର ସେଇ ତାରା ଭିତରୁ ଫୁଟି ଉଠୁଛି ଯେପରି ତାଙ୍କ ଭଉଣୀ ଛବିର ମୁହଁ । ଦୁଇ ଆଖିରୁ ଝରି ପଡ଼ୁଛି ଦୁଇଧାର ଲୁହ । ମୁଣ୍ଡବାଳ ଫୁରୁ ଫୁରୁ ହୋଇ ଉଡ଼ୁଛି । ଆଖି ଭିତରରୁ ଖସି

ଯାଉଚି । ଛବିର ସେଇ ମୁହଁ ଭିତରେ କେଉଁ ପ୍ରେତର ମୁହଁ ଫୁଟି ଉଠିଛି ଯେପରି ।

ସେତେବେଳକୁ ସେ କଲେଜରେ ପାଠ ପଢୁଥାଏ । ଆଇ. ଏ. ଦ୍ୱିତୀୟ ବର୍ଷ ବୋଧ ହୁଏ । ବାପା ଥାଆନ୍ତି ଗୋଟାଏ ହାଇ-ସ୍କୁଲରେ ମାଷ୍ଟର । ଜମା ସତୁରିଟା ଟଙ୍କା ଦରମା । ସେଥିରେ ଘର ଗୋଟିଏ ଚଳିବାକୁ । ପୁଣି ତା ପାଖକୁ ପଠାନ୍ତି ତିରିଶ ଲେଖାଏଁ । ବାକି ଚାଳିଶଟା ଟଙ୍କାରେ ସମୁଦାୟ ଘରଟି ଚଳେ । ସେତିକିବେଳର କଥା । ଛବି ଅପାର ବାହାଘର ହେବାର ଠିକ୍ ହେଲା । କେତେ ଜାଗା ପଡ଼ିଲା, କେତେ ଜାଗା ଭାଙ୍ଗିଲା । କେଉଁ ବରପାଏ କହିଲା, ଦରକାର ସୁନା ତିରିଶ ଭରି, ଦେଇ ପାରିବ ? କିଏ ଖୋଜିଲା କୋଡ଼ିଏ ଭରି ସୁନା ତ ଅନ୍ତ କିଏ ପଚିଶ ଭରି । ବାପା ବର ଖୋଜି ଖୋଜି ବିରକ୍ତ ହେଲେ । ଶେଷରେ ଗୋଟାଏ ଜାଗାରେ ଠିକ୍ ହେଲା ବାହାଘର । ବାହାଘର ହେବାକୁ ପନ୍ଦର ଦିନ କି କୋଡ଼ିଏ ଦିନ ଥାଏ । ଛବିଅପାଠାରୁ ଗୋଟାଏ ଚିଠି ଆସିଲା । ସେ ଲେଖିଥିଲା—ସଇ, ମୋର ବାହାଘର ହେଉଛି । ବରକୁ ଥରେ ବାହାଘର ପୂର୍ବରୁ ଦେଖିବୁ ଯେମିତି । ମୋ ରାଣ ! ସେ ଦିନ ସିଧା ସିଧା ଯାଇ ପହଞ୍ଚିଥିଲି ବର ଗାଁରେ । ବର ଜମିଦାର । ବରର ଦ୍ୱିତୀୟ ପକ୍ଷ ସ୍ତ୍ରୀ ମରିଯାଇଛି । ଛବି ହେବ ତୃତୀୟ ପକ୍ଷ । ବାଳ-ଗୁଡ଼ାକ ଧଳା ପଡ଼ି ଆସିଲାଣି । ନାନାପ୍ରକାର ଔଷଧ ଦେଇ ସେଗୁଡ଼ାକ କଳା କରିବାର ଚେଷ୍ଟା ଚାଲିଛି । ନକଲି ଦାନ୍ତ ପାଟିରେ । ମନ ବିଦ୍ରୋହ କରି ଉଠିଥିଲା ସେଦିନ । କିନ୍ତୁ ତା ପରେ କଣ ହେଲା ?

ହର ଡାକିଲି ତାକୁ । ତାଙ୍କର ଶୋଇବା ଘରକୁ ନେଇ-ଗଲି । ସନା ଡ.ର. ସନା ଶଯ୍ୟା. ସନା ବାଲି. ସନା ଭାତ. ସନା

ଇଟା, ଖାଲି ସୁନା । ବର କହୁଥିଲା, ବାହାଘର ଆଗରୁ ମୁଁ ଦୁଇ ହଜାର ଟଙ୍କା ଦେବି । ମୁଁ ଜାଣେ ତମର ଅଭାବ ଅଛି । ତମକୁ ପଢ଼ିବାକୁ ବି ଟଙ୍କା ଦେବି । ବିଲାତ ଯାଇ ପଢ଼ିବ, ବିଲାତ ପଠେଇବି । ସଭିଁ ସେଠାରୁ ଆସିଲା ବେଳକୁ ତା ହାତରେ ଜବରଦସ୍ତି ଗୋଟାଏ ସୁନା ଘଣ୍ଟା ବାନ୍ଧି ଦେଇଥିଲା । ସେ ଭାବିଥିଲା କେତେ କଥା କହିବ ବୋଲି । କିନ୍ତୁ ଗୋଟିଏ ପଦ ସୁଦ୍ଧା କହି ପାରିଲାନି ।

ତା ପରେ ଭଉଣୀ ସିନା ବଞ୍ଚିଲା ନାହିଁ, ବଞ୍ଚିଥିଲେ ସେ ନିଶ୍ଚୟ ବିଲାତ ପଠାଇଥାନ୍ତା ପଢ଼ିବାକୁ । ବାହାଘରର ଦଶ ଦିନ ପରେ ଛବି ଅପା ଆତ୍ମହତ୍ୟା କରିଥିଲା । ଅନେକ ଦିନ ପରେ ସଭିଁଙ୍କ ମନ ଭିତରେ ଅତୀତର ସେଇ ଛବି ସ୍ପଷ୍ଟ ହୋଇ ଉଠିଲା ହଠାତ୍ । ଦୂର ଆକାଶର ସେଇ ତାରା କେଉଁଠିରେ ନାଚୁଛି ଯେପରି ଛବି ଅପାର ସେଇ ମୂର୍ତ୍ତି—ଲୁହ ଟଳ ଟଳ, ଛବି ଅପା ଯେପରି କହୁଛି, ମତେ ମାରିଦେଲ ତମେ ସଭିଁ ? ମତେ ମାରି ଦେଇ ତମେ ଭଲରେ ଅଛ ତ ? ଆଜି ହୁଏ ତ ତାର ଅଭିଶାପ, ତାରି ଅସନ୍ତୁଷ୍ଟ ଆତ୍ମାର ଅସନ୍ତୋଷ ଆସି ଖେଳୁଛି ତା ଜୀବନ ଉପରେ । ଛବି ଅପା ସେଦିନ ନୀରବରେ ସହ୍ୟ କରିଥିଲା ସେମାନଙ୍କର ଅତ୍ୟାଚାର ଆଜି ନୀରବରେ ଦେଇ ଯାଉଛି ଏ ଅଭିଶାପ ! ଆଜି ଘରର ଗୃହଦ୍ୱାରରେ ବୁଲୁଛି ଛବି ଅପାର ସେଇ ଅସନ୍ତୁଷ୍ଟ ଆତ୍ମା—ପବନ ରୂପରେ, ଅନ୍ଧାର ରୂପରେ କ୍ଷୋଭ ରୂପରେ, ଅଭାବ ରୂପରେ···ସେ ଆଜି ପ୍ରତିଶୋଧ ନେବ ତା ପ୍ରତି ହୋଇଥିବା ଅତ୍ୟାଚାରର, ତା ପ୍ରତି ହୋଇଥିବା କ୍ରୂରତାର, ଅବିଚାରର···। ନା, ଛବି ଅପା ହୁଏତ ଅଭିଶାପ ଦେଉନାହିଁ । ତାର ଅସନ୍ତୁଷ୍ଟ ଆତ୍ମା ନୀରବରେ ହୁଏତ ସହି ନେଉଛି ତା ପ୍ରତି ହୋଇଥିବା ଅତ୍ୟାଚାରକୁ···। ସଭିଁ ଆକାଶକୁ ଚାହିଁଲା । ଛବି ଅପାର ମୁହଁ ସେଇ ତାରା ଭିତରେ କେଉଁ ଆଡ଼େ ଲୁଚିଗଲାଣି ।

ଆକାଶରେ ପଡ଼ିଛି ଛାୟାପଥ । ବୈଜ୍ଞାନିକ କହେ ଏଇ ଛାୟାପଥ ଭିତରେ ଲୁଚି ରହିଛନ୍ତି କୋଟି କୋଟି ତାରା···ବିନ୍ଦୁର ସମଷ୍ଟିରେ ରେଖା ଆଉ ରେଖାର ସମଷ୍ଟିରେ ଯେପରି ହେଲାପରି ତାରକାମାନଙ୍କ ସମଷ୍ଟିରେ ହୋଇଛି ଏଇ ଛାୟାପଥ—ଏଥିରେ ଏକର ଅସ୍ତିତ୍ୱ ନାହିଁ । ରେଖା ଭିତରେ ବିନ୍ଦୁ ହରାଏ ତାର ସ୍ୱାତନ୍ତ୍ର୍ୟ । ସେହିପରି ଛାୟାପଥରେ ପ୍ରତ୍ୟେକ ତାରା ହରାଇଛନ୍ତି ତାର ସ୍ୱାତନ୍ତ୍ର୍ୟ । ପୃଥିବୀରେ ଜୀବନର ଯେଉଁ ପ୍ରଖର ସ୍ରୋତ ଚାଲିଛି ହୁଏତ ତାର ଗତିଶୀଳ ସ୍ରୋତ ଭିତରେ ରହିଛନ୍ତି ଅସଂଖ୍ୟ ସତି, ଅସଂଖ୍ୟ ପ୍ରତିମା ଆଉ କୋଟି କୋଟି ସରୋଜ । ତା'ର ଭିତରେ ହଜି ଯାଇଛି ସେମାନଙ୍କର ସ୍ୱାତନ୍ତ୍ର୍ୟ । ହଜୁ, କ୍ଷତି କ'ଣ ?

ସେଇ ଛାୟାପଥ ଦେଇ ଭାସି ଆସିଲା, ଏ କାହାର ମୁହଁ ? ମା'ର ! କେତେ ଦୁଃଖରେ, କେତେ କଷ୍ଟରେ ନିଜର ସବୁ ସ୍ୱାର୍ଥ ତ୍ୟାଗ କରି ବଢ଼ାଇଥିଲ ତାଙ୍କୁ, କୌଣସି ପ୍ରତିଦାନର ଆଶା ନ ରଖି । ଆଉ ମୃତ୍ୟୁର ଅନ୍ଧକାର ଭିତରେ ତାର ଶେଷ ସ୍ୱାର୍ଥ ହୁଏତ ସମାଧି ଘେନି ଥିବ । ମା'ର ଏତେ ଦାନ ଦଳରେ ସେ ତାଙ୍କୁ କଣ ଦେଇଛି ? କି ସୁଖ, ଜୀବନର କି ସ୍ୱାଦ ତାଙ୍କୁ ଦେଇଛି ? ମା'ର ସ୍ମୃତି ବି ଆଜି ଇତିହାସରେ ପରିଣତ ହୋଇ ଯାଇଛି । ଇତିହାସ ଆଉ ଇତିହାସ···ଦୁନିଆର ପ୍ରତ୍ୟେକ ମୁହୂର୍ତ୍ତ ପରିଣତ ହୋଇଯାଉଛି କି କ୍ଷିପ୍ର ଗତିରେ ଇତିହାସରେ । ସେ ସେଥିରୁ କୌଣସି ଏକ ମୁହୂର୍ତ୍ତକୁ ଧରି ରଖିବାକୁ ଯାଇ ହାର ଯାଇଛି । ଇତିହାସର ଶକ୍ତି କି ଅସୀମ !

ଦୂରର ଘଣ୍ଟାରେ ବାଜିଲା ଠଂ ଠଂ ହୋଇ ନ'ଟା । ରେଡ଼ିଓରେ ଚାଲିଛି ସମ୍ବାଦ ପରିବେଷଣ । ଆଉ କେତେ ମିନିଟ ପରେ ରେଡ଼ିଓ

ସେସନର ଶେଷ ଅଧିବେଶନ ଶେଷ ହୋଇଯିବ । ସମ୍ବାଦ···ସମ୍ବାଦ ଇଣ୍ଡୋନେସିଆରେ ସାଧାରଣତନ୍ତ୍ର ସରକାର ପ୍ରତିଷ୍ଠା ହେଲା··· ସମ୍ବାଦ···ହାଇଦ୍ରାବାଦରେ ନିକଟରେ ଗଣଭୋଟ ହେବ···କିନ୍ତୁ ତାର ପରିବାରର ସମ୍ବାଦ, ତାର ଦୁଃଖର ସମ୍ବାଦ କଣ ସମ୍ବାଦ ନୁହେଁ ? ପୃଥିବୀର ଲୋକମାନଙ୍କ ପାଇଁ ସମ୍ବାଦ ହୋଇପାରେ ନା ?

ମହମବତୀଟା କହିଲା ଲିଭାଇ ଦେବାକୁ, ସେତେବେଳୁ ଜଳି ଜଳି ସରିଗଲା ? ସଚି ଅନାଇଲା ମହମବତୀଟା ଶେଷ ହୋଇ ଆସିଲାଣି । ପ୍ରତିମା ଦୁଇ ହାତରେ ଦୁଇଟି କଂସା ଧରି ଭିତରକୁ ପଶି ଆସିଲା । ପାଣି ପଖାଳ —

ସଚି ଛିଣ୍ଡା କାମିଜଟା ଦେହରେ ଗଳାଇ ଗଳାଇ କହିଲା, ମୁଁ ଆସେ —। ପ୍ରତିମା କଣ ପଛରୁ କହୁଥିଲା । ସଚି ଦ୍ରୁତ ଗତିରେ ରାସ୍ତା ଉପରକୁ ଚାଲି ଆସିଲା । ଆଜି ରାତି ତିନିଟା ଟ୍ରେନରେ ବରହମପୁର ଯିବାକୁ ପଡ଼ିବ । କାଲି ଅଛି ଇଣ୍ଟରଭ୍ୟୁ । ହୁଏତ କୌଣସି ଚାକିରୀ ମିଳିପାରେ ।

ବରହମପୁର ଯିବାକୁ ହେଲେ ଦରକାର ଅତି କମରେ ସାତ ଟଙ୍କା କି ଆଠ ଟଙ୍କା । ବନ୍ଧୁ ସୁଧାଂଶୁ ପାଖରୁ ଯଦି ଧାର ମିଳେ । କଟକରେ ଏତେ ଅଳ୍ପ ଦିନ ମଧ୍ୟରେ ସୁଧାଂଶୁ ସଙ୍ଗେ ବେଶ ବନ୍ଧୁତ୍ୱ ଜମି ଯାଇଛି । ସୁଧାଂଶୁ ଗୋଟାଏ ଏକ ମହଲା ଘର ଭଡ଼ା ନେଇଥାଏ । ସେ ଜଣେ ବଡ଼ ସରକାରୀ ହାକିମ ।

ଗେଟ୍ ପାଖରେ ଚାକର କହିଲା, ବାବୁ ପଢ଼ିବା ଘରେ ବସି କଣ ପଢୁଛନ୍ତି । ଗଲାବେଳକୁ ଫାଇଲଟା ଅଟକାଇ ନେଇଯିବେ ।

ମୁଁ ପିଣ୍ଡାରେ ଶୋଇଛି । ମା'ହରବା ଯାଇଛନ୍ତି ଥିଏଟର ଦେଖିବାକୁ । ଅର୍ଥ ନାହାନ୍ତି ।

ସର୍ତ୍ତି ଚୁପ ରହି ସୁଧାଂଶୁର ପଢ଼ିବା ଘର ଦରରେ ଆଗେଇଗଲା । ସୁଧାଂଶୁ ସନ୍ଧ୍ୟାବେଳର ଖବର କାଗଜ ଖଣ୍ଡେ ଧରି ଶୋଇଯାଇଛନ୍ତି । ଟେବୁଲ ଉପରେ ଲ୍ୟାମ୍ପଟା ଜଳୁଛି ନିଷ୍ପ୍ରଭ ଭାବରେ । ଘରର ଅନ୍ଧାରୁଆରେ ମିଶି ରହିଛି ଯେମିତି ଧନର ବାସନା । ଚତୁର୍ଦ୍ଦିଗରେ ଭାସି ବୁଲୁଛି ଗମ୍ଭୀର ଅସ୍ପଷ୍ଟ ବନ୍ଦନା । ଟେବୁଲ୍ ଉପରେ ଗ୍ଲୋବ ଟାଇମ୍ପିସ୍ଟା ଟିକ୍ ଟିକ୍ କରି ଚାଲିଛି । ବଞ୍ଚିବା ପାଇଁ ସେ ଯେପରି ପ୍ରତି ମୁହୂର୍ତ୍ତରେ ଆର୍ତ୍ତନାଦ କରି ଉଠୁଛି ! ଟାଇମ୍ପିସ୍ଟାର ସେ ପାଖରେ ଥୁଆ ହୋଇଛି କେମିଷ୍ଟ୍ରିର ଗୋଟାଏ ମୋଟା ବହି । ଏଇ କେତେ ଦିନ ହେଲା ସୁଧାଂଶୁ କେମିଷ୍ଟ୍ରି ରିସର୍ଚ୍ଚରେ ଲାଗି ଲାଗି କୁଆଡ଼େ ଗୋଟାଏ ନୂଆ ଗ୍ୟାସ ଆବିଷ୍କାର କରିଛି । ଆଉ ସେଇ ଆବିଷ୍କାରର ଆନନ୍ଦରେ ହୁଏତ ନିଦ ଲାଗି ଯାଇଛି ! ଘରର ଚାରିପଟେ ବିକ୍ଷିପ୍ତ ଭାବରେ ପଡ଼ିଛି କୁସନ ଚେୟାର କେତେଟା । କବାଟ ସେ ପାଖରୁ ଗୋଟାଏ ଚେୟାରର ଗଦି ଉପରେ ବିରାଡ଼ିଟାଏ ବସି ଢୁଲାଉଛି ।

ଟାଇମ୍ ପିସ୍ଟା ଚାଲିଛି ପୂର୍ବପରି, ଟିକ୍ ଟିକ୍ ଟିକ୍ । ଟାଇମ୍ ପିସ୍ର ଏ ପାଖରୁ ଥୁଆ ହୋଇଛି ମନିବ୍ୟାଗଟା ।

ସର୍ତ୍ତି ଚାରିଆଡ଼କୁ ଚାହିଁଲା, ସବୁ ନିଃଶବ୍ଦ ତନ୍ଦ୍ରାଇ ଅଛି । ଏଇ ନୀରବତା ଭିତରେ ଚୁକରଟାର ନିଃଶ୍ୱାସନେବାର ଶବ୍ଦ ଶୁଭୁଛି ଯାହା ।

ଟେବୁଲ ନିକଟକୁ ଆଗେଇ ଗଲା । ଟାଇମ୍ପିସ୍ଟାର ଡାଏଲଟା ହୋଇଯାଇଛି ଯେପରି ଗୋଟାଏ ମଣିଷର ମୁହଁ । ଓଠରେ ତାର

ଖେଲି ଯାଉଛି ଏକ ବିଦ୍ରୂପର ହସ । ସେ ଯେପରି କହୁଛି—ଅଧ୍ୟାପକ ସଚ୍ଚି ବୋଷ ! ଆଜି ଟ୍ରେନ ଧରୁଛ ?···ସଚ୍ଚି ଟେବୁଲ ପାଖରୁ ଘୁଞ୍ଚି ଆସିଲା ପଛକୁ । ସ୍କ୍ରିନ ଅଡେଇ ବାହାରକୁ ଚାଲି ଆସିଲା ।

ତେବେ ବରହମପୁର ଯିବ କିପରି ? କାଲି ସକାଳ ଦଶଟାରେ ହେବ ଇଣ୍ଟରଭ୍ୟୁ । ଶେଷ ଆଶା···ନା' ଯିବାକୁ ହେବ ।

ପୁଣି ଫେରିଲା । ଟେବୁଲ ଉପର ଟାଇମ୍‌ପିସ୍‌ଟା ଚାଲିଛି । ଡାଏଲ୍ ଭିତରକୁ ଅନାଇଲା । ମଣିଷ ମୁହଁ ଦେଖା ଯାଉନି ଆଜ । କିନ୍ତୁ ଦୁଇଟା ଅଙ୍ଗୁଳି ଯେପରି ତା ଆଡ଼କୁ ଦେଖା ହୋଇଛି, [illegible] କେଉଁ ଶୂନ୍ୟରୁ ଭାସି ଆସୁଛି, ଅଧ୍ୟାପକ ସଚ୍ଚି [illegible] କରୁଛି । ଧର ଧର···! ଭୟରେ ଆର୍ତ୍ତନାଦ କରି ଚାରି ଆଡ଼ ପଛକୁ ଘୁଞ୍ଚି ଆସିଲା । ଚମକି ପଡ଼ି ଚାରିଆଡ଼କୁ ଚାହିଁଲା । କିଏ କହିଲା କି ? ନା' ଅରପଟକୁ ମୁହଁ କରି ସୁଧାଂଶୁ ଶୋଇ ପଡ଼ିଛି । ଚାକର ନିଃଶ୍ୱାସ ନେବାର ଶବ୍ଦ ଭାସି ଆସୁଛି ।

ଧୀରେ ଧୀରେ ନିଶ୍ୱାସ ବନ୍ଦ କରି ଟେବୁଲ ପାଖକୁ ଗଲା ।

ମନିବ୍ୟାଗରୁ ଦଶ ଟଙ୍କିଆ ନୋଟ ଖଣ୍ଡେ କାଢ଼ି ଗୁଞ୍ଜି ପକେଟରେ ରଖିଲା ।

ରାସ୍ତା ଉପରକୁ ଚାଲି ଆସିଲା ।

* * *

ଟଂ ଟଂ ହୋଇ ଦୁଇଟା ବାଜିଲା । ସଚ୍ଚିର ନିଦ ହଠାତ୍ ଭାଙ୍ଗିଗଲା । ଟ୍ରେନ ଭିତରେ । ପାଖରେ ଶୋଇଛି ସୁଦେବ, ତା

ସେପଟକୁ ପ୍ରତିମା । ସର୍ବେଶ୍ୱର ପିନ୍ଧା ଜାମିର ପକେଟରେ ହାତ ପୁରାଇଲା । ଅଠଣିଟା ଅଛି । ତିନି ଦିନ ତଳେ ମଣ୍ଟୁ ବାବୁଙ୍କ ସ୍ତ୍ରୀ ତାକୁ ଦେଇଥିଲେ । ଆଜିଯାଏ ଖର୍ଚ୍ଚ କରିନି, ରଖିଚି । ଅଠଣିଟା ପକେଟରୁ ନେଇ ଆସିଲା । ଅନ୍ତତଃ ସିଗାରେଟ୍ ପାକେଟ୍‌ଟାଏ କିଣାଯାଇ ପାରିବ ।

ପ୍ରତିମାକୁ ଉଠାଇଲା । ପ୍ରତିମା କହିଲା, ଏତେ ଶୀତରେ ଯିବ କେମିତି ?

ଦିନେ ତ ପୁଣି ବାହାରେ ଏତେ ଶୀତରେ ଶୋଉଥିଲେ ପର ?

ଗୁଦରଟା ନେଇଯାଅ ।

ତମେ କଣ ଘୋଡ଼ି ହେବ ?

ଆମର ଚଳିଯିବ ଯେ, କାଲି ସଞ୍ଜବେଳକୁ ତମେତ ଆସିବ ।

ନାହିଁ ଥାଉ, ଏଇ ଜାମିରେ ମୋର ବେଶ୍ ଚଳିଯିବ ।

ସିଏ ବାହାରକୁ ବାହାରି ପଡ଼ିଲା । ପ୍ରତିମା କହିଲା, ଦେଖା-ଯାଉ କଣ ଭଗବାନ କରୁଛନ୍ତି, ଯଦି ଭାଗ୍ୟ ଫେରି ଯାଆନ୍ତା !

ସିଏ ରାସ୍ତା ଉପରକୁ ଆସି ପଛକୁ ଅନାଇଲା । ପ୍ରତିମା କିନ୍ତୁ ଅନ୍ଧାରରେ ଆଉ ଦେଖାଯାଉନି । କବାଟ ପାଖରେ ଠିଆ ହୋଇ ହୁଏତ ତା ଅଡ଼କୁ ଚାହୁଁଚି । କବାଟ ଦେଇ ଦେଇଥିଲେ ସେ ଅଦ୍ଭୁତ ଶବ୍ଦଟାତ ନିଶ୍ଚୟ ହୋଇଥାନ୍ତା ! ନା, ପ୍ରତିମା କବାଟ ପାଖରେ ଠିଆ ହୋଇ ତାରି ଅଡ଼କୁ ଚାହୁଁଚି ।

ଖୁବ୍ ଶୀତ ପଡ଼ିଚି ଏ ବର୍ଷ !

ସର୍ଜି ଖୁବ୍ ଜୋରରେ ଷ୍ଟେସନ ଦଗରେ ଦୌଡ଼ିବାକୁ ଆରମ୍ଭ କଲା ।

କାଲି ସକାଳୁ ସୁଧାଂଶୁ ଦେଖିବ, ତା ମନିବ୍ୟାଗରେ ଦଶଟଙ୍କାର ନୋଟଟି ନାହିଁ । ଟିକିଏ ଖୋଜିବ, ତାପରେ ପୁଣି ବିସର୍ଟ କାର୍ଯ୍ୟରେ ମନ ଦେବ । କିନ୍ତୁ ସଭଜୁ ? ସେବି ସୁଧାଂଶୁ ପରି ସକାଳୁ ଉଠି ଦେଖିବ ତା ପକେଟରୁ ଆଠ'ଣା ପଇସା କୁଆଡ଼େ ଉଡ଼ି ଯାଇଛି । ତିନିଦିନ ଧରି କେତେ ଲୋଭକୁ ଜବରଦସ୍ତି ଚାପି, ଯେଉଁ ଆଠ'ଣାକୁ ଅକ୍ଷୁର୍ଣ୍ଣ ରଖାଯାଇ ପାରିଥିଲା, ଗୋଟାଏ ମୁହୂର୍ତ୍ତରେ ତାହା କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଛି ! ହତଭାଗୀ ପାଞ୍ଚ ବର୍ଷର ସରଳ ନିରୀହ ଝିଅ ସରୋଜ କିପରି ଜାଣିବ, ବାପୁ ଯେଉଁ ବାପ ତାର ଜୀବନ ପାଇଁ ତାର ପ୍ରତି ରକ୍ତବିନ୍ଦୁ ଦେଇଛି— ସେଇ ଆଦରର, ପ୍ରାଣର ବାପ ପୁଣି ଚୋରି କରି ନେଇଛି ସେଇ ଆଠ'ଣା ପଇସା ? ଆଉ ଟିକିଏ ସମୟ ପରେ ସେଇ ଆଠ'ଣା ପଇସା ଆକାଶର ଏଇ ଅନନ୍ତ ଉଦାର ଗର୍ଭରେ ଧୂଆଁ ଆକାରରେ ମିଶିଯିବ ଚିରଦିନ ପାଇଁ, ପଛରେ ପଦଚିହ୍ନ ନରଖି । ତାପରେ··· ତାପରେ···ସେ ଆଠ'ଣା ପଇସା କିପରି ଧ୍ୱଂସ ହୋଇଗଲା, କିପରି ଶୂନ୍ୟରେ ପରିଣତ ହୋଇଗଲା, ତାହା ଠିକ୍ କରିବା ସହଜ ହେବ ନାହିଁ ! ଗୋଟିଏ ଅସହାୟା, ନିରୀହ, ହତଭାଗୀ ଝିଅର ସମସ୍ତ ସଂପଦ ଏକ ମୁହୂର୍ତ୍ତରେ ଶୂନ୍ୟରେ ପରିଣତ ହୋଇଯିବ ଚିରଦିନ ପାଇଁ ।

ଗୋଟାଏ ରିକ୍ସା ଆସିଲା ପଛରୁ । ରିକ୍ସାର ଉପର ପର୍ଦ୍ଦା ଟେକା ଯାଇଛି । ଗୋଟାଏ ମୋଟା ଲୋକ ବସିଛି ତା ଉପରେ । ପୌଷର ଏ ଅସହ୍ୟ ଶୀତ ତାର ମୋଟା ଚମଡ଼ାରେ ହୁଏତ ପଶି

ଖାଲ୍ଲିଣ । ଏ ଲୋକଟା ଏତେ ମୋଟା ହେଲା କିପରି ? ହୁଏତ ଖାସଖାଇଚ୍ ସବୁ ଅନ୍ୟର ରକ୍ତ, ଅନ୍ୟର ଖାଦ୍ୟସାର ଶୋଷଣ କରି ନିଜେ ଏତେ ମୋଟା ହୋଇଛି ।

ଗଣତନ୍ତ୍ରର ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ହୁଏତ ଲୋକଟା ଓ୍ୟାଟର ପ୍ରୁଫ୍, ଡଷ୍ଟପ୍ରୁଫ୍ ପରି କୌଣସି ଏକ ପ୍ରୁଫ୍ ଆବିଷ୍କାର କରିଥିବ ନିଶ୍ଚୟ ! କାରଣ ଏ ଗଣତନ୍ତ୍ରର ଯୁଗରେ ଖାସ୍-ଖାଇଚ୍ ହେଉଛି ଯେ ଅପରାଧ, ଗୁରୁତର ଅପରାଧ । କିନ୍ତୁ ପ୍ରୁଫ୍ ରକ୍ଷାକରେ ଆଖି ମେସ୍ମେରିଜମ୍ ପରି କାମକରେ । ଆଖିରୁ ବୁଦ୍ଧିଶକ୍ତି କାଢ଼ି ନିଏ ;

ଷ୍ଟେସନ ପାଖ ଗୋଟାଏ ଚା ଦୋକାନ ଭିତରକୁ ସଳି ପଶିଗଲା ।

ଚା ଗୁଡ୍ କପ୍ !

ଦୋକାନୀଟି ତା ଆଡ଼କୁ ଟିକିଏ ଚାହିଁଲା । ତାପରେ ଚା ଆଣିଦେଲା । ଚା ପିଇସାରି ତିନି ପ୍ୟାକେଟ କାରଲଟନ୍ ଆଉ ଦିଆସିଲି ମୁଠାଏ କିଣିଲା ।

ଷ୍ଟେସନ ।

ଗାଡ଼ି ଆସିବାକୁ ଆହୁରି ଅଧଘଣ୍ଟାଏ ଡେରିଅଛି । ପ୍ଲାଟଫର୍ମରେ ଠିଆ ହୋଇ ନିଶବ୍ଦରେ ସିଗାରେଟ ଟାଣିବା ର ଲାଗିଲା ସଳି ; ସିଗାରେଟ୍ ଟାଣିବା ଫଳରେ ଆଉ ଗୁଡ୍ କପ୍ ଚା ପିଇବା ଫଳରେ ଶୀତ କେଉଁଆଡ଼େ ଗୁଡ଼ କରି ପଳାଇଛନ୍ତି । ମନରୁ ସବୁ ଦୁଶ୍ଚିନ୍ତା ପଳାଇଛନ୍ତି ସିଗାରେଟ୍ର ଏଇ ହାଲ୍କା ଧୂଆଁରେ ।

ଏଁ, ଏ କାହାର ମୁହଁ ? ସେ ମୁହଁଟା ଯେପରି ଚିତ୍କାର କରି କହୁଛି, ଅଧ୍ୟାପକ ସଳି ବୋଷ ଅଜ୍ଞ ଗ୍ରେଟ୍ କରଛି, ଅଧ୍ୟାପକ···

ସଞ୍ଜି ଦଉଡ଼ି ଦଉଡ଼ି ପ୍ଲାଟଫର୍ମର ଆର ପାଖକୁ ଚାଲିଗଲି । ଦେଖିଲି ସେ ଲୋକଟା ଯେମିତି ତା ଆଡ଼କୁ ଆଙ୍ଗୁଠି ଦେଖେଇ କହୁଛି, ଅଧ୍ୟାପକ ଚୋର କରନ୍ତି, ଚୋର··· । ସଞ୍ଜି ଅନ୍ୟପାଖକୁ ମୁହଁ କରି ଠିଆ ହେଲା । ଗୁରୁଅଢ଼େ ଯେପରି ସେଇଁ ମୁହଁ, ମୁହଁରେ ଛନ୍ଦ ପାମ୍ପକ ୪୪ । ୪୮ ଅଖି ବୁଜି ଦେଲା । ମନ ଭିତରୁ କିଏ ଯେପରି ଚିତ୍କାର କରି ଉଠିଲା,··· ସଞ୍ଜି ବୋଧହୁଏ ଆଜି ମାନବିକତାର, ମନୁଷ୍ୟତାର ଦେହ ମୋଡ଼ି ଦେଉଛି । ଅଧ୍ୟାପକ ସଞ୍ଜି ବୋଧେ ମାନବିକତାର ତଣ୍ଟି ଚିପି ଦେଉଛି··· ।'

ନା, ନା, କି ଦୁର୍ବଳ ସେ ! ସବୁ ଅସିଥିବା ସିଗାରେଟକୁ ଫିଙ୍ଗିଦେଇ ନୂଆ ସିଗାରେଟଟାଏ ଲଗାଇଲା । ମନ ଭିତରୁ, ହୃଦୟରୁ ଭିତରୁ ଉଠୁଥିବା ସେଇ ଚୁପକୁ ଲୁଚେଇ ଦେବାକୁ ବସିଲା ସିଗାରେଟର ହାଲୁକା ନୀଳ ଧୂଆଁରେ ।

## ତ୍ରୁଟି

ଟ୍ରେନର ଗୋଟାଏ ଥାର୍ଡ଼କ୍ଲାସ କମ୍ପାର୍ଟମେଣ୍ଟକୁ ସଞ୍ଜି ଉଠି-ଯାଇ ଦେଖିଲା କମ୍ପାର୍ଟମେଣ୍ଟଟା ଭର୍ତ୍ତି ହୋଇ ନ ଥିଲେ ମଧ୍ୟ ସବୁ ବେଞ୍ଚଗୁଡ଼ିକ ଅଧିକୃତ ହୋଇ ସରିଛି । ଦୁଇଟି ବେଞ୍ଚରେ ଦୁଇଜଣ ବେଶ ଆରାମରେ ଶୋଇ ଯାଇଛନ୍ତି । ବାକି ଦୁଇଟି ବେଞ୍ଚ ପୂର୍ଣ୍ଣ । ଉପରେ ଯେଉଁଠି ଲଗେଜ୍ ରଖଯାଏ, ଅଧିକୃତ କରିଛନ୍ତି କେତେଜଣ ଲୋକ । ଆଜି ଏ ବିଂଶ ଶତାବ୍ଦୀରେ ମଣିଷ କଣ ଲଗେଜ୍ ହୋଇଯାଇଛି ? ଉଚ୍ଚ ଶିକ୍ଷିତ, ସଭ୍ୟ ମଣିଷ କଣ ଲଗେଜ,

ଜଣପଷଣ୍ଡର ସ୍ଥାନ ପୂରଣ କରନ୍ତୁ ? ସେ କେତେ ସମୟ ରେଲିଂ ଧରି ଠିଆ ହୋଇ ରହିଲା ।

ଟ୍ରେନ୍ ଚାଲିବା ପରେ ସର୍ଗି କବାଟ ବନ୍ଦକରି ଭିତରକୁ ଆସିଲା । ଝରକା ପଟେ ଥିବା ବେଞ୍ଚରେ ଯେଉଁ ଲୋକଟି ବେଶ୍ ନିଶ୍ଚିନ୍ତରେ ଶୋଇଛି, ଦେହରେ ତାର ଗୋଟାଏ ମାଟିଆ ମଇଳା ହାଫ୍‌ପ୍ୟାଣ୍ଟ ଆଉ ଶସ୍ତା ତୁଳା କମ୍ବଳ ଗୋଟାଏ । ଅର ପଟ ବେଞ୍ଚରେ ଯେ ଶୋଇଛି ତାକୁ ବତିଶ ବୟସ ଯାଏ ହେବ । ଦେହରେ ତାର [illegible]ଇମ ସୁଟ । ହାତରେ ରିଷ୍ଟୱାଚ ।

ଝରକା ପାଖକୁ ଶୋଇଥିବା ଲୋକଟାକୁ ସର୍ଗି ହଲାଇ ଦେଇ କହିଲା, ହେ, ମହାଶୟ, ଟିକିଏ କଷ୍ଟ କରି ଉଠିବେ କି ? ହେ ମହାଶୟ, ବାବୁ ଟିକିଏ ଉଠନ୍ତୁ ନା, ଟିକିଏ ଜାଗା—ହେ ବାବୁ !

ଲୋକଟି ହଠାତ୍ ଉଠି ବସିଲା । ସର୍ଗି ଅଟକେ ଚାହିଁଲା । ଆଖିର ଚାହାଣୀ ତଳେ ସର୍ଗିକୁ ଧ୍ୱଂସ କରି ଦେବାର ଇଂଗିତ ଯେପରି ଲୁଚି ରହିଛି । ଲୋକଟା ଯଦି ମହାଦେବ ହୋଇଥାନ୍ତା, ହୁଏତ ବର୍ତ୍ତମାନ କପାଳରେ ତୃତୀୟ ଆଖି ବାହାର କରି ତାକୁ ଭସ୍ମ କରି ଦିଅନ୍ତା ଏକ ମୁହୂର୍ତ୍ତରେ ! ସର୍ଗି ରକ୍ଷା ପାଇଗଲା । ଏଇ ବିଂଶ ଶତାବ୍ଦୀରେ ପ୍ରକୃତରେ ଯଦି ସଚଳ ମହାଦେବ ଥାଆନ୍ତେ, ତେବେ କେତେ ଲୋକ ଯେ ହଠାତ୍ ଶୂନ୍ୟରେ ପରିଣତ ହୋଇ ଯାଉଥାନ୍ତେ କିଏ ତାର ହିସାବ ଦେବ ?

ଝରକା ବନ୍ଦ କରି ଦେଇ ସର୍ଗି ଚୁପ୍ ହୋଇ ବସିଲା ।

ତାହାଙ୍କ ମତେ ଉଠେଇଲ ?

ବସିବାକୁ ଜାଗା ନଥିଲା ।

ଲୋକଟା ସଙ୍ଗି ଅଡ଼କୁ ଟିକଏ ଅନାଇ କହିଲା, ଟିକେଟ୍ ଅଛି ତ ?

ଆପଣ କଣ ଟିକେଟ୍ ଚେକର ?

ତଥାପି ଜାଣିବାକୁ ଚାହୁଁଛି ।

ମୁଁ ସେ କଥା ଆପଣଙ୍କ ଆଗେ କହିବାକୁ ପ୍ରସ୍ତୁତ ନୁହେଁ ।

ଆପଣଙ୍କ ଘର ?

ସଙ୍ଗି ନୀରବ ରହି ଖଣ୍ଡେ ସିଗାରେଟରେ ନିଆଁ ଲଗାଇଲେ । ଅଳ୍ପକ୍ଷଣେ ସିଗାରେଟ ବାହାର କରି ସେ ଲୋକକୁ ଯାଚିଲେ, ମହାଶୟ କିଛି ମନେ କରିବେନି, ସିଗାରେଟ ଖଣ୍ଡେ ନିଅନ୍ତୁ ।

ସିଗାରେଟରେ ବିଷ ଦିଆ ହୋଇନାହିଁ ତ ?

ମୁଁ ଚୋର କିମ୍ବା ଡକାୟତ ନୁହେଁ ।

ଜାଣିଲି, କିନ୍ତୁ ସିଗାରେଟରେ ବିଷ ଦେବା ଆଜିକାଲିର ବହୁତ ହେଉଛି । ମୁଁ କିପରି ଜାଣିବି ଆପଣ ଭଦ୍ରଲୋକ !

ବିଶ୍ୱାସ ଯଦି ନ କରନ୍ତି, ତେବେ ମୋ ଅନୁରୋଧଟା ମୁଁ ଫେରାଇ ନେଉଛି ।

ବିଶ୍ୱାସରେ ତ ବିଷ ଦେବା ଖୁବ ସହଜ ।

ସଙ୍ଗି ସିଗାରେଟଟିକୁ ଖୋଲ ଭିତରେ ପୁରାଇ ଦେଇ ପକେଟରେ ରଖିଲେ । ଲୋକଟି କେତେ ସମୟ ଧରି ସଙ୍ଗିଙ୍କୁ ଅନାଇଲା, ତାପରେ କହିଲା, ଆପଣ କ'ଣ ପୂର୍ବବଙ୍ଗରୁ ଆସିଛନ୍ତି ? କଣା ପଡ଼ୁଛନ୍ତି, ନିଶ୍ଚୟ ହୋଇଥିବେ ।

ସଚ୍ଚି ଖୋଲାଥିବା ଝରକା ଦଗରେ ମୁହଁ କାଢ଼ିଲା, ହଁ।

ଓଃ ତାହେଲେ—ଆପଣ ଜଣେ ଇଣ୍ଟରଭ୍ୟୁକୁ ଯାଉଛନ୍ତି ?

ନିଶ୍ଚୟ !

ସଚ୍ଚି ଚାହିଁଲା ସେ ଲୋକଟା ଆଡ଼େ। ସେ ଲୋକର ମୁହଁରେ ଗୋଟାଏ ବିକୃତ ହସ ଫୁଟି ଉଠିଲା। ଦୁଇ ହାତ ଟେକି ନମସ୍କାର କଲା ଲୋକଟା। ତାପରେ ହାତ ଦେଖାଇ ମାଗିଲା, ବର୍ତ୍ତମାନ ଦେଇ-ପାରନ୍ତି, ସିଗାରେଟ ଖଣ୍ଡେ ଖାଇବାକୁ ପ୍ରସ୍ତୁତ ଅଛି। ସିଗାରେଟ୍‌ରେ ନିଆଁ ଲଗାଇ ଲଗାଇ ଲୋକଟା କହିଲା, ମୋ ନାଁ ନୃପେନ୍ଦ୍ର ମିତ୍ର। ମୋ ଘର ପୂର୍ବବଙ୍ଗରେ, ମୁଁ ଆଶ୍ରୟପ୍ରାର୍ଥୀ। ଜୀବନର ଏଇ ଶୀତସ୍ଥିତରେ ସିଗାରେଟ୍ ଖଣ୍ଡକର ମୂଲ୍ୟ କମ ନୁହେଁ ! ଓଃ ବାବୁ, ଆପଣଙ୍କ ନାଁଟା କଣ ?

ସଚ୍ଚିଦାନନ୍ଦ ବୋଷ।

ସଚ୍ଚିବାବୁ, ମୋଆଡ଼କୁ ଟିକେ ଆସନ୍ତୁ—ଖୁବ୍ ପାଖକୁ।

ସଚ୍ଚି ତାଙ୍କର ଖୁବ ପାଖକୁ ଘୁଞ୍ଚିଗଲା। ନୃପେନ୍ଦ୍ର ବାବୁ କହିଲେ, ଆପଣ ବର୍ତ୍ତମାନ କେଉଁଠି ଅଛନ୍ତି ଜାଣିପାରେ କି ?

ଜଣକ ଘରେ ରହୁଛି।

ମୁଁ ପ୍ରଥମେ ଥିଲି ଚକଦ୍ୱାରରେ, ଆଶ୍ରୟପ୍ରାର୍ଥୀମାନଙ୍କ ପାଇଁ ହୋଇଥିବା ସରକାରୀ ଘରେ। ପ୍ରତିଦିନ ଗଣ୍ଡାଏ ଖାଇବାକୁ ଯାହା ମିଳେ। ତାପରେ ଚାଲି ଆସିଲି ସେଠାରୁ। ପୂର୍ବବଙ୍ଗରେ ଥିଲି ବ୍ୟବସାୟୀ, ଆଜ ଏଠିକି ଆସି ଗଣ୍ଡାଏ ଭାତ ଖାଇ ମୁଁ ଚୁପ୍ ରହି ପାରେ ? ଚାଲି ଆସିଲି।

ସଚ୍ଚି ପାଖକୁ ଆଉ ଟିକିଏ ଘୁଞ୍ଚି ନୃପେନ୍ଦ୍ର ଆସି ପଚାରିଲା, ଟିକେଟ କରିଛନ୍ତି ?

ସଚ୍ଚି ମୁଣ୍ଡ ହଲାଇ କହିଲା, ହଁ।

ନୃପେନ୍ ମୁଣ୍ଡ ହଲାଇ କହିଲା, ବୋକା ଅପଣ !

ଭାବୁଁଛ ?

ବୋକା ନୁହନ୍ତି ? ସୁଭ ଭଲାଟାରେ ଗାଡ଼ିରେ ବେଲୁ ଭ ଟିକେଟ ଚେକ୍ କରିବାକୁ ଆସିବନି । ଯଦି ବା ଅସେ ଅଣ୍ଡ୍ରସ୍ତୁପ୍ରାର୍ଥୀ କହିଲେ ନିଶ୍ଚୟ ଛାଡ଼ିଦେବ । ଗଭର୍ଣ୍ଣମେଣ୍ଟରୁ ମିଳନ୍ତି ପାଞ୍ଚଟଙ୍କା । ଏତିକ ଟଙ୍କାରେ କେତେଗୁଡ଼ାଏ ସିଗ୍ରେଟ ଅନ୍ତତଃ କିଣାଯାଇ ପାରିବ ।

ନୃପେନ୍ଦ୍ର ସିଟରୁ ଉଠି ଅରପାଖ ବେଞ୍ଚରେ ଶୋଇଥିବା ଲୋକଟିକୁ ଉଠାଇଲା । ଯୁବକଟି ବେଞ୍ଚ ଉପରେ ବସି ପଡ଼ିଲା । ସଚି ଦଗରେ ହାତ ଦେଖାଇ ନୃପେନ୍ଦ୍ର କହିଲା, ଏ ବି ପୂର୍ବ ବଙ୍ଗରୁ ଆସିଚନ୍ତି, ଇଣ୍ଟରଭ୍ୟୁରେ ଯାଉଛନ୍ତି । ଯୁବକଟି ଦୁଇହାତ ପାପୁଲିରେ ଆଖି ଦୁଇଟିକୁ ମଳି ସଚି ଆଡ଼େ ଚାହିଁଲା । ନୃପେନ୍ଦ୍ର କହିଲା, ୟାଙ୍କ ନାମ ହେଉଚି ସଚି ବୋଷ, ଆଉ ସଚିବାବୁ ୟାଙ୍କ ନାଁ ହେଉଛି ଅମରେନ୍ଦ୍ର ଗଙ୍ଗୋପାଧ୍ୟାୟ—ଅଳ୍ପରେ କହିବାକୁ ହେଲେ ଅମର ଗାଙ୍ଗୁଲି । ଏ ବି ପୂର୍ବ ବଙ୍ଗୀୟ । ଏ କଲିକତାରୁ ଭଲରେ ସହ ବି. ଏସ. ସି ପାଶ କରି ନୋଆଖାଲିରେ ଚାକିରି କରୁଥିଲେ । ତାପରେ ଏବେ ଏଭଳି ଅଛି । ଏ ବି ଚାଲି ଆସିଚନ୍ତି ସରକାରୀ ସାହାଯ୍ୟ କେନ୍ଦ୍ରକୁ ।

ଅମର ନମସ୍କାର କଲା ସଚିକୁ ଆଉ ସଚି ପ୍ରତିନମସ୍କାର ଜଣାଇଲା ।

ନୃପେନ୍ଦ୍ର ଆସି ନିଜ ସିଟ୍ ଉପରେ ଥୋଇ ଖସ୍ତା କମ୍ବଳ ଖଣ୍ଡିକ ଘୋଡ଼ଘାଡ଼ି ହୋଇ ବସିଲା । କହିଲା, ବୁଝିଲେ ସଚି ବାବୁ,

ମୁଁ ପାଶ ମାଟ୍ରିକ୍ । ସେଥିପାଇଁ ଇଣ୍ଟରଭ୍ୟୁରୁ ଡାକରା ଆସିଛି, ନ ହେଲେ ଇଣ୍ଟରଭ୍ୟୁ କିଏ, ମୁଁ କିଏ ? ହଠାତ୍ ନୃପେନ୍ଦ୍ର କାନ୍ଦିବାକୁ ଆରମ୍ଭ କଲା । ସବି ପଚାରିଲା ଅମରକୁ । ଅମର କହିଲା, ତାଙ୍କର ମନେ ପଡ଼ୁଛି ତାଙ୍କ ଝିଅ କଥା ।

କିଛି ସମୟ ପରେ ନୃପେନ୍ଦ୍ର କାନ୍ଦ ବନ୍ଦ କରି କହିଲା, ହଁ ମୋ ଝିଅ ଆରତୀ କଥା ମନେ ପଡ଼ିଲେ ଟିକିଏ କାନ୍ଦ ମାଡ଼େ । ବଣ ସାରା ଶେଷ ହୋଇ ଯାଇଥିଲେ, ବାକିଥିଲା ଆରତୀ, ତାକୁ ଆସିଲା-ବେଳେ କଲିକତା···ତା’ପରେ ତାପରେ···ପୁଣି କାନ୍ଦିବାକୁ ଲାଗିଲା । ତାପରେ ପୁଣି ଆରମ୍ଭ କଲା—କଲିକତାରେ ତାକୁ ବିକୀ କରିଦେଲି ଗୋଟାଏ ପ୍ରଫେସରକୁ । ମତେ ପଚିଶଟା ଟଙ୍କା ଦେଇଥିଲା···ଦେଖିଲ ସବିବାବୁ ସେ ଟଙ୍କା କଣ ଏ ଦେହକୁ ସୁନ୍ଦର କରିପାରିଲା ନା ମୋଟା କରିପାରିଲା ? ଆରତୀ ସୁନ୍ଦରୀ ଆଉ ଗୁଣବତୀ ଝିଅଟିଏ ଥିଲା । କେତେ ଗୀତ ସିଲେଇ ଶିଖିଥିଲା । ମାଇନର ପାଶ କରି ମାଟ୍ରିକ୍ ଅଧାପାଏ ପଢ଼ିଥିଲା—ଶେଷରେ ପୁଣି ବିକା ହେଲା । ଆରତୀର ମାଂସ, ତାର ରକ୍ତ, ତାର ବୁଦ୍ଧି, ତାର ଘରକରଣା, ତର ସୌନ୍ଦର୍ଯ୍ୟ, ତାର ଗୁଣ ସବୁ ବିକୀ ହୋଇ ମୋଟେ ମିଳିଲା ପଚିଶଟା ଟଙ୍କା ! ଅଧୁନିକ ସ୍ୱାଧୀନ ଭାରତର ଗୋଟିଏ ନାଗରିକର ବିକୀ ଲବ୍ଧ ଧନ ଆଉ ଗୋଟାକୁ ନା ମୋଟା କରିପାରିଲା—ନା ସୌନ୍ଦର୍ଯ୍ୟ ଦେଇ ପାରିଲା ?

ସେ ପଚିଶ ଟଙ୍କାରୁ ପୁଣି କଲିକତାରୁ ଆସିଲା ବେଳେ ଗୋଟିଏ ପକେଟମାରୁ ମାରିନେଲା ତେଇଶ୍ ଟଙ୍କା ! ଦିନ ପାଞ୍ଚଟା ଭିତରେ ଗୋଟିଏ ମଣିଷର ମୂଲ୍ୟ ଶେଷ ହୋଇଗଲା !

ସବି ମୁହଁ ଟେକି କହିଲା, କମ୍ ଆଶ୍ଚର୍ଯ୍ୟ ନୁହେଁ !

ସେତିକ ଟଙ୍କାରେ ଯଦି ବ୍ୟବସାୟ ଆରମ୍ଭ କରି ଦେଇଥାନ୍ତି, ତାହେଲେ ଆଜ ହୁଏତ କିଛି ରୋଜଗାର ମୁଁ କରି ପାରୁଥାନ୍ତି। କିନ୍ତୁ କପରେ ଉପରେ ଉଡ଼ିଗଲା ସେ ଟଙ୍କା!

ଅମର ପଚାରିଲା, ଆଜ୍ଞା, ସଚିବାବୁ, ଆପଣ କଣ ପାଶ୍ କରିଛନ୍ତି?

ଏଇ, ଏମ୍. ଏ.……

ଏମ୍. ଏ.?

ହୁଁ……

ଆପଣ ଆଗରୁ କଣ କରୁଥିଲେ?

ପ୍ରଫେସର ଥିଲି ସେଠାରେ।

କି ପ୍ରଫେସର?

ଇତିହାସରେ।

ନୃପେନ୍ଦ୍ର ଆଖିରୁ କମ୍ବଳରେ ଲୁହ ପୋଛି କହିଲା, ପ୍ରଫେସର? ପ୍ରଫେସର ସବୁ ଚୋର, ବଦମାସ। କଲିକତାର ବଡ଼ ପ୍ରଫେସର ଶିକ୍ଷିତ, ଧନୀ। ଦେଖିଲତ ତାକୁ? ଆଜ ଗୋଟାଏ ପ୍ରଫେସର କଥା ଶୁଣିବ? କଟକରେ, ତା ନା ପ୍ରଫୁଲ୍ଲ ପଟ୍ଟନାୟକ, ସେ ବି ଇତିହାସ ଅଧ୍ୟାପକ ଗୋଟାଏ। ଗଭର୍ଣ୍ଣମେଣ୍ଟ ଆଶ୍ରୟ ଲାଗାରୁ ଅଫିସ ଷ୍ଟେସନ ପାଖରେ ହୋଇଛି, ସେ ମତେ ଦେଖିଲା। ତା ମଟରରେ ବସାଇ ଘରକୁ ନେଇ ଦୁଇଦିନ ରଖି ଖାଇବା ପିଇବାକୁ ବି ଦେଲା। ଶେଷରେ ଦିନେ କହିଲି, ମତେ ଶହେଟା ଟଙ୍କା ଦିଅନ୍ତୁ, ମୁଁ ଗୋଟିଏ ବ୍ୟବସାୟ କରିବି। କହିଲା, ତମ ଦେଇ କି ବ୍ୟବସାୟ ହେବ ଶୁଣେ?…ମାନୁଆଙ୍କ କୁଆଡ ପୁଣି ବ୍ୟବସାୟ କରେ।

କହିଲି, ହେବ ଯଦି ଗୋଟାଏ ଗେଂଜି ବ୍ୟବସାୟ କରିବ । ସ୍ତ୍ରା-କଡ଼ରେ ଧରି ଗେଞ୍ଜି ବିକିବ । ହସିଲି, କହିଲି, ତାଠାରୁ ବରଂ ଆଉ ଗୋଟାଏ ଭଲ କଥା କହୁଛି । କର, ଭଲ ହେବ । ମୋ ଘରେ ରୋଷେଇ କର । ମୁଁ ମାସକୁ ପାଞ୍ଚଟଙ୍କା ଲେଖାଏ ଦେବି, ଆଉ ପିନ୍ଧିବାକୁ, ଖାଇବାକୁ ଦେବି । ନୂଆ ହୋଇ ବାହା ହୋଇଛ ନା ! ତା ସ୍ତ୍ରୀର କୋମଳ ସୁନ୍ଦର ହାତ ରୋଷେଇ କଲେ କୁଆଡ଼େ ନଷ୍ଟ ହୋଇଯିବ ! ସେଦିନ ତାର ଇଚ୍ଛା ହେଉଥିଲା—ସେଇଠି ତା ବେକଟାକୁ ମୋଡ଼ି ଦେବାକୁ । ନିଶ୍ଚୟ ଦିନେନା ଦିନେ ତା ବେକ ମୋଡ଼ିବି । ତାପରେ ମୁଁ ନାହିଁ କଲାରୁ ଚାକର ହାତରେ ଧକ୍କା ଦେଇ ଦୁଆରବନ୍ଧ ଏ ପଟେ ଛାଡ଼ି ଦେଇଥିଲା । ତାପରେ ହସି ଉଠିଥିଲା ଖୁବ୍ ଜୋରରେ । ତାର ସେ ନିର୍ମମ ନିଷ୍ଠୁର ହସ ଆଜଯାଏ ମୁଁ ବି ଭୁଲି ପାରିନି । ଦିନେ ତାକୁ ଖୁନ କରି ମୁଁ ବି ହସିବି ସେପରି ହସ—ହାଃ—ହାଃ—ହାଃ, ଚିହ୍ନିନ ନୃପେନ୍ଦ୍ର ମିତ୍ରକୁ, ନା ?

ଅମର କହିଲା, ଏଇ ଡବାରେ ଯେତେକ ଅଛନ୍ତି, ସମସ୍ତେ ପୂର୍ବବଙ୍ଗର, କେବଳ ଦୁଇଜଣଙ୍କୁ ଛାଡ଼ି । ସେ ଦୁଇଜଣ ପଶ୍ଚିମ ପଞ୍ଜାବର—ସମସ୍ତେ ଚାଲିଛନ୍ତି ସେଇ ଇଣ୍ଟର୍‌ଭ୍ୟୁକୁ । ଇଣ୍ଟରଭ୍ୟୁକୁ ଯାଇ ଯାଇ ଗୋଡ଼ରୁ ପାଣି ମଲାଣି । କିନ୍ତୁ ଚାକିରି କାହିଁ ?

ସଚ୍ଚି କହିଲା, ଆଜିକାଲି ଚାକିରି ସିନା ଖାଲି ହେଲେ ମିଳିବ । ଖାଲି ହେଉଛି କେଉଁଠି ? ପୁଣି ଏ ପ୍ରଦେଶରେ ଲୋକ-ମାନଙ୍କୁ ତ ଚାକିରି ଦିଆଯିବ ?

ସଚ୍ଚି ଗୋଟାଏ ସିଗାରେଟ୍‌ରେ ନିଆଁ ଲଗାଇ ଗୋଟାଏ ସିଗାରେଟ୍ ନୃପେନ୍ଦ୍ରକୁ ଦେଲା । ଅମର ମନାକଲା ସିଗାରେଟ୍ ଖାଇବାକୁ । ସିଗାରେଟ୍ ଅଭ୍ୟାସ ତାର ନାହିଁ ।

ଅମର କହୁଲା, ପଶ୍ଚିମବଙ୍ଗ ତ ପଶ୍ଚିମ ବଙ୍ଗ ଲୋକଙ୍କ ପାଇଁ, ଆସାମ ତ ଆସାମ ମାନଙ୍କ ପାଇଁ; ବିହାର ବିହାରୀମାନଙ୍କର, ଓଡ଼ିଶା ଓଡ଼ିଆମାନଙ୍କର; ମାନ୍ଦ୍ରାଜ ମାନ୍ଦ୍ରାଜୀଙ୍କର । ତେବେ କେଉଁ ପ୍ରଦେଶ ରହିଲା ଆଉ ଆମ ପାଇଁ ?

ନୃପେନ୍ଦ୍ର ସିଗାରେଟ୍ ଧୂଆଁ ଛାଡ଼ି ଛାଡ଼ି କହୁଲା, ସେତିକି ନୁହେଁ, ଭାରତ ସରକାର ମଧ୍ୟ ମନା କଲେଣି ଆଉ ଯଦି ଏଣିକି ଆଶ୍ରୟପ୍ରାର୍ଥୀ ପାକିସ୍ଥାନରୁ ଆସନ୍ତି ତେବେ ସେମାନଙ୍କୁ ଆଉ ସରକାରୀ ସାହାଯ୍ୟ ଦେଇ ପାରିବେନି ।

ସଙ୍ଗି ଅନ୍ୟ ମନସ୍କ ଭାବରେ କହୁଲା, ଆଉ କେତେ ଦିନ ପରେ ହୁଏତ ଶୁଣିବେ ଆପଣମାନେ, ଏଇ ଶରଣାର୍ଥୀମାନଙ୍କ ପାଇଁ ପୃଥିବୀରେ ଆଉ ଜାଗା ନାହିଁ ।

ସେତେବେଳେ ହୁଏତ ତ୍ରିଶଙ୍କୁଙ୍କ ପରି ସ୍ୱର୍ଗ ଆଉ ମର୍ତ୍ତ୍ୟ ଭିତରେ ମଝିରେ ଝୁଲିବାକୁ ପଡ଼ିବ ଆମମାନଙ୍କୁ — ମର୍ତ୍ତ୍ୟ ତ ନାହିଁ କଲା, ଆଉ ଆମମାନଙ୍କ ଭଳି ପାପୀମାନଙ୍କ ପାଇଁ ସ୍ୱର୍ଗଦ୍ୱାର ହୁଏତ ବନ୍ଦ ! ଅମର କହୁଲା !

ଆଉ ଜନ୍ମରେ କି ଅପରାଧ କରିଥିଲେ ଆମେ ? ନୃପେନ୍ ପଚାରିଲା ।

ହୁଏ ତ ବଡ଼ା ବେପାର କରିଥିଲେ ନ ହେଲେ କାହାକୁ ହଇରାଣ କରିଥିଲେ !

ସଙ୍ଗି ପ୍ରତିବାଦ କଲା — ନା, ବିଂଶ ଶତାବ୍ଦୀରେ ଏହାକୁ ମୁଁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ ।

ନୃପେନ୍ଦ୍ର ସଙ୍ଗି ପାଖକୁ ଘୁଞ୍ଚି ଆସି ଚୁପ୍‌ଚାପ୍ କହୁଲା, ସେତେବେଳେ କାହିଁକି ସିଗାରେଟ୍ ଖାଇବାକୁ ମନା କରୁଥିଲି ଜାଣିଚ ? କାରଣ ମୋ ପାଖରେ ଅଳ୍ପ କେଇଟି ସିଗାରେଟ !

ସ୍ୱଇ ଚମକି ଉଠି କହିଲା, ଏଁ ?

ଚୁପ୍ ଚୁପ୍, ପାଟି କରନା, ଶୁଣ ମୋ ପାଖରେ ଅଛି ବହୁତ ସିଗାରେଟ । ଏଇ ସାଧାରଣ ସିଗାରେଟ୍ ଭିତରେ ବିଷ ଗୁଣ୍ଡି ଦିଆଯାଇଛି । ନହେଲେ ସାଧାରଣ ସିଗାରେଟ୍ ଆଉ ତା ଭିତରେ କିଛି ପ୍ରଭେଦ ନାହିଁ । ଏ ଉପାୟରେ ଯେତେଜଣ ଅଛନ୍ତି ସମସ୍ତେ ଅମର ହେବେ । ଦେଖିବ ବିଷ ସିଗାରେଟ୍ ? ପକେଟରୁ ଗୋଟାଏ ଗୋଲ୍ଡଫ୍ଲେକ୍ ସିଗାରେଟ୍ ପ୍ୟାକେଟ୍ କାଢ଼ିଲା ନୃପେନ୍ଦ୍ର । ସ୍ୱଈ ତା' ଭିତରୁ ଦୁଇ ତିନିଟା ସିଗାରେଟ୍ ନେଇ କିଛି ସମୟ ପରୀକ୍ଷା କଲା । ତାପରେ ଫେରାଇ ଦେଲା ସିଗାରେଟ୍ ପ୍ୟାକେଟଟା । ନୃପେନ୍ଦ୍ର ଡାହାଣ ପାଖ ପ୍ୟାଣ୍ଟ ପକେଟରେ ରଖିଲା ସିଗାରେଟ ପ୍ୟାକେଟଟା । କମ୍ବଳ ଭିତରୁ ବାହାର କଲା ଗୋଟାଏ ପିସ୍ତଲ । ସ୍ୱଈ ଅଜାଣତରେ ଚିତ୍କାର କରି ଉଠିଲା ।

କଣ୍ଠସ୍ୱର, କ'ଣ ଅଛି ଶୀଘ୍ର ବାହାର କର !

ସ୍ୱଇ ଦୁଇପାଦ ପଛକୁ ଘୁଞ୍ଚିଗଲା ।

ନୃପେନ୍ଦ୍ର ପାଟି କଲା, ଚୁପ, ଟ୍ରେନର ଚେନକୁ ଟାଣିବାକୁ ଚେଷ୍ଟା କରନାହିଁ । ନୃପେନ୍ଦ୍ର ସ୍ୱଈ ଆଡ଼କୁ ପିସ୍ତଲଟା ଦେଖାଇଲା— କଣ ଅଛି ବାହାର କର ଶୀଘ୍ର ।

ସ୍ୱଈ ଛାତି ପକେଟରୁ ଛ'ଟଙ୍କାର ଟିକିଟ ନୋଟ ଆଉ କଡ଼ ପକେଟରୁ ରେଜା ପଇସା, ସିଗାରେଟ୍ ପାକେଟ ତିନୋଟା ବାହାର କରି ବେଞ୍ଚ ଉପରେ ଥୋଇଦେଲା ।

ନୃପେନ୍ଦ୍ର କହିଲା, ଆଉ କଣ ଅଛି ବାହାର କର ।

ସ୍ୱଈ ନୀରବ ରହି ମୁଣ୍ଡ ହଲାଇ ମନା କଲା ।

ଆଉ କଣ ଅଛି ବାହାର କର, ନ ହେଲେ —

ସୁରଭି ଅନାଇଲା ପିସ୍ତଲର ଘୋଡ଼ା ଉପରେ ନୃପେନ୍ଦ୍ର ଆଙ୍ଗୁଠି ଦେଇଛି । ପିସ୍ତଲଟା ଟ୍ରେନ ଭିତର ଆଲୋକରେ ଝକ୍ ଝକ୍ କରୁଛି । ନୂଆ ପିସ୍ତଲଟା । ବନ୍ଧୁତା କରି ବେଶ ତ ବିଷ ଦିଆଯାଇ ପାରେ ।

ହଠାତ୍ ସୁରଭିର ମନେ ହେଲା, ପୃଥିବୀରେ ସମସ୍ତ ଦୁଃଖ ଭିତରେ ବଞ୍ଚି ରହିବା କି ସୁଖକର ! ହାତ ଯୋଡ଼ି କହିଲା, ମତେ ଛାଡ଼ି ଦିଅ, ମାର ନାହିଁ—

ନୃପେନ୍ଦ୍ର ଦୃଢ଼ ଭାବରେ କହିଲା, କାହିଁକି ? ବଞ୍ଚିବାକୁ ଚାହୁଁ ?

ହଁ ।

କାହିଁକି ? ଆଶ୍ରୟପ୍ରାର୍ଥୀ ହୋଇ ଏତେ ଦୁଃଖ କଷ୍ଟରେ କାହିଁକି ବଞ୍ଚି ରହିବାକୁ ଚାହୁଁ ? କେଉଁଥିପାଇଁ ? ତାଠାରୁ ବରଂ ପିସ୍ତଲର ଏଇ ଗୁଳିରେ ମରିବା ଭଲ । ଏକ ମୁହୂର୍ତ୍ତ ମଧ୍ୟରେ ବୁଝିଯିବ ସମସ୍ତ ଦୁଃଖ, ଦୁର୍ଦ୍ଦଶା, ଯନ୍ତ୍ରଣା, କ୍ଷୋଭ ଶୋକ, ସମସ୍ୟା— କଣ ମରିବାକୁ ଚାହଁ ନାହିଁ ?

ସୁରଭି ବ୍ୟାକୁଳ ଆଖିରେ, ଅନୁନୟ ଗୁହାରୀରେ ଅନେଇ ରହିଲା ନୃପେନ୍ଦ୍ର ଆଡ଼କୁ । ନୃପେନ୍ଦ୍ର ପୁଣି ପାଟି କଲା— କହ, ଶୀଘ୍ର କହ, କାହିଁକି ବଞ୍ଚିବାକୁ ଚାହଁ ?

ସୁରଭି ଅସ୍ପଷ୍ଟ ଭାବରେ କହିଲା, ବଞ୍ଚିବାକୁ ଚାହେଁ, କିନ୍ତୁ ଜାଣେନା···ତାପରେ ପାଟିରୁ ଆଉ କଥା ବାହାରିଲାନି । ପାଟି ଭିତରୁ ଜିଭଟାକୁ କିଏ ଯେପରି ଓଟାରି ନେଲା ।

ଶୀଘ୍ର କହ !

ସୁରଭି ଦେଖିଲା ସମସ୍ତ କମ୍ପାର୍ଟମେଣ୍ଟଟି ପିସ୍ତଲର ସେଇ ମୁହଁ ମଧ୍ୟରେ ଲୀନ ହୋଇ ଯାଇଛି ଯେପରି ! ସେଇ ପିସ୍ତଲର ଗହ୍ୱର

ଭିତରୁ ବାହାରି ଆସିବ ଗୁଳି···ଗୋଟିଏ ମୁହୂର୍ତ୍ତରେ ଶେଷ ହୋଇଯିବ ଅଧ୍ୟାପକ ସଙ୍ଗି ବୋଷ···ଇତିହାସ ଅଧ୍ୟାପକ ସଙ୍ଗି ବୋଷ, ଗବେଷକ ସଙ୍ଗି ବୋଷ ଆଉ ଅନ୍ନପ୍ରାର୍ଥୀ ସଙ୍ଗି ବୋଷ !

ପ୍ରତିମାର ପଶିଲ ପଶିଲ ଆଖିରୁ ଝରି ପଡ଼ୁଛି ଦୁଇଧାର ଲୁହ । ସେ କହୁଚି, ଏତେ ଦୁଃଖ ଭିତରେ ମତେ ଛାଡ଼ିଗଲ ? ସେଆଡ଼ୁ ଆସିଲା ମଣ୍ଟୁ, ଭାଜି ଧରି ଭଙ୍ଗା ଭେଳା ପ୍ରତିମାର । ସ୍ଵାମୀ ମରିଗଲା ବୋଲି ଏତେ ଦୁଃଖ କାହିଁକି ? ମୁଁ ତ ଅଛି । ପ୍ରତିମା କହିଲା, ବଦମାସ୍,ଏ ଏତେ ସାହସ ? ମଣ୍ଟୁ ଧକ୍କା ଦେଇ ବାହାର କରିଦେଲା ଗୋଟେ ବାହାରକୁ । ସରୋଜକୁ ଠେଲି ଦେଲା ଗୁରୁଚଣ୍ଟା । ଖଟ୍ରେ ଇଟା ବାଜି ଫୁଟିଗଲି ପଡ଼ିଲ ସରୋଜ । ଆଣ୍ଠୁ ମୁହଁ ଫାଟି ଛିଣ୍ଡି ଯାଇ ରକ୍ତ ବୋହିଲା । ପ୍ରତିମା ଟାଣିକି ନେଲା ସରୋଜକୁ । ସରୋଜ ପ୍ରତିମା ଛାତିରେ ମୁହଁ ଲୁଚାଇ କାନ୍ଦିଲା । ପ୍ରତିମା ଶଯ୍ୟା ଉପରକୁ ଉଠିଲା । ଆଖିର ଲୁହରେ ସରୋଜର ମୁହଁ ଓଦା ହୋଇଗଲା । ପଣତ କାନିରେ ନିଜ ଆଖିରୁ ଲୁହ ପୋଛିଲା । ପ୍ରତିମା ଭାବିଲା, ଏତେ ଦୁଃଖ ପୁଣି ପଛକୁ ରହିଥିଲା ? କେଉଁ ଦିନ କୌଣସି ଅଭାବ ଅସୁବିଧାକୁ ପ୍ରତିମା ଆପତ୍ତି କରି ନାହିଁ, ନୀରବରେ ସହିଯାଇଚି, ଆଜି ଏ ଦୁଃଖକୁ ନିଏତ ନୀରବରେ ସହିନେବ । ନା—ନା, ସେ ମରିବାକୁ ଚାହେଁ ନାହିଁ । ସେ ବଞ୍ଚିବାକୁ ଚାହେଁ, ସେ ବଞ୍ଚିବ ଏତେ ଦୁଃଖ ଭିତରେ । ଏତେ ଯନ୍ତ୍ରଣା ,ରୋଗ ଶୋକ ଭିତରେ ସେ ବଞ୍ଚିବ···ମଣିଷପରି ହୋଇ ନ ପାରେ, ପଶୁ ପରି ହୋଇ ନ ପାରେ, ସେ ବଞ୍ଚିବ ଠିକ୍ ପୃଥିବୀର ସବୁଠାରୁ ହୀନ ଶ୍ରେଷ୍ଠ ପ୍ରାଣୀ ପରି । କିନ୍ତୁ ସେ ମରିବାକୁ ଚାହେଁନା, ସେ ବଞ୍ଚିବ ଏଇ ପୃଥିବୀରେ, ଏଇ ଦୁଃଖ ଶୋକର ପୃଥିବୀରେ, ଏଇ ଅଭାବ ଅସୁବିଧାର ଲୁବ୍ଧ ପୃଷ୍ଠୀ ଉପରେ, ଲୁବ୍ଧ ଭାବରେ । ଶାନ୍ତିରୁ ତାହାର ବାହାରିଲା, ନା, ନା ମୁଁ ମରିବାକୁ ଚାହେଁ ନା, ମୁଁ

ବଞ୍ଚିବ, ମତେ ମାର ନାହିଁ ! ନୃପେନ୍ଦ୍ର ଓ ଅମର ଉଚ୍ଚେଁ ହସି ଉଠିଲେ ଏକ ସଙ୍ଗରେ—ହାଃ—ହାଃ—ହାଃ । ସଉିର ଦେହ ଭେଦ କରି, କମ୍ପାର୍ଟମେଣ୍ଟ, ସମସ୍ତ ଟ୍ରେନ, ସନ୍ଧିର ନିସ୍ତବ୍ଧତା ଓ ବାହାରର ଘନକୃଷ୍ଣ ଅନ୍ଧକାର ଭେଦ କରି ସେ ହସ ଘୁରିଗଲା ଯେପରି କେଉଁ ଦୂର ଦୂରାନ୍ତକୁ । ସମସ୍ତେ ଯେପରି ଏକ ସଙ୍ଗରେ ହସି ଉଠିଲେ—ହାଃ—ହାଃ –ହାଃ— । ଯେଉଁ ଅଧ୍ୟାପକ ସଉି ବୋଷ ଇତିହାସ ଗବେଷଣା ଛାଡ଼ି ଅର୍ଥପ୍ରାର୍ଥୀ ହୁଏ, ପୁଣି ଯେଉଁ ଅର୍ଥପ୍ରାର୍ଥୀ ସଉି ବୋଷ ମନୁଷ୍ୟତ୍ୱକୁ, ବନ୍ଧୁତ୍ୱକୁ ନିର୍ମମରେ ହତ୍ୟା କରିପାରେ, ସେ ସଉି ବୋଷ ବଞ୍ଚିବାର ଦରକାର କଣ ? ନା, ସଉି ବୋଷ ମରିବ, ମରିବ ଆଉ ମିଶିଯିବ ଏଇ ମାଟି ସଙ୍ଗରେ ଚିରଦିନ ପାଇଁ । ଛବି ଅପା ଯେପରି ଆଗରେ ଆସି ଠିଆ ହେଲା । କହିଲା, ମତେ ତମେମାନେ ରକ୍ତାକ୍ତ କରି ମାରିବ, ତମେ ମରିବ ନାହିଁ ? ନିଶ୍ଚୟ ମରିବ । ଯେଉଁ ସୁନ୍ଦର ଶ୍ୟାମଳ ପୃଥିବୀରେ ମତେ ବଞ୍ଚିବାକୁ ଦେଇ ନାହିଁ, ସେ ପୃଥିବୀରେ ତମେ ବଞ୍ଚି ରହି ଆନନ୍ଦ ଉପଭୋଗ କରିବ କାହିଁକି ? ତମେ ମରିବ, ଆଜ ସଉି ବୋଷକୁ ନିଶ୍ଚୟ ହତ୍ୟା କରିଦିବ···ଏ କାହାର ମୁହଁ ? ବୈଜ୍ଞାନିକ । ସୁଧାଂଶୁ ? ସୁଧାଂଶୁ ଗର୍ଜି ଉଠିଲା—ମୁଁ ତତେ ବନ୍ଧୁ ରୂପେ ଗ୍ରହଣ କରିଥିଲି··· ଶେଷରେ ବିଶ୍ୱାସଘାତକତା କରି ମୁଁ ଶୋଇଥିବାବେଳେ ଦଶଟଙ୍କା ଟ୍ରେଜରି ନେଇଚୁ ! ହଉ ଆଜ ତୋର ରକ୍ତ ମୁଁ ଏ ଟେଷ୍ଟଟ୍ୟୁବରେ ପରୀକ୍ଷା କରିବି, ଲୋକ କେତେ ବିଶ୍ୱାସଘାତକତା କରେ ବନ୍ଧୁତ୍ୱର ଦୁହାଇରେ ତାହା ଦେଖିବି । ତେଣୁ ତୋର ମୃତ୍ୟୁ ଆଜି ଅବଶ୍ୟକ । ପ୍ରତିମାର ଲମ୍ବ ଢଳ ଢଳ ଆଖି ଦୁଇଟି ଭାସି ଉଠିଲା, ତା ପରେ ସବିତାର ଶ୍ଳେଷ ଦୃଷ୍ଟି, ପାଂଶୁଳ ମୁହଁ । ସବିତା ଥରିଲା ଥରିଲା କଣ୍ଠରେ କହିଲା, ବାପା ମୋ' ଆଠ'ଣା ନେଇଚ' ନା ? ସଉି

ଚିତ୍କାର କରିଉଠିଲା, ନା, ନା ମୁଁ ମରିବାକୁ ଚାହେଁ ନା—ମୁଁ ବଞ୍ଚିବି— ।

ନୃପେନ୍ଦ୍ର ଆଉ ଥରେ ହସି ଉଠି କହିଲା, ଆଚ୍ଛା ତମକୁ ଛାଡ଼ି ଦିଆଗଲା ।

ସରି ନୃପେନ୍ଦ୍ରର ଦୁଇ ହାତକୁ ମୁଠାଇ ଧରି କହିଲା, ସତେ, ଆପଣମାନେ ଛାଡ଼ି ଦେଇଛନ୍ତି ?

ନୃପେନ୍ଦ୍ର ପିସ୍ତଲଟା କମ୍ବଳ ଭିତରେ ଲୁଚାଇ ରଖୁ ରଖୁ କହିଲା, ହଁ ଛାଡ଼ିଦେଲୁ ଆପଣଙ୍କୁ । ଏଥର ପକେଟରେ ଟଙ୍କା ଆଉ ସିଗାରେଟ କେସ୍‌ଟା ରଖି ଦିଅନ୍ତୁ ।

ସରି ନୀରବରେ ପକେଟରେ ରଖିଦେଲା ସେତକ ।

ଅମର କହିଲା, ଅଭିନୟଟା ମନ୍ଦ ନୁହେଁ ଆପଣଙ୍କର ! ମୁଁ ଯଦି ଗୋଟାଏ ସିନେମା କମ୍ପାନୀରେ ଡାଇରେକ୍ଟର ହୋଇଥାନ୍ତି, ସାଙ୍ଗେ ସାଙ୍ଗେ ନୂତନ ଫିଲ୍ମ ପାଇଁ ଆପଣଙ୍କ ସଙ୍ଗେ କଣ୍ଟ୍ରାକ୍ଟ କରି ବସନ୍ତି । କିନ୍ତୁ ଆପଣଙ୍କର ଦୁର୍ଭାଗ୍ୟ ଯେ ମୁଁ ଗୋଟାଏ ଅଶ୍ରୟ-ପ୍ରାର୍ଥୀ, ଆଉ ସରିବାବୁ ବି ଜଣେ ଶରଣାର୍ଥୀ । ବାସ୍ତବିକ ବଡ଼ ସୁନ୍ଦର ଅଭିନୟ କରି ପାରନ୍ତି ଆପଣ !

ସରି ଅମର ମୁହଁକୁ ଚାହିଁ କହିଲା, କଣ ? ଅଭିନୟ ?

ଅମର ହସି ହସି କହିଲା, ଅଭିନୟ ନୁହେଁତ ଆଉ କଣ ?

ନୃପେନ୍ଦ୍ର କହିଲା, ଶୁଣ ସରିବାବୁ, ଆଜି ଆମେ କେତେ ଜଣ ମିଶି ଗୋଟାଏ ଦଳ ଗଢ଼ିଚୁ, ତା ନା ହେଲା ବିଶଙ୍କୁ ଦଳ । ଏ ଦଳର କାମ ହେଉଚି ରାତିରେ ସୁଟ୍ ପିନ୍ଧି ଟ୍ରେନରେ ଡକାଏତି କରିବା, ଆଉ ଦିନରେ ଛିଣ୍ଡା ପ୍ୟାଣ୍ଟ ମଇଳା ହାଫ୍ ପ୍ୟାଣ୍ଟ ମଇଳା ହାଫ୍ ସାର୍ଟ ପିନ୍ଧି ଅଶ୍ରୟପ୍ରାର୍ଥୀ ସାଜିବା···ଆଉ ସେଥିରେ ବଞ୍ଚି ରହିବା ।

ସଙ୍ଗି ଅନ୍ୟମନସ୍କ ଭାବରେ ଉତ୍ତର ଦେଲା, ଭୋଟ୍ କରିବା କଣ ଠିକ୍ ?

ନୃପେନ୍ଦ୍ର ଗାଣ୍ଟି କଲା, ନା, ଭୋଟ୍ କରିବାକୁ ମୁଁ ପସନ୍ଦ କରେନା, ମୋ ମତରେ ଯେ ଭୋଟ୍ କରେ ସେ ଭୀରୁ କାପୁରୁଷ, ଡକାଏତଙ୍କୁ ମୁଁ ପସନ୍ଦ କରେ ।

ସଙ୍ଗି କହିଲା, ଜୀବନର ଆଉ କିଛି ଦାମ କଣ ନାହିଁ ?

ଅମର କହିଲା, ମଣିଷକୁ ଯଦି ତାର ବଳିଷ୍ଠ ଭାବରେ ବଞ୍ଚିବାର ଅଧିକାରରୁ ବଞ୍ଚିତ କରାଯାଏ, ତେବେ ସେ ଯେପରି ହେଲେ ଖୋଜିବ ବଳିଷ୍ଠ ଆଉ ସୁନ୍ଦର ଭାବରେ ଏଇ ଶ୍ୟାମଳ ପୃଥିବୀର ଅସଂଖ୍ୟ ସୌନ୍ଦର୍ଯ୍ୟ ଭିତରେ ବଞ୍ଚିବାକୁ । ଆଉ ତାର ପରିଣତି ସ୍ୱରୂପ ଆମେ କେତେ ଜଣ ହୋଇ ଉଠିଛୁ ଡକାଏତ···

ନୃପେନ୍ଦ୍ର କହିଲା, କଣ ଆମ ଦଳରେ ଯୋଗ ଦେବ ନା ଏମିତି ଛତରା ହୋଇ ବୁଲୁଥିବ ? ପିଲା ମାଇପ ଯାହାର ଉପାସ କରୁଥିବେ, ଯାହା ବାରଣ୍ଡାରେ କୁକୁର ପରି ଶୋଉଥିବ, ଆଉ ପିନ୍ଧିଥିବ ଛିଣ୍ଡା କାମିଜ, ମଇଳା ଚିରା ଲୁଗା ?

ଅମର କହିଲା, ନା ସେ ଏମ୍. ଏ. ପଢିଛନ୍ତି । ଅଧ୍ୟାପକ ହୋଇଥିଲେ । ହୁଏତ ତାଙ୍କର ଅନ୍ତର କେତେ ବଡ଼ ଅଭିଳାଷ ଥିବ —

ପକେଟରୁ ସଙ୍ଗି ଖଣ୍ଡେ ସିଗାରେଟ କାଢ଼ି ନିଆଁ ଲଗାଇଲା । ଅମର ବେଞ୍ଚ ତଳକୁ ନଇଁପଡ଼ି ପାଟିକଲା — ଏ, ଏ ବେଣୁ ! ଉଠ୍ ଉଠ୍ !

ବାର ତେର ବର୍ଷର ଗୋଟିଏ ଟୋକା ବାହାରି ଆସିଲା ବେଞ୍ଚ ତଳୁ ଆଖି ମଳି ମଳି । ସଙ୍ଗି କହିଲା, ମୁଁ ଦେଖି ନ ଥିଲି, ବେଞ୍ଚ ତଳେ ଶୋଇ ଥିଲା ନା ?

ଅମର କହିଲ, ଏ ମୋର ଭଉଣୀ ରେଣୁ । କୌଣସି ବେଶରେ ଜାଗା ନ ଥିଲା, ଆଉ ସ୍ୱତରେ ଯଦି ବାହାରେ ଶୁଣେ କୌଣସି ଭଦ୍ର, ଶିକ୍ଷିତ ବ୍ୟକ୍ତିଙ୍କର ଯଦି ଏଥି ଉପରେ ଦୃଷ୍ଟି ପଡ଼େ, ହୁଏତ ମୋଠାରୁ ଅଲଗା କରି ନେବେ ! ବଡ଼ ଭଉଣୀ ଯାଇଛି ଭାଇ ଯାଇଛି, ସମସ୍ତେ ଯାଇଛନ୍ତି, ଆଉ ରହିଛି ଏଇଟି । ସେଥିପାଇଁ ଆଖି ନଜରରେ ରଖିଥାଏ ମୁଁ ତାକୁ । ସ୍ୱାଧୀନ ହିନ୍ଦୁସ୍ଥାନର ପ୍ରତି ଅଂଶରେ ପ୍ରତି ନଗରରେ ପ୍ରତି ପଲ୍ଲିରେ, ଶିକ୍ଷିତ ସଭ୍ୟ ସମାଜରେ ଲୁଚି ରହିଛନ୍ତି ପାକିସ୍ଥାନୀ ଗୁଣ୍ଡାଙ୍କଠାରୁ ଅଧିକ ଭୀଷଣ, ଅଧିକ ହିଂସ୍ର ଗୁଣ୍ଡା ! ପାକିସ୍ଥାନୀ ଗୁଣ୍ଡାମାନେ ବଳର ଜୋରରେ ଅପହରଣ କରିଛନ୍ତି କେତେ ନାରୀଙ୍କୁ । କିନ୍ତୁ ଏମାନେ ? ଏମାନେ କେବଳ ବଳ ନୁହେଁ, ନିଜର ବିଦ୍ୟା ବୁଦ୍ଧି, ଅଧିକାର, ସମ୍ମାନ, ଆଉ ପ୍ରତିପତ୍ତି ଓ ଧନର ଜୋର ଶକ୍ତି, ଆଉ ତା'ର ବଳରେ ଧରି ନିଅନ୍ତି ଅସଂଖ୍ୟ ନାରୀଙ୍କୁ, ଯୁବତୀଙ୍କୁ, ତରୁଣୀଙ୍କୁ । ଯାଙ୍କର କାମ ପ୍ରବୃତ୍ତି ଅଧମ ଅଶିକ୍ଷିତ,ଅସଭ୍ୟ ବର୍ବର ଲୋକମାନଙ୍କ ଠାରୁ ଶହେ ଗୁଣରେ ଅଧିକ ।

ନୃପେନ୍ଦ୍ର କହିଲା, ରେଣୁ ଏ ବାବୁଙ୍କୁ ନମସ୍କାର କର ।

ରେଣୁ ନମସ୍କାର କଲା । ସଭି ଚାହିଁଲ ରେଣୁକୁ । ରେଣୁର ଦେହରେ ଆଦ୍ୟ ଯୌବନର ଶ୍ରୀ ଫୁଟି ଉଠିଛି ଅତି ସ୍ୱାଭାବିକ ଭାବରେ । ଯୌବନର ମଦିର ମଧୁର ପରଶରେ ଦେହର ପ୍ରତି ଅଂଶରେ ଫୁଟି ଉଠିଛି ଯେଉଁ ରୂପଶ୍ରୀ, ତାହା ଯେପରି ମାନିବାକୁ ଚାହେଁନା ପୃଥିବୀର ନିୟମତାନ୍ତ୍ରିକ ଶାସନ । ସେ ବଢ଼ିଯିବାକୁ ଚାହେଁ, ଫୁଲର ଗନ୍ଧ ପରି ଚାରି ଦିଗରେ ନିଜର ସ୍ୱାଭାବିକ ଛନ୍ଦରେ, ଦିଗ ବିଦିଗରେ ସୌନ୍ଦର୍ଯ୍ୟ ଫୁଟାଇ ଫୁଟାଇ । ରେଣୁର ଦେହରେ ଯୌବନର ଯେଉଁ ଆଦ୍ୟ ଶ୍ରୀ ଫୁଟିଉଠିଛି, ସେ ଯେପରି ମାନିବାକୁ ଚାହେଁନା ଯେ ସେ ଗୋଟାଏ ଶରଣାର୍ଥିନୀ ବାଳିକାଠାରେ ଆତ୍ମପ୍ରକାଶ କରିଛି ।

ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ମୂଲ୍ୟ କିଏ ଦେବ ? ସେ ସୌନ୍ଦର୍ଯ୍ୟ ହୁଏତ ମଣିଷ ଜୀବନ ସଂଗ୍ରାମର କୋଳାହଳ ଭିତରେ, ରୁଟି ଆଉ ଲୁଗାର ଅନ୍ୱେଷଣ ଭିତରେ । ତରୁଣୀ ରେଣୁ ଆଉ କେତେ ବର୍ଷ ପରେ ପାଲଟି ଯିବ ବୁଢ଼ୀ ପ୍ରତିମା···ଯୌବନର ସମସ୍ତ ସ୍ୱାଧୀନ ସ୍ୱପ୍ନର ନିମ୍ନ ସ୍ତରରେ ଖୁବ୍ କମ ।

ଅମର କହିଲା, ରେଣୁକୁ ବର୍ତ୍ତମାନ ସ୍ଥିତିରୁ ଗୋଟାଏ ଥିଏଟର ପାର୍ଟିରେ । କାରଣ ମୁଁ ତ ସବୁ ସମୟରେ ବସାରେ ରହୁପାରୁନି, ଏ ବୟସରେ ପ୍ରଲୋଭନ ତ କମ ନୁହେଁ । ମୁଁ ତାକୁ ପ୍ରଲୋଭନରେ ପଡ଼ି ନିଜର ଜୀବନକୁ ନଷ୍ଟ କରିବାକୁ ଦେବିନାହିଁ । ତେଣୁ ଯୁକ୍ତ ଦେଇଛି ଗୋଟାଏ ଥିଏଟର ପାର୍ଟିରେ । କାର୍ଯ୍ୟବ୍ୟସ୍ତ ରହିଲେ ପ୍ରଲୋଭନ ହୁଏତ ଆସି ପାରିବନି ସହଜରେ । ତାପରେ ଅଭିନୟ କଲେ ମନୁଷ୍ୟ ଅନେକ ସମୟରେ ଭୁଲିଯାଏ ବାସ୍ତବକୁ । ଭାବେ ବାସ୍ତବ ବି ଅଭିନୟ ପରି ଖାଲି ମିଛ । ରେଣୁ ସେ ପାର୍ଟିରେ ଟିକିଏ ଅଭିନୟ କଲା ।

ରେଣୁ ପଚାରିଲା, କୋଉ ପାର୍ଟି ?

ସେଇ ପାର୍ଟି—ଯମୁନାର ଭୂମିକାଟା କଲା ଦେଖି ।

ରେଣୁ ସଖିକୁ ଚାହିଁଲା । ଅମର କହିଲା, ବେଶ୍ ତ, ସଖିକୁ ଚାହିଁ କର ।

ରେଣୁ କିଛି ସମୟ ସଖିର ମୁହଁକୁ ଚାହିଁଲା, ତାପରେ ଆରମ୍ଭ କଲା,···ତମେ ମତେ ଅବିଶ୍ୱାସ କରୁଚ ? ତମେ ଭାବୁଚ ମୁଁ ଛଳନା କରୁଚି ? ନା, ନା, ମୁଁ ତମକୁ ପ୍ରକୃତରେ ଭଲପାଏ ପ୍ରିୟ ! ମୁଁ ତମକୁ କେତେ ଭଲପାଏ ! ଗଭୀର ରାତରେ ମୁଁ ଝରକା ପାଖେ ଆସି ଠିଆ ହୁଏ ! ଆଖିରେ ମୋର ନିଦ ନଥାଏ । ବାହାରକୁ ଚାହେଁ, ବାହାରେ

ପଡ଼ୁଥାଏ ଜ୍ୟୋତ୍ସ୍ନା, କି ସୁନ୍ଦର ! ଦୂରରୁ ମଳୟ ତେଜଙ୍କ ଏକ ମଧୁର ଫୁଲର ମଦର ଗନ୍ଧ ବାହି ଆଣୁଥାଏ । ଦୂରରୁ ଭାସି ଆସୁଥାଏ ବଂଶୀରେ ଗୋଟାଏ କରୁଣ ସ୍ୱର । ମୁଁ ଭାବେ ତମେ ଯେପରି ଜ୍ୟୋତ୍ସ୍ନାର ଏଇ ଝର ଭିତରେ ଆସିବ ! ଆସିବ ମତେ ନେବା ପାଇଁ । ତମେ ଯେପରି କହୁଚ, ଜ୍ୟୋତ୍ସ୍ନା ! ଆମେ ଦୁହେଁ ଚାଲିଯିବା ଏଇ ଜ୍ୟୋତ୍ସ୍ନା ଦେଇ ବହୁତ ଦୂରକୁ, ଯେଉଁଠାରେ ନ ଥିବ ପୃଥିବୀର ଏଇ ଭିଡ଼ ଆଉ କୋଳାହଳ । ସେଠାରେ ଖାଇବାର ଚିନ୍ତା କିଛି ନ ଥିବ, ସେଇ ନିର୍ଜନ ଭୂଇଁରେ ଗୋଟିଏ କୁଡ଼ିଆ ତୋଳିବା । ତମେ ହେବ ସେଥିରେ ରାଣୀ ଆଉ ମୁଁ ରାଜା......ନା, ନା, ତମେ ଭୁଲିବାକୁ କହୁଚ ମତେ ? କିପରି ଭୁଲିବି ଏଇ ବିଗତ ଅତୀତକୁ ? ମନେ ରଖିବା ଯେତେ ସହଜ, ଭୁଲିବା ସେତେ ସହଜ ନୁହେଁ । କିନ୍ତୁ ମୁଁ ତମକୁ ଭଲ ପାଏ । ମୋର ପ୍ରାଣ, ମୋର ଦେହ, ମୋର ମନ ତମକୁ ଭଲପାଏ......ଯିବ ? ଚାଲିଯିବ ? ଯାଅ, ଦୁଃଖ ନାହିଁ । ଜୀବନର ଅବଶିଷ୍ଟାଂଶ କଟାଇ ଦେବି ତମର ସ୍ମୃତିରେ...ନା, ଭାଇ ଆଉ ମନେ ପଡ଼ୁନି ! ନୂଆ ହୋଇ ନାଟକଟା ହୋଇଚି କିନା...

ସଙ୍ଗି ଆଉ ମୁହଁ ଫେରାଇ ଅମର ଆଡ଼େ ରେଣୁ ଚାହିଁଲା । ସଙ୍ଗିର ମନେ ହେଉଥିଲା ସତେ ଯେପରି ରେଣୁ ତାର ପ୍ରେମରେ ପଡ଼ି ଯାଇଚି । ବେଶ୍ ତ ସୁନ୍ଦର ଅଭିନୟ କରିପାରେ ରେଣୁ ! ରେଣୁକୁ ଯଦି କମଳର ପାର୍ଟଟା ଦେଇଥାନ୍ତା, କି ସୁନ୍ଦର କରିଥାନ୍ତା ମତେ ! ହୁଏତ ସଙ୍ଗି ଆଉ ପ୍ରତିମାକୁ ବାଧା ହୋଇ ନ ଥାନ୍ତା !

ଅମର ପଚାରିଲା, କେମିତି ଲାଗିଲା ପାର୍ଟଟା ?

ଚମତ୍କାର ! ଏତେ ସୁନ୍ଦର ଅଭିନୟ କରିପାରେ ! ଜଣାପଡୁଚି ଯେମିତି ସତରେ ସେ କହୁଚି ।

ବେଶ୍ ସ୍ୱେଚ୍ଛା ଯଥେଷ୍ଟ ।

ସଈ ଅମରକୁ ଥରେ ଆଉ ରେଣୁକୁ ଥରେ ଚାହିଁ କହିଲା, କିନ୍ତୁ ମୋର କାହିଁକି ମନେ ହୁଏ ଆପଣ ଏ ଯେଉଁ ଏକ୍ସପେରିମେଣ୍ଟ ରେଣୁକୁ ନେଇ କରୁଚନ୍ତି ହୁଏତ ଆପଣ ବିଫଳ ହୋଇପାରନ୍ତି ।

ଅମର ହସିଲା, ବିଫଳ ହେଉ ବା ସଫଳ ହେଉ, ବିଫଳ ହେଲେ ପୁଣି ନୂଆ ପ୍ରାଣ ପାଇବିନି ତ ଆଉ ଏକ୍ସପେରିମେଣ୍ଟ କରିବା ପାଇଁ । ଯଦି ବିଫଳ ହୁଏ ମନରେ କିନ୍ତୁ ଗୋଟାଏ ଖୁବ୍ ବଡ଼ ଧରଣର ଆଘାତ ଲାଗିବ—

ସଈ କହିଲା, ତେବେ ଏତେ ବଡ଼ ଏକ୍ସପେରିମେଣ୍ଟ ମୋଟେଇ କାହିଁକି କରିବାକୁ ଗଲେ ?

ରିସ୍କ ନେଇଚି, ଦେଖାଯାଉ । ଯାହାହେଉ ପିଲିଟା ଆମ କାମକୁ ବେଶ ଆସିବ । ଏହାର ସାହାଯ୍ୟ ପାଇଲେ ଆମ କାର୍ଯ୍ୟ ଖୁବ ସୁବିଧାରେ ଆଉ ସହଜରେ ହୋଇ ପାରିବ ।

ନୃପେନ୍ଦ୍ର କହିଲା, ଯା ରେଣୁ, ରାତି ଅନିଦ୍ରା ହୁଅନା, ଶୋଇ-ପଡ଼ । ରେଣୁ ପୁଣି ବେଞ୍ଚ ତଳକୁ ଯାଇ ଶୋଇ ପଡ଼ିଲା ।

ଅମର କହିଲା, ଅଳ୍ପ କିଛିଦିନ ପରେ ଭାବୁଛି ଏ ଲାଇନ୍‌ରେ ତାକୁ ଟ୍ରେନିଂ ଦେଇଦେବି । ତାପରେ ଉପଯୁକ୍ତ ଭାଇର ବେଶ୍ ଉପଯୁକ୍ତ ଭଉଣୀ ହୋଇ ଉଠିବ ସେ । ନିଶଙ୍କୁ ସଙ୍ଘ ବି ବେଶ୍ ଚାଲିବ । ନିଶଙ୍କୁ ସଙ୍ଘର ନିୟମାବଳୀ ସବୁ କଣ ଜାଣନ୍ତି ? ଶୁଣନ୍ତୁ, ନିଶଙ୍କୁ ସଙ୍ଘରେ ନିୟମ ରହିଚି ଯିଏ ନିଶଙ୍କୁ ସଙ୍ଘରେ ମେମ୍ବର ହେବାପାଇଁ ଇଚ୍ଛା କରିବ, ସେ ଦିନକୁ ୭୦ ଗଜ ସୂତା କାଟି ପାରୁଥିବା ଦରକାର । ନିଜ ହାତରେ ପାଇଖାନା ସଫା

କରୁଥିବା ଦରକାର । ଆଉ ସତ୍ୟ, ଅହିଂସାରେ ଚାଲୁଥିବା ଦରକାର । ଆଉ ଗାନ୍ଧୀଙ୍କ ପବିତ୍ର ସ୍ମୃତି ପାଇଁ ପ୍ରତିଦିନ ପାଞ୍ଚ-ଟଙ୍କା ଅନ୍ତ କମରେ ଅଦାୟ କରି ପାରୁଥିବା ଦରକାର । ଏସବୁ ଯେ କରିପାରିବ ସେ ସଂଘର ମେମ୍ବର ହୋଇ ପାରିବ । ନିଶ୍ଚୟ ସଂଘର ଶାସନକାନୁନ ଛପା ହୋଇଛି । ଆଉ ବର୍ଷ ଏହି ସଂଘ ଉଦ୍‌ଘାଟନ କରିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲୁ । ମାନ୍ୟବର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରି ପ୍ରଥମେ ଦେଇଥିଲେ ପାଞ୍ଚ-ଶହ ଟଙ୍କା । ତା ପରେ ଦୁଇକିସ୍ତିରେ ବାକି ପାଞ୍ଚଶହ ଟଙ୍କା ଦେବେ ବୋଲି କହିଥିଲେ ଓ ଦେଇ ସାରିଲେଣି ମଧ୍ୟ । ନିକଟରେ ଏ ସଂଘକୁ ମାସିକ ସରକାରୀ ସାହାଯ୍ୟ କିଛି ମିଳିବ । ଏଥିରେ ଆମର ଭଲ ସିଜନରେ ଥୋଡ଼ାଏ ଲୋକ ତ ଅନ୍ତତଃ ପୋଷା ହୋଇ ପାରିବେ ।

ସୁଭି ହସିଲା । କହିଲା, ବେଶ୍ ତ ! ଏଥିରୁ ରକ୍ଷା ପାଇବା ପାଇଁ ବେଶ୍ କବଚଟାଏ ତ ତିଆରି କରିଛ !

ନୃପେନ୍ଦ୍ର କହିଲା, ଆମ ସଂଘ ଅଛି, କଟକ ଗଲେ ଥରେ ଅନ୍ତତଃ ବୁଲିଯିବାକୁ ଭୁଲିବେ ନାହିଁ । ଏଥର ଗାନ୍ଧୀ ଜୟନ୍ତୀକୁ ମାନ୍ୟବର ଲାଟଙ୍କୁ ଡାକୁଛୁ । ଅମର ବେଞ୍ଚି ଉପରେ ଶୋଇ ପଡ଼ିଲା । ନୃପେନ୍ଦ୍ର ବେଞ୍ଚିରେ ଅଧିକରେ ଶୋଇପଡ଼ି, କହିଲା, ରାତି-ଶେଷ ହେବ ବୋଧହୁଏ । ଟିକିଏ ନ ଶୋଇଲେ, ଇଣ୍ଟରଭ୍ୟୁକୁ ଯିବା କିପରି ? ସକାଳୁ ଚିଠି ମିଳିବ ବୋଲି ଯିବା କଥା । ନ ହେଲେ ଏଭଳି ହଜାରଟା ଚାକିରିକୁ ବର୍ତ୍ତମାନ ଆମେ ଗୋଡ଼ରେ ଠେଲି ଦେଇ ପାରିବୁ ! ଆଉ ଆପଣଙ୍କୁ ତ ଶୀତ ହେଉଥିବ,

ଗୋଟାଏ ଗରମ କୋଟ ଉପରକୁ ନିଅନ୍ତୁ । ଅତି ସୁ[illegible] ଗୋଟାଏ ଲଙ୍ଗ୍ ଗରମ ଓଭରକୋଟ କାଢ଼ି ଆଣିଲା । ସ୍ପର୍ଶି [illegible] ଅପରତ୍ୱରେ ସେ ଗରମ କୋଟଟି ନେଇ ପିନ୍ଧିଲା । ନୃପେନ୍ଦ୍ର ବେଞ୍ଚ ଉପରେ ଶୋଇ ପଡ଼ିଲା ।

କିଛି ସମୟ ପରେ କଂପାର୍ଟମେଣ୍ଟଟି ନୀରବ ହୋଇ ଗଲା ।

ଗୋଟାଏ ଜଙ୍କସନ ଷ୍ଟେସନରେ ଗାଡ଼ି ରହିଲା । କମ୍ପାର୍ଟମେଣ୍ଟ ଭିତରକୁ ପଶି ଆସିଲେ ଦୁଇଜଣ ଲୋକ । ଗୋଳମାଳ ଶୁଣି ନୃପେନ୍ଦ୍ର ବେଞ୍ଚ ଉପରକୁ ଉଠି ପାଟିକଲା, ବାହାରିଯାଅ କହୁଛି ! ଲୋକ ଦୁଇଟା ଭିତରକୁ ପୁଣି ପଶିବାକୁ ଚେଷ୍ଟା କଲେ । ନୃପେନ୍ଦ୍ର ସିଟ୍‌ରୁ ଉଠି ଦୁଇ ହାତରେ ସେମାନଙ୍କୁ ବାହାରକୁ ଠେଲି ଦେଇ ଭିତରୁ ଦ୍ୱାର ବନ୍ଦ କରି ଦେଲା ।

ଟ୍ରେନ୍ ଷ୍ଟେସନର ପ୍ଲାଟଫର୍ମ ଛାଡ଼ି ଗଲା ।

ଝରକାଟା ଖୋଲିଦେଲା ହରି । ପୂର୍ବ ଦିଗରେ ଶୁକତାରାଟା ଜକ୍ ଜକ୍ କରୁଛି । ଆଉ ଟିକିଏ ଗଲେ ସକାଳ ହେବ । ଓଃ, କି ପାଟିଶୋଷ ! ଅନେକ ଦିନ ଧରି ସିଗାରେଟ୍ ଖାଇବାର ଅଭ୍ୟାସ ନଥିଲା । ଆଜି ଏକାବେଳକେ ଏତେଗୁଡ଼ାଏ ସିଗାରେଟ୍ ଟାଣି ଦେବାରୁ ଏମିତି ଲାଗୁଛି । ନାକରୁ ପାଣି ଗଡ଼ିବା ଆରମ୍ଭ ହୋଇଛି । ଶୀତଦିନରେ, କାକରରେ ଏତେ [illegible] ଅପେକ୍ଷା [illegible] । କାହିଁ ଆଗରୁ ସେ ଯେତେବେଳେ ଗଛ ମୂଳେ ରହୁଥିଲା କାକରରେ ଶୀତରେ, ସେତେବେଳେ ତ ହେଉ ନ ଥିଲା ସର୍ଦ୍ଦି !

ସ୍ମୃତିର କେଉଁ ଅଂଶରେ ଯେମିତି ସେତେବେଳକାର ଭୟାତୁର ଛବିଟା ରହିଯାଇଛି । ବାପ୍‌ରେ ! କି ଭୟଙ୍କର ! ନୃପେନ୍ଦ୍ର, ଆଜିରୁ କହୁଛି ଯଦି ସେପରି କରିଥାନ୍ତା ! ସ୍ମୃତିରେ ଚମକି

ରହିଯାଇଛନ୍ତି । ମୁଣ୍ଡ, ଦେହ, ହାତ ସେତିକିବେଳୁ ଫାଟୁଛନ୍ତି । ଥଣ୍ଡା ଏତେବେଳଯାଏ ବି ସଂପୂର୍ଣ୍ଣ ରୂପେ ବନ୍ଦ ହୋଇନାହିଁ ।

ସେଠି ବାହାରକୁ ଆଉ ଥରେ ଚାହିଁଲା । ବାହାରେ ଅନ୍ଧକାର । ଅନ୍ଧକାର ଭିତରେ କିଛି ଦେଖାଯାଉ ନାହିଁ । ଟ୍ରେନ ଛୁଟିଛି କ୍ଷିପ୍ର-ଗତିରେ ।

ନିଶଙ୍କୁ ସଙ୍ଗରେ ସେ ଯୋଗ ଦେବ ? ଦିନବେଳା ସୂତା-କାଟି, ଗାନ୍ଧିସ୍ମୃତି ପାଣ୍ଠି ପାଇଁ ପଇସା ଆଦାୟ କରି, ରାତିରେ ଡକାୟତି କରିବ ?

ପୂର୍ବଦିଗର ସେ ଶୁକତାରାଟା ଜକ୍ ଜକ୍ କରୁଛି । କେତେ ସହସ୍ର, କେତେ କୋଟି ବର୍ଷତଳେ ହୁଏତ ଶୁକତାରା ନିକଟରେ ଆହୁରି ଅନେକ ବଡ଼ ବଡ଼ ତାରା ଥିଲେ, କିନ୍ତୁ ନିଜର ଆଧିପତ୍ୟ ବିସ୍ତାର କରିବାପାଇଁ ଶୁକତାରା ସେମାନଙ୍କୁ ଗୋଟି ଗୋଟି କରି ହତ୍ୟା କରିଛି । ସୁଦୂର ଆକାଶର ସେଇ ପ୍ରାନ୍ତରେ ଛୋଟ ଛୋଟ ତାରାଙ୍କର ହୁଏତ ଗୁପ୍ତ ଆନ୍ଦୋଳନ ଚାଲିଛି, ଶୁକତାରା ବିରୁଦ୍ଧରେ । ତାର ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ଆନ୍ଦୋଳନ । ହୁଏତ ପରାମର୍ଶ ଚାଲିଛି, ମୃପ୍ରାପର ତଳେ ତଳେ ସୁଡ଼ଙ୍ଗ କାଟି କେଉଁଠି ପରାମର୍ଶ-ଦାତା କମିଟିର ବୈଠକ ବସିବ ।

ନିଶଙ୍କୁ ସଙ୍ଗରେ ଯୋଗ ଦେବ ?

ମନ୍ଦ କଣ ? ସେତେବେଳେ ବକ୍ସାରେ ବସି ଯେଉଁ ମୋଟା ଲୋକଟା ଯାଉଥିଲା, ସେ ବକ୍ସାରେ ଯାଇପାରିଲା କିପରି ? ଅଧ୍ୟାପକ ପ୍ରଫୁଲ୍ଲ ପଟ୍ଟନାୟକ ମଟର କିଣିଲା କିପରି ? ପାରାସାଇଟ୍ ସବ ଅନ୍ୟର ରକ୍ତ ଶୋଷଣ କରି ନିଜର ଦୁର୍ବଳତାକୁ, ନିଜର ଦୋଷକୁ ଗଣ-ତନ୍ତ୍ରର ଆଖିରୁ ଲୁଚାଇବା ପାଇଁ ସେମାନେ କିଛି ନା କିଛି ଫ୍ରଡ୍ କା

ସାଙ୍ଗ ଉପର କରି ନେଉଛନ୍ତି । ଆଉ ନିଶଙ୍କୁ ଫଶ ପଦ ସୁଦ୍ଧା କଥାକୁ ଗ୍ରହଣ କରେ, ତେବେ କ୍ଷତି କଣ ?

ଆକାଶର ପୂର୍ବଦିଗରେ ଶୁକ୍ରତାରା ବେଶ ଉଜ୍ଜ୍ୱଳ ଦେଖା ଯାଉଛି । ଶୁକ୍ରଟା ଗୋଟାଏ ତାରା କିପରି ହେଲା ? ଶୁକ୍ର ଗ୍ରହ । ଶୁକ୍ର ଗ୍ରହଟା ବେଶ୍ ଉଜ୍ଜ୍ୱଳ ଦେଖାଯାଉଛି । ସେ ହୁଏତ ତାର ପ୍ରଭାବକୁ ବିସ୍ତାର କରି ପାରୁଛି ବୋଲି ଖୁସି ହୋଉଛି । କିନ୍ତୁ ତା ବିରୁଦ୍ଧରେ ଯେଉଁ ଷଡ଼ଯନ୍ତ୍ର ଚାଲିଛି, ସେ ତାର କଣ ସନ୍ଧାନ ପାଉଛି ?

ନିଶଙ୍କୁ ଫଶ ।

ସୂତା କାଟିବା ଯାହାର ନିୟମ, ଓକାଲତି କରିବା ତାହାର ଧର୍ମ ।

ଅଧ୍ୟାପକ ଦେବେଶ ସଚ୍ଚିଦାନନ୍ଦ ବୋଷ ଆଉ ସଙ୍ଗେ ଇତିହାସ ଗବେଷଣା ଛାଡ଼ି ଓକାଲତି କରେ, ତେବେ କ୍ଷତି କଣ ? ଅଧ୍ୟାପକର କାମ ଗବେଷଣା କରିବା—ଏଇଟା ନିହାତି ପୁରୁଣା କଥା । ଅଧ୍ୟାପକ ଯଦି ଓକାଲତି କରେ ତେବେ କଣ ତାହା ଅତି ଆଧୁନିକ ହେବ ନାହିଁ ?

ଓଃ ! ସେ କି ପରିଶ୍ରମ ! ବିଶ୍ୱବିଦ୍ୟାଳୟରେ ସ୍ଥାନ ଅଧିକାର କରିବା ପାଇଁ ଦିନ ରାତି କି ପରିଶ୍ରମ ! ସେତିକି ପରିଶ୍ରମ ଯଦି ଖଟାଯାଇଥାନ୍ତା ଗୋଟାଏ ରାଜନୀତି ଦଳ ପଛରେ ତେବେ ସେ ରାଜନୀତି ଦଳଟା ନିଶ୍ଚୟ ଏଥି ଭିତରେ ଖୁବ୍ ନାଆଁ କରି ସାରନ୍ତାଣି । କିନ୍ତୁ ଏତେ ପରିଶ୍ରମ, ଏତେ ଅଧ୍ୟବସାୟର ଶେଷ ପରିଣତି ହେଲା କଣ ? ଗୋଟାଏ ସାର୍ଟିଫିକେଟ୍ ମିଳିଥିଲା । ଏତେ ଅଧ୍ୟବସାୟ ଆଉ ପରିଶ୍ରମର ମୂଲ୍ୟ କଣ ଗୋଟାଏ ଦୁଇ ପଇସିଆ କାଗଜ ? ଯେଉଁ ପରିଶ୍ରମରେ ହୁଏତ ଗୋଟାଏ ନୂତନ ସୁନ୍ଦର

ପୃଥିବୀ ମୁଣ୍ଡ ଟେକି ପାରିଥାନ୍ତା, ସେ ପରିଶ୍ରମର ପୁରସ୍କାର କଣ କେତେଟା ଦସ୍ତଖତ ଆଉ କେତେଟା ଗ୍ଲାସ ଅକ୍ଷର ? ମଣିଷର ପରିଶ୍ରମର ଗ୍ଲାସ କ'ଣ ଏତେ ସସ୍ତା ?

ଦୁନିଆର ସବୁ ସୌନ୍ଦର୍ଯ୍ୟ ଭୁଲି, ଜୀବନର ସବୁ ମାଧୁର୍ଯ୍ୟ ପିଙ୍ଗିଦେଇ ସେ ପରିଶ୍ରମ କରିଥିଲା ଦଳଗୁଡ଼ ପାଠଘରେ । ସେଥିପାଇଁ ଜୀବନକୁ ସେ ହରେଇଛନ୍ତି । ସେଥିପାଇଁ ସେ ହରାଇଛନ୍ତି ତାର ଅଦରର ତରୁଣୀ ଛବି ଅପାକୁ ।

ଏତେ ସବୁ ଜୀବନର ପ୍ରତିଦାନ ସ୍ୱରୂପ ମିଳିଥିଲା ଯେଉଁ କାଗଜ ଖଣ୍ଡିକ, ସେ କାଲି କୁଆଡ଼େ ? ଗୋଟାଏ ମୁହୂର୍ତ୍ତରେ ହୁଏତ ଶୂନ୍ୟରେ ପରିଣତ ହୋଇ ଯାଇଛି !

ଅଧ୍ୟାପକ ସରି ଜୋଷ, ଅଜ୍ଞାତର ସେ ମୂଲ୍ୟବାନ ସମସ୍ତ ଏତେ ପାଠଘରରେ ନଷ୍ଟ ନକରି ଯଦି ଅନ୍ତତଃ ଘାସ କାଟିଥାନ୍ତେ, କିମ୍ବା ଜଙ୍ଗଲରେ କାଠ ସଂଗ୍ରହ କରିଥାନ୍ତେ, ତେବେ ହୁଏତ ଭାରତରେ ବର୍ତ୍ତମାନ ଦୁଧ ଆଉ ଅନ୍ୟ କୌଣସି ଏକ ଜିନିଷର ଉତ୍ପାଦନ ସାମାନ୍ୟ ପରିମାଣରେ ବଢ଼ିଥାନ୍ତା । ଇତିହାସ ! ଭବିଷ୍ୟତର ଇତିହାସ କଣ ଲେଖା ହୋଇ ପାରିବନି ? ଧର ଏଇପରି, ଶୁକ୍ରଗ୍ରହର ମୃତ୍ୟୁ ହେବ, ତାର ସ୍ଥାନ ନେବ 'ଡ' ଗ୍ରହ !

ତ୍ରିଶଙ୍କୁ ସ୍ୱର୍ଗ !

ଶୁକ୍ରତାରାଟା ଲିଭିଆସିଲା, ଏଇ ଲିଭିଗଲା । ତାକୁ ହତ୍ୟାକରି ଦେଲେ ଷଡ଼ଯନ୍ତ୍ରକାରୀଗଣ !

ସକାଳ ହୋଇ ଆସିଲା !

## —ପାଞ୍ଚ—

ସରି ପହଞ୍ଚିଲା ବେଳକୁ ସୁଧାଂଶୁ ବାବୁ ପଛପଟ ବଗିଚାରେ ଥିଲେ । ସରି ଗଲା ବଗିଚାକୁ ।

ସୁଧାଂଶୁ ବାବୁ ସରିକୁ ଦେଖି କହିଲେ, କାଲି କୁଆଡ଼େ ଯାଇଥିଲେ କି ?

ସରି ଉତ୍ତର ଦେଲା, ଇଣ୍ଟରଭ୍ୟୁରେ ଯାଇଥିଲି ବରହମପୁର, ଆଜ ସକାଳେ ତ ଆସି ପହଞ୍ଚିଲି ।

ସୁଧାଂଶୁ ବାବୁ ହସି ହସି କହିଲେ, ହଁ, ଇଣ୍ଟରଭ୍ୟୁକୁ [illegible] ହେଉଛି ତ ଉପର ହାତ ଯିବ ! ତାଠାରୁ ବରଂ ଘାସ ଚାଷ କର । ଘାସ ଚାଷର ପ୍ରସ୍ପେକ୍ଟସ୍ ଭବିଷ୍ୟତରେ ବହୁତ୍ ଉଜ୍ଜ୍ୱଳ । ଏଇ ଦେଖ, ମୁଁ କିପରି ଗବେଷଣା କାମ ଛାଡ଼ି ଆରମ୍ଭ କରିଛି ଏଇ ଘାସ ଚାଷ !

ସରି ଅସନ୍ତୁଷ୍ଟ ହୋଇ କହିଲା, ତାହେଲେ ଆପଣ କଣ ଏହି ଘାସର ଗବେଷଣା ଛାଡ଼ିଦେଲେ ?

ସୁଧାଂଶୁ ବାବୁ କହିଲେ, ନାହିଁ ସମ୍ପୂର୍ଣ୍ଣ ରୂପେ ଏପର୍ଯ୍ୟନ୍ତ ଛାଡ଼ିନାହିଁ । କିନ୍ତୁ ମୋର ସମୟର ବେଶିଭାଗ ଆଜିକାଲି ଲଗାଉଛି ଫୁଲ ଚାଷରେ, ବାକି ସମୟ ଯଦି ମିଳେ, ତେବେ ଏହି ଘାସ ଗବେଷଣାଟା ଦେଖେ ନହେଲେ ନାହିଁ ।

ଏତେ ଶୀଘ୍ର କାହିଁକି ଛାଡ଼ି ଦେଲେ ଗବେଷଣାଟା ?

ଶୀଘ୍ର କଣ, ଉଚ୍ଛୁର କଣ ? ଘାସ ଗବେଷଣା କରି କି ମୂଲ୍ୟ ଅଛି ? ତାଠାରୁ ବରଂ ଏଇ ଜାନୁଆରୀରେ ଯେଉଁ ଗୋଟେ ଫୁଲ ପ୍ରଦର୍ଶନୀ ହେବ, ସେଠାକୁ ଯଦି କେତୋଟା ସୁନ୍ଦର , ଫୁଲ ଏ

ନେଇପାରେ, ତେବେ କେତେଟା ପୁରସ୍କାର ଅନ୍ତତଃ ମିଳବ । ଗବେଷଣା କଲେ ହୁଏତ ଶେଷରେ କପାଳ ଖୋଇବାକୁ ପଡ଼ିବ ।

ସୁଧାଂଶୁ ବାବୁ ତାପରେ ଖାତାକର ଫୁଲମଞ୍ଜି କେତେଟା ପୋତିବାକୁ ଆରମ୍ଭ କଲେ । ସେଠି ଠିଆହୋଇ ଅନାଇଲି ବଗିଚାଟା ଆଡ଼େ । ସୁଧାଂଶୁ ବାବୁଙ୍କ ଘର ପଛପଟେ ଯେ ସୁନ୍ଦର ବଗିଚାଟାଏ ଅଛି ସେକଥା ମୁଁ ଜାଣିନଥିଲି । ବଗିଚାର ଠିକ୍ ମଝିରେ ରହିଛି ଛୋଟ ପୋଖରୀଟାଏ । ସୁଧାଂଶୁ ବାବୁ ମଞ୍ଜି ପୋତି ସାରି ଠିଆହେଲେ । କହିଲେ, ଆସନ୍ତୁ ମୋ ସଙ୍ଗେ ଟିକିଏ ବଗିଚାଟା ଦେଖିଯିବେ । ସଙ୍ଗେ ବୁଲିଲି ପଛେ ପଛେ । ପୋଖରୀରେ ହାତ ଧୋଇ ଧୋଇ ସୁଧାଂଶୁ ବାବୁ କହିଲେ, ବୁଝିଲେ, ଯାହା ନାଁ ଦେଇଛି ମିନିଭି ଲେକ୍ । ମିନିଭି ମୋର···ମାନେ ସଙ୍ଗିନୀ···ଠିକ୍ ଆଲବାଟାର ଛୋଟ ଛୋଟ ଯେ ଖସି ଯେଉଁମାନଙ୍କ ନାମ ଓ ଲେକ୍, ଏଇଟା ଠିକ୍ ସେଇଭଳି ହୋଇନି ? ମିନିଭି ଏହାର ନାଁ ଦେଇଥିଲେ ସୁଧାଂଶୁ ପୁଲ୍···ହାଃ···ହାଃ···ସେ ରହିଛନ୍ତି କାହିଁ ଯେଉଁ ସିକ୍ସଟିନ୍ଥ ସେନ୍ଚୁରୀରେ,—ଆଜି ବିଂଶ ଶତାବ୍ଦୀରେ ଆମକୁ ହେବାକୁ ପଡ଼ିବ ବିଶାଳ, ଆମର ହୃଦୟ ହେବ ବିଶାଳ, ଆମର ଚିନ୍ତା, ଆମର ଭାବ, ଆମର ପୋଖରୀ, ଆମର ଘର ସବୁ ବିଶାଳ ହେବା ଦରକାର । ଛୋଟ ପୋଖରୀ ପଛେ ହେଉ ତାର ନାମ ଦେବ ଲେକ୍ । ଏଥିରେ କି ମହତ୍ତ୍ୱ, ବିଶାଳତ୍ୱର ପରିଚୟ ମିଳୁଚି । ଆଉ ପୁଲ୍, ସିକ୍ସଟିନ୍ଥ ସେନ୍ଚୁରୀ ଆଇଡ଼ିଆ । ମିନିଭି ଯେ ଏତେ ଶତାବ୍ଦୀ ପଛରେ ପଡ଼ିଛନ୍ତି ମୁଁ ସେଦିନ ଯାଏ ଜାଣିନଥିଲି ! ଦୁହେଁ ଏଥି ଭିତରେ ଲେକ୍ ପୋଖରୀର ପାହାଚ ଁ ବଗିଚାର ଯେଉଁ ଅଂଶରେ ସିଜନ୍ ଫ୍ଲାୱାର୍ ଲଗାଯାଇଚି, ଆସି ସାରିଥିଲେ ।

ଭାଇ, ଭାଇ !

ସୁଧାଂଶୁ ବାବୁ ଆଜ ସଜି ଗୁହ୍ନିଲେ । ଅତ ଆଧୁନିକା ତରୁଣୀଟିଏ ପଶିଆସୁଛି । ସୁଧାଂଶୁ ବାବୁ କହିଲେ, ସେ ମୋର ଭଉଣୀ ଧର୍ମମିତ୍ରା, କଲେଜରେ ପଢ଼ୁଛି ଫିଷ୍ଟ ଇୟର୍ସ ! ମିନା, ଏ ବାବୁଙ୍କୁ ନମସ୍କାର କୁଅ ।

ମିନା ସଜି ବାବୁଙ୍କ ହାତଟା ନିଜ ହାତରେ ଚୁପି ଦେଇ କହିଲା, ଶୁଭଦିନ ମିଃ ଅପରିଚିତ ! ଭାଇ, ନମସ୍କାର କରିବାଟା ଆଜିକାଲି ପରିଣତ ହୋଇ ଯାଇଛି ଅତୀତରେ । ବର୍ତ୍ତମାନର ନମସ୍କାର ଆଉ ଚଳିବନି—

ସୁଧାଂଶୁ ବାବୁ ହସି ହସି କହିଲେ ତୁ ସେଦେଶୀଯ୍ର ଆଗେଇ ଗୁଲିଚୁ, ମୋର ମନେ ହେଉଛି ଦିନେ ତୁ କହିବୁ, ଭାଇ ମୁଁ ବେମିତ ଅତୀତରେ ପରିଣତ ହୋଇଯାଇଛି । ମତେ ବର୍ତ୍ତମାନ କର, ମତେ ନୂତନ କର ! ସମୟକୁ ପଛରେ ପକେଇ ଆଗରେ ଧାଇଁବାର ଚେଷ୍ଟା କଣ କମ ସାହସ ?

ସଜି ଏମାନଙ୍କର କଥାବାର୍ତ୍ତା ଶୁଣି ମନେ ମନେ ହସିଲା । ମିନାର ଅତ ଅଧୁନିକତାରେ ସେ ବିସ୍ମିତ ହେଲା । ଦୁନିଆ ଆଗେଇ ଗୁଲିଛି ପ୍ରତି ମୁହୂର୍ତ୍ତରେ, ଆଉ ସେ କୁଏତ ପଡ଼ିଯାଉଛି ପଛରେ !

ମିନା ଗୋଟାଏ ମୋଟା ବହି ଖୋଲି ସୁଧାଂଶୁ ବାବୁଙ୍କୁ ଦେଖାଇ କହିଲା, ଅଚ୍ଛା, ଭାଇ କହିଲ ମିଃ ଥମ୍ପସନଙ୍କର ଏଇ ଲାଇନ୍‌ଟା ଜଗନ୍ନାଥ ଦେଉଳ ବିଷୟରେ—

ସୁଧାଂଶୁ ବାବୁ ଟିକିଏ ବିରକ୍ତ ହେଲାପରେ କହିଲେ, ସେଇ ଦିନ କହିଥିଲି ମିନା, ସବୁ ବିଷୟରେ ସ୍ଥାନ ଓ ସମୟ ଜାଣି ଟିକିଏ

ଥିବା ଦରକାର । ବର୍ଗିରେ ଏଇ ଗୁଣ୍ଡାବେଳେ ଇତିହାସ ଚର୍ଚ୍ଚା ? ମୁଁ ଦେଖୁଛି ହୁଏତ ତୁ ତୋର କାର୍ଯ୍ୟରେ ଆଗେଇ ଚାଲିଥିଲେ ମଧ୍ୟ, ଭବିଷ୍ୟତରେ ହୁଏତ ଗୁପ୍ତବଂଶ ଶତାବ୍ଦୀରେ ରହିଯାଇଛୁ ! ତା ଯଦି ସେଦିନ ସବୁ ଘଟିଥିଲା, ଆଉ ତୁ କଣ ଜାଣିନୁ ? ମୁଁ ଇତିହାସ ପ୍ରିୟ ନୁହେଁ ଆଉ ମୁଁ ବରଂ ଇତିହାସକୁ ଘୃଣା କରେ ।

ସଞ୍ଜି ହଠାତ୍ ପଚାରିଲା, କାହିଁକି ?

ମୁଁ କହୁଛି ପ୍ରକୃତ, ପାଣ୍ଡିତ୍ୟର ଅନୁକରଣରେ ନୁହେଁ, ନିଜ ମନର ନିର୍ଦ୍ଦେଶରେ । ଜାଣୁ ମିନା, ଏ ଦେବଚନ୍ଦ୍ର ଜଣେ ଇତିହାସ ଅଧ୍ୟାପକ । ଯାଙ୍କ ସଙ୍ଗେ ହୁଏତ ଖୁବ୍ ସୁବିଧାରେ ଇତିହାସ ଚର୍ଚ୍ଚା କରିପାରିବୁ ।

ମିନା ବେଣୀର ଗୋଟାଏ ଫୁଲକୁ ହାତରେ ହଲାଉ ହଲାଉ କହିଲା, ତମେ ଠିକ୍ କହିଲ, ମୁଁ ଇତିହାସକୁ ଘୃଣା କରେ, ଏ ବିଷୟରେ ଚର୍ଚ୍ଚା କଲେ ହୁଏତ ଏକ ସପ୍ତାହ ଲାଗିଯିବ— ।

ସଞ୍ଜି ଚାହିଁଲା ମିନାକୁ, ମିନା ଦେହରେ ଲାଗିଛି ଯୌବନ ଜୁଆର । କିନ୍ତୁ ଯୌବନର ସେ ସ୍ୱର୍ଗୀୟ ଧାରକୁ ମିନା ପରିଣତ କରି ଦେଇଛି ଅତି ଅଧୁନିକ ଫାଜିଲାମି ଆଉ ଚପଳତାର ସ୍ରୋତରେ । ଯୌବନର କମନୀୟ ଶ୍ରୀ ଅତିରଞ୍ଜିତ ବିଦେଶୀୟ ବିଳାସିତାରେ ନଷ୍ଟ ହୋଇ ଯାଉଛି । ମିନା ସଞ୍ଜିର ହାତ ଧରି ସଜାଇ କହିଲା, ଆସନ୍ତୁନା ବଲଅର୍ଡ଼ ଖେଳିବା— ଭାଇ ମୋ ସାଙ୍ଗରେ ଖେଳିଲେ ବରାବର ହାରନ୍ତି, ସେଥିପାଇଁ ଆଜିକାଲି ଡାକିଲେ ମୋତେ ଖେଳିବାକୁ ଆସନ୍ତି ନାହିଁ । ମିନା ମୁହଁ ଆଉ ଚଞ୍ଚଳ ଦୃଷ୍ଟିରେ ଅନାଇଲା ସଞ୍ଜିକୁ । ସଞ୍ଜି ସେତେବେଳକୁ ପାଦରେ ଲୁଚିରେ ଜାଣୁଥିଲା ।

ସୁଧାଂଶୁ ବାବୁ କହିଲେ, ବୁଝିଲେ ସଙ୍ଗି ବାବୁ, ଏ ଜହ୍ନି ଫୁଲଟା ମତେ ଭାରି ଭଲ ଲାଗେ ଏହାର ସରଳତା ପାଇଁ ! ମୁଁ ନିଜ ହାତରେ ପ୍ରତ୍ୟହ ପାଣି ଦିଏ ।

ମିନା ସଙ୍ଗିର ହାତ ଧରି ଭିଡ଼ି ନେଇ ନେଇ କହିଲା, ସଙ୍ଗି ବାବୁ ଆସନ୍ତୁ ନା ବିଲିଅର୍ଡ଼ ଖେଳିବା । ଭାଇ ଲାଗିଥାନ୍ତୁ ତାଙ୍କ ଜହ୍ନି ଗଛରେ ! ଜହ୍ନି ତାଙ୍କୁ ସ୍ୱର୍ଗକୁ ନେବ ।

ସୁଧାଂଶୁ ବାବୁ ହସି ଉଠିଲେ ଜୋରରେ । ମିନା, ତତେ ମୁଁ ଅନେକ ଥର କହିଛି ନା ତୁ ସିକ୍ସଟିନ୍‌ଥ ସେଞ୍ଚୁରୀରେ ! ସ୍ୱର୍ଗ ଏ ବିଂଶ ଶତାବ୍ଦୀରେ ଜଣେ ଖୁବ୍ ବଡ଼ ଜିନିଷ ! ବିଂଶ ଶତାବ୍ଦୀ ପ୍ରମାଣ କରିଛି ତାର ବିଜ୍ଞାନ ସାହାଯ୍ୟରେ ସ୍ୱର୍ଗ ଦେବତାମାନଙ୍କର ନୁହେଁ, ସ୍ୱର୍ଗ ଏହି ମର୍ତ୍ତ୍ୟର ମଣିଷମାନଙ୍କ ପାଇଁ । ସେମାନେ ଉଡ଼ା-ଜାହାଜ ସାହାଯ୍ୟରେ ସ୍ୱର୍ଗରେ ବିଚରଣ କରିବେ ଆଉ ସ୍ୱର୍ଗର ଗ୍ରହମାନଙ୍କ ଅଣୁସ୍ତୂପରେ ପ୍ରତ୍ୟେକ ଦିନ ନୂଆ ନୂଆ ତଥ୍ୟ ଆବିଷ୍କାର କରିବେ ! ସ୍ୱର୍ଗ ତ ବର୍ତ୍ତମାନ ମଣିଷମାନଙ୍କ ପାଇଁ ଖାଲି ନୂଆ ନୁହେଁ! କଳ୍ପିତ ସ୍ୱର୍ଗର ସୌନ୍ଦର୍ଯ୍ୟଠାରୁ ମର୍ତ୍ତ୍ୟରେ ଆହୁରି ଅଧିକ ଆହୁରି ବିଭିନ୍ନ ଧରଣର ସୌନ୍ଦର୍ଯ୍ୟ ଭରିରହିଛି, ମନୋହର ଏହି ଜହ୍ନି···

ମିନା ବାଧା ଦେଇ କହିଲା, ସଙ୍ଗି ବାବୁ, ଆସନ୍ତୁ । ମିନା ଏଥର ଜୋରରେ ଭିଡ଼ିନେଲା ସଙ୍ଗିର ହାତକୁ । ସଙ୍ଗି ବାଧ୍ୟ ହୋଇ ମିନାର ଅନୁସରଣ କଲା । ମିନା ଯାଇ ପହଞ୍ଚିଲା ତାହାଣ ପାଖକୁ ଥିବା ଗୋଟିଏ ଘରେ ! ସେ ଘରେ ଗୋଟାଏ କୁସନ୍ ଉପରେ ସଙ୍ଗିକୁ ବସାଇ ଦେଇ, ଆଉ ଗୋଟାଏ କୁସନ୍ ଉପରେ ନିଜେ ବସିଯାଇ କଲିଂବେଲଟାକୁ ଦୁଇ ଥର ବଜାଇଲା । ଗୋଟିଏ ଆଠ ଦଶ ବର୍ଷ ବୟସର ପିଲା ଆସି ସଲାମ କଲା । ମିନା ଏଗିଲା ହୁକୁମରେ

କହିଲା, ଏତେଥର ଭଟେଡ଼ ଶିଖେଇଲି ସ୍ଲାମ କରିବା, କିନ୍ତୁ ଅଜାଯାଏ ଅସିଲାନି—ହେଉ, ହୋପ ଲେସ୍ ! ଯା ତୁ ଦ'କପ୍ ସୁହାଁଙ୍କୁ କହି ନେଇ ଆସିବୁ ।

ପିଏଟି ମୁଣ୍ଡ ହଲାଇ ମାଝଟରେ ଚାଲିଗଲା । ମିନା କହିଲା, ମୁଁ ଏହାଙ୍କୁ କେତେଦିନ ହେଲ ବନ୍ଧୁ ରୂପେ ଅପଏଣ୍ଟ କରିଚ ! ବର୍ତ୍ତମାନ ବିଲିଅର୍ଡ ଖେଳ ଆରମ୍ଭ ହେଉ । ବିଲିଅର୍ଡ ଟେବୁଲ ପାଖକୁ ମିନା ଘୁଞ୍ଚି ଯାଇ କହିଲା, ଆସନ୍ତୁ !

ସରିତ କହିଲା, କ୍ଷମା କରିବେ ମିନା ଦେବୀ, ମତେ ବିଲିଅର୍ଡ ଆସେନା !

ମିନା ହସିଲା । କହିଲା, ଏ ବିଂଶ ଶତାବ୍ଦୀର ଯୁବକ ହୋଇ ଏତେ ସୁନ୍ଦର ଖେଳ ବିଲିଅର୍ଡ ଶିଖିନାହାନ୍ତିନା ? ଭାଇଙ୍କୁ ଭଲ ଆସେନି । ଭାଉଜଙ୍କ ନାହାତ ହୋପ୍‌ଲେସ୍ । ଏ ଶତାବ୍ଦୀରେ ପୁଣି ସେରେ ଲୁଟେକର ରହନ୍ତି । ଭାଇଙ୍କ ସଙ୍ଗେ ଟି ପାର୍ଟିରେ ଯୋଗ ଦେବାକୁ ମୁଁ ଯାଏ, ଆଉ ପରିଚୟ ଦେବାକୁ ପଡ଼େ ମିସେସ୍ ସୁଧାଂଶୁ ପଟ୍ଟନାୟକ ରୂପେ । କଣ କରିବି ? ଅନେକ ଜାଗାରେ ଅପମାନର୍ ପାଇଲିଣି, ଏଥର ଆଉ ମିସେସ୍ ସଜିବାର ଇଚ୍ଛା ନାହିଁ ! କିଛି ସମୟ ଚୁପ୍ ରହି ଚାହିଁଲା ସରିତ ଆଡ଼େ । ସରିତ କାନ୍ଥରେ ଓଭରଟର ଜେନରଙ୍କ ଛବିକୁ ଚାହିଁଛି ନିବିଷ୍ଟ ହୋଇ । ମିନା କହିଲା, ସରିତବାବୁ, ମୁଁ ତ କହୁଥାଏ ଲଗିଛି, ଆପଣ ଚୁପ୍ ରହିଛନ୍ତି ! ତା ହେଲେ ଏ ଟେବୁଲ, ଚେୟାର ଆଉ କାନ୍ଥ-ବାଡ଼ଠାରୁ ଆପଣ ଆଉ ଅଧିକା କଣର ? ସରିତ ଜେନର୍‌ର ଆଡ଼ୁ ମିନାଆଡ଼େ ମୁହଁ ଫେରାଇ ଚାହିଁଲା । ମିନା ମୁହଁରେ କପଟ ଗୋଟାଏ ଦୁଷ୍ଟ ହସ ଫୁଟି ଉଠିଛି । ସରିତ ପୁଣି ଜେନର୍ ଆଡ଼େ ଚାହିଁ କହିଲା, କଣ ଆଉ କହିବାର ଅଛି ?

ଚାକରଟା ଚା ଦେଇ ଗଲା । ସର୍ଜି ଗୋଟାଏ କପ୍ ଟ୍ରେରୁ ଉଠାଇ ନେଇ ପିଇବା ଆରମ୍ଭ କରିଦେଲା । ମିନା ସର୍ଜିର ହାତରୁ କପ୍‌ଟା ଛଡ଼ାଇ ଅତି ଚିନି ଦେଇ ଗୋଳାଇ ଗୋଳାଇ କହିଲା, ଚା'ରେ ଚିନି ନ ଦେଇ ଖାଉଚନ୍ତି କିପରି ?

ଉଃ, ଅନ୍ୟମନସ୍କ ଥିଲି !

ଚା'କପଟା ସରି ଆସିଲା । ଖାଲି କପ୍‌ଟା ଟ୍ରେରେ ଥୋଇଦେଲା ସର୍ଜି । ଟେବୁଲ ଉପରୁ ସିଗାରେଟ୍ କେସ୍‌ଟାଏ ଆଉ ସିଗାରେଟ୍ ଲାଇଟର ବଢ଼ାଇ ଦେଲା ମିନା । ସର୍ଜି ସିଗାରେଟ ଖଣ୍ଡେ ଟାଣି ନେଇ ନିଆଁ ଲଗାଇଲା ।

ଆକାଶର ଫାଳେ ଝରକା ଫାଙ୍କରେ ଦେଖାଯାଉଛି । ସୂର୍ଯ୍ୟ ଅସ୍ତ ହୋଇ ଆସୁଛି । ସ୍ପଷ୍ଟ ଦେଖାଯାଉଥିବା ଦୁଇମହଲା କୋଠା ଉପରେ ଗୋଟାଏ ପିଲା କସରତ କରୁଛି । ବସୁଛି, ଉଠୁଛି, ଉଠୁଛି ବସୁଛି···କସରତ, ଦେହରେ ବଳହେବ ! ତାଠାରୁ ଆଉ ଟିକିଏ ଦୂରରେ ଦୁଇଟା ଗୁଡ଼ି ଉଡ଼ୁଛି କାଳିଆ, ନାଲିଆ—କାଳିଆ ଗୁଡ଼ିଟା କଟିଗଲା, ପବନରେ ଭାସିଯାଉଛି— ।

ସନ୍ଧ୍ୟା ହୋଇ ଆସୁଛି । ଆକାଶରେ ଉଠିଛି ଦ୍ୱିତୀୟାର ବଙ୍କିମଚନ୍ଦ୍ର । ପ୍ରାସାଦର ଚୂଡ଼ାରେ ଦ୍ୱିତୀୟାର ବଙ୍କିମଚନ୍ଦ୍ର । ବର୍ତ୍ତମାନ ପ୍ରାସାଦ ହୁଏତ ପରିଣତ ହୋଇଛି ଅତୀତର ମହାଦେବରେ !

ଘର ଭିତରଟା ଅନ୍ଧାର ହୋଇ ଆସିଛି । ମିନା ଆସି ବସିଲା ସର୍ଜି ବସିଥିବା କୁସନ୍ ଚେଆର ବାହୁ ଉପରେ । ଆଜି ଆପଣ କାହିଁକି ବହୁତ ଅନ୍ୟମନସ୍କ ରହୁଛନ୍ତି ! ଆସୁ ବର୍ତ୍ତମାନ ବ୍ରେ-କାକଟାଏ ଖେଳଲେ ମନ୍ଦ କଣ ହୁଅନ୍ତା ?

ସଞ୍ଜି ଗୁହଁଙ୍କ ଆଉ, ସନ୍ତ ଝରକା ଆଡ଼େ । ଝରକା ପାଖରେ ଟଙ୍ଗା ହୋଇଥିବା ମହାତ୍ମା ଗାନ୍ଧୀଙ୍କ ଛବିଟା ସନ୍ଧ୍ୟାର ମଳିନ ଆଲୋକରେ ଅସ୍ପଷ୍ଟ ହୋଇ ଆସିଛି । ଝରକାର ଗ୍ରିଲ୍ ଦେଇ ଗୁହଁଲେ ଦୃଷ୍ଟିରେ ପଡ଼େ ସହରର ରାଜପଥ । ରାଜପଥ ଉପରେ ଛୁଟିଛି ଜୀବନର ସ୍ରୋତ ପ୍ରତି ମୁହୂର୍ତ୍ତରେ । ଅସଂଖ୍ୟ କାର୍, ରିକ୍ସା, ମଟର୍···ସମସ୍ତେ ଗତିବାନ୍, କିନ୍ତୁ ସେ ? ରାସ୍ତା ପାଖରେ ଥିବା ଇଲେକ୍ଟ୍ରିକ୍ ପୋଷ୍ଟରେ ଗୋଟାଏ ଭଣ୍ଡ ବିଜ୍ଞାପନ ମରା ଯାଇଛି । ଏବେ ଦୂରରୁ ବଣ ଲେଖାଯାଇଛି ଭଣ୍ଡାପଡ଼ୁନି । ଇଲେକ୍ଟ୍ରିକ୍ ଲାଇନ୍‌ରେ ଛୁଟୁଥିବ କ୍ଷିପ୍ର ଗତିରେ ବୈଦ୍ୟୁତିକ ଶକ୍ତି । କିନ୍ତୁ ଇଲେକ୍ଟ୍ରିକ୍ ପୋଷ୍ଟ—ଯିଏ ବୈଦ୍ୟୁତିକ ଶକ୍ତିର କ୍ଷିପ୍ର ଗତି ପାଇଁ ସାହାଯ୍ୟ କରୁଛି, ସେ ସ୍ଥାଣୁ ଅଚଳ । ସେ ନିଜେ କି ହୁଏତ ସେଇ ଇଲେକ୍ଟ୍ରିକ୍ ପୋଷ୍ଟ ପରି ହୋଇ ଯାଇଛି ଅଚଳ, ସ୍ଥାଣୁ, ଗତିହୀନ !

ମିନ୍ନୀ ହଠାତ୍ ସଞ୍ଜି ଉପରେ ପଡ଼ିଗଲା । ତାର ଗୋଡ଼ ଖସି-ଗଲା ବୋଧହୁଏ । ସଞ୍ଜି ଦୁଇ ହାତରେ ମିନ୍ନୀକୁ ଧରି ଠିଆ କରିଦେଲା । କଣ୍ଠୁ ଆଣି ଥୋଇ ଦେଇଗଲା ଲଣ୍ଠନଟାଏ । କହିଲା, ନାକୁଅଁ ବାବୁ ଖୋଜୁଚନ୍ତି ।

ମିନ୍ନୀ ଦୁଇହାତ ପାପୁଲିରେ ମୁହଁକୁ ଟିକିଏ ଘଷିଦେଇ କହିଲା, ଆସ୍ଥ ହରିବାବୁ, ଯାଆନ୍ତୁ । କାଲି ଦେଖିବ ସକାଳୁ ଆସନ୍ତୁ । ଏଠି ରୁ ଖିଆଟା ହେବ, ଅସ୍ଥ ବନ୍ଧୁ—ଗୁଡ୍ ନାଇଟ୍, ଚାଲିଗଲି ବୋଲି କିଛି ମନେ କରିବେନି— । ହରି ହଠି ଚାଲି ଆସୁଥିଲା । ମିନ୍ନୀ ପଛରୁ ଫେରି କହିଲା, ଚାଲନ୍ତୁ ଗେଟ୍ ପାଖରେ ଛାଡ଼ି ଦେଇ ଆସିବି । ଗେଟ୍ ପାଖରେ ମିନ୍ନୀ ଗୋଟିଏ ଫୁଲ ସଞ୍ଜି ହାତରେ ଦେଲା । ସଞ୍ଜି କିଛି ପଚାରିବା ପୂର୍ବରୁ ମିନ୍ନୀ କହିଲା, ଯ୍ରା ନାଁ

ଦେଖନ୍ତୁ ଫରଗେଟ୍-ମି-ନଟ୍ ଫ୍ଲାଓ୍ୱାର—ଗୁଡ୍ ନାଇଟ୍ । ଭଗ ସ୍ପ୍ରିଟସ

ମିତ୍ରାଙ୍କ ଘର ଗୃହରେ ସଙ୍ଗେ ହାଟରେ ଦେଖା ହେଲା । କହିଲା, ବାବୁ ! ଘର ଘର ଖୋଜୁଥିଲେ ? ରେଳଷ୍ଟେସନର ପୋଷ୍ଟ ଅଫିସ ପାଖରେ ଗୋଟିଏ ଘର ଖାଲି ଅଛି । ସେଠିକି ଯାଇ ବୁଝନ୍ତୁ ।

ସବ୍ୟେକ ବାଦ୍ୟୁର ଆଉ ପ୍ରତିମା ଖାଲୁ ହୋଲରେ ଧରି ବସିଛ । ସଭି ପଗୁର୍ଦ୍ଧଲ, ବାହ୍ୟିକ ବାଦ୍ୟୁରି ? ପ୍ରତିମା କହିଲା, ଲୁଅଙ୍କେ ମା'ଙ୍କୁ ବସ୍ତୁରେ ଟାଏ ମାରିଲା, ମା' ଖାଉଥିଲେ । ଖେଇ ନଦେବାରୁ ଲୁଅଙ୍କେ ତାଙ୍କ ଶହୁ ନେଇ ଅସିଲା । ମା' ଦେଖିଲେ । ଅଉ ତା ପଳରେ ମାଡ଼ ହେଲ—ପ୍ରତିମା ବାଦବାକୁ ଅଭମ୍ଭ କଲା ।

ସତ୍ୟ ! ଘର ବୁଝିଛ, କାଲି ସକାଳୁ ଗୁଲ୍ ଯିବା—ଆଉ ଏଠି ନୁହେଁ ।

* * * *

ସ୍ଵଭ ଘୋଷାଏ । ସବ୍ୟେକ ଓ ପ୍ରତିମା ଶୋଇ ପଡ଼ିଲେଣି ଭେଟେଭେଲ୍ । ସେଦନ ଟ୍ରେନରୁ ଅଣିଥିବା ଗରମ ଭୋଟ୍‌ଟା ସେ ଲଟେଇ ପିନ୍ଧିଛ । ସବ୍ୟେକ ଆଉ ପ୍ରତିମା ଶେଡ଼ ହୋଇଛନ୍ତି ଖସ୍ତା ଲୁଗା କମଳ ଗୋଟିଏ । ଲଙ୍ଗା ଝରକାରେ ଧକ୍କା ହୋଇଥିଲା ଆଖା ଖଣ୍ଡେ । ଅଗାଟି ଛିଣ୍ଡି ଗଲାଣି । ତେଣୁ ତାର ଫାଙ୍କ ଦେଇ ପବନ ଅସୁଛି ।

ମଣ୍ଟୁବାବୁଙ୍କ ସ୍ତ୍ରୀ ସୁମିତ୍ରା ସବ୍ୟେକଙ୍କୁ ମାଗିଲେ ଗୋଟାଏ ବସ୍ତୁ ପାଇଁ । ଅଉ ଲୁଅଙ୍କେ କହୁଚଲେ ଗୃହିଣୀ ବୋଲି, ମାଟି-

ଝିଅର ଝିଅ ହୋଇ । ମଣ୍ଟୁବାବୁ ସେତେବେଳେ ନିଜ ଷ୍ଟଡ଼ି ରୁମରେ ବସିଥିଲେ । ସେ ପାଟି ଫିଟାଇ ନାହାନ୍ତି ! ସ୍ତ୍ରୀ ସୁମିତ୍ରାଙ୍କ ଉକ୍ତିରେ ହୁଏତ । ଅଧ୍ୟାପକ ସଚ୍ଚି ବୋଷର ଝିଅକୁ କିଏ କହିପାରେ ସ୍ୱୈରିଣୀ ହୋଇ ? ମଟିଷିଆର ଝିଅ ହୋଇ ? ଅଧ୍ୟାପକ ସଚ୍ଚି ବୋଷ କ'ଣ ମରିଗଲେ ? ନା, ନିଶ୍ଚୟ ଏହାର ପ୍ରତିଶୋଧ ନେବାକୁ ପଡ଼ିବ । ସନ୍ଧ୍ୟାବେଳେ ମନେ ହେଉଥିଲା ସଙ୍ଗେ ସଙ୍ଗେ ଉପରକୁ ଯାଇ ସୁମିତ୍ରାକୁ ଆଉ ମଣ୍ଟୁକୁ ଭିଡ଼ିଆଣି ବେକ ଚିପି ଦେବାକୁ । ହାତ ପାପୁଲି ସେ ହିଂସ୍ର କାର୍ଯ୍ୟ ପାଇଁ ଫୁଲି ଫୁଲି ଉଠୁଥିଲା । କିନ୍ତୁ ବର୍ତ୍ତମାନ ? ହାତ ତଳେ ସେତେବେଳେ ଯେଉଁ ଉଷ୍ମ ରକ୍ତର କ୍ଷିପ୍ର ସ୍ରୋତ ବହୁଥିଲା ତାହା ଶୀତଳ ହୋଇ ଯାଇଛି ! ଅଧ୍ୟାପକ ପ୍ରଫୁଲ୍ଲ ପଟ୍ଟନାୟକଙ୍କର ଆଶ୍ରୟପ୍ରାର୍ଥୀ, ବାଙ୍ଗାଲି ସଚ୍ଚି ବୋଷ କ'ଣ କରିପାରେ ? ବରଂ ସେ ଯଦି ଏତିକି ସାହାଯ୍ୟ ଦେଇ ନଥାନ୍ତେ ତେବେ ହୁଏତ ସ୍ତ୍ରୀ ମଧ୍ୟରେ ସ୍ୱର୍ଗପୁର କିମ୍ବା ପ୍ରେତପୁର ଦେଖିବାକୁ ପଡ଼ିଥାଆନ୍ତା !

ପ୍ରତିଶୋଧ ? ଛବି ଅପା କି ପ୍ରତିଶୋଧ ନେଲା ? ଛବି ଅପା ଜୀବନରେ ସହି ନେଇଛି । ଆଉ ଏଇ ସହିନେବା ଭିତରେ ହୁଏତ ତା'ପ୍ରତି ହୋଇଥିବା ଅତ୍ୟାଚାରର ପ୍ରତିଶୋଧ ନେଇ ସାରିଛି ।

ପାଞ୍ଚ ବର୍ଷର ସରୋଜକୁ ମାରିପାରେ ସୁମିତ୍ରା ?

ସରୋଜ ? ସରୋଜ କିଏ ? ପ୍ରତି ମୁହୂର୍ତ୍ତରେ ପୃଥିବୀର ପ୍ରତି-କୋଣ ପୁଣି ଉଠୁଛି କେତେ ସରୋଜରେ । ଯଦି ଗୋଟିଏ ସରୋଜ ମରେ, ତେବେ ଦୁନିଆର କିଛି କ୍ଷତି ହେବନି । ତା ସ୍ଥାନରେ ସେତେବେଳକୁ କୋଟି କୋଟି ସରୋଜ ଜନ୍ମ ହୋଇ ସାରିଥିବେ । ଦୁନିଆର ସେ କୋଟି କୋଟି ପିଲାଙ୍କ ଭିତରେ କଣ ସରୋଜର ଆତ୍ମା ରହିବ ନାହିଁ ? ନିଶ୍ଚୟ ରହିବ ।

ଘର ଭିତରେ ଅନ୍ଧାର !

ଅନ୍ଧାର ଭିତରୁ ଚାଲି ଆସିଲା ସେପରି ମିନା । ମିନା ହାତରେ ଗୋଟିଏ ଫୁଲ । ତା ହାତରେ ଧରାଇ ଦେଇ କହିଲି, ଏ ଫୁଲର ନାଁ କ'ଣ ଜାଣନ୍ତି ? ଫର୍‌ଗେଟ୍ ମି ନଟ୍—ମତେ ଭୁଲି ଯାଅନା— ମିନା ଓଠରେ ଦୁଷ୍ଟ ଚପଳ ହସ !

ସରି ବୋଷ, ଅଶ୍ରୁପ୍ରାର୍ଥୀ, ଗରିବ, କାଙ୍ଗାଳ ସରି ବୋଷ, ଆଉ ଧନୀ, ମାନୀ, ପ୍ରତିପତ୍ତିଶାଳୀ ସୁଧାଂଶୁ ପଟ୍ଟନାୟକଙ୍କର ଭଉଣୀ ଅତି ଆଧୁନିକା, ଉଚ୍ଚ ଶିକ୍ଷିତା ଶ୍ରୀ ସଙ୍ଘମିତ୍ରା ପଟ୍ଟନାୟକ— । ଛୋଟ ଶିଶୁ ରବର ଖେଳନାଟା ଧରି କହେ, ତୁ ମୋ ପୁଅ । ଅଜ ରବର ଖେଳନାର ଯଦି ଜୀବନ ଥାଆନ୍ତା, ସେ ହୁଏତ ଭାବନ୍ତା ଆଉ ମନେ ମନେ କହନ୍ତା, ହିଁ ମୁଁ ପୁଅ ଡମର, ଡମର । ଦୁଇଦିନ ପରେ [illegible] ପୁରୁଣା ଭଙ୍ଗା ହୋଇଯାଏ ସେତେବେଳେ ସେ ଖେଳନାଟା ଶିଶୁର ହୋଇଯାଏ ଅଦରକାରୀ । ସେ ତାକୁ ଫିଙ୍ଗି ଦେଇ ନୂଆଟାଏ ଆଣେ ଆଉ ନୂଆଟାକୁ ଠିକ ପୂର୍ବ ସ୍ୱରରେ କହେ, ତୁ ମୋ ପୁଅ !

ଗୁବଅଡ଼ ଜାଃଶଢ଼ ।

ଆଖି ପତାରେ ନିଦ ଲାଗି ଆସୁଛି । ଠିକ୍ ନିଦ ହେଉନାହିଁ କିନ୍ତୁ । ସରି ବୋଷ, ମିନା, ସୁମିତ୍ରା···ପ୍ରତିମା, ସରୋଜ··· ନୃପେନ୍ଦ୍ର···ତ୍ରିଶଙ୍କୁ ସଙ୍ଘ, ନାମ୍ୱାବଳୀ କଣ କି ? ଦିନବେଳା ସୂତା—ସୂତା ତରଙ୍ଗରେ, ଶାନ୍ତ ସ୍ନିଗ୍ଧ ପାଣି ପାଇଁ ଗୁନ୍ଦା ଅଛି । ସତ୍ୟ—ସେବା ଅହିଂସା—ଅହିଂସା ଆଉ ରାତିରେ ତଳାଏତ— ବୁଦ୍ଧିମତୀ, ଶିକ୍ଷିତା, ଧନୀ ସୁମିତ୍ରା; ମାରିଲା ଗୋଟାଏ ଅଶ୍ରୁପ୍ରାର୍ଥୀ, କାଙ୍ଗାଳ, ଅଶିକ୍ଷିତ ପାଞ୍ଚ ବର୍ଷର ଛୁଆକୁ ?

ସବି ଗୁଳାର ଲୁପଡ଼େ ?

## —ଛଅ—

ସୁରେଶ୍ୱରଙ୍କୁ ଜର ହେବାର ଆଜିକୁ ଛଅ ଦିନ ହେଲା । ସୁରେଶ୍ୱର ଆଉ କଥା କହି ପାରୁ ନାହିଁ, ଖାଲି ଉଲୁ ଉଲୁ କରି ରହୁଁଚି । ଏ ଜର ଦେହରେ ତାକୁ ଭାତ ଖାଇବାକୁ ପଡ଼ୁଚି । ଦୁଧ କେଉଁଠୁ ପାଇବ ? ମଣ୍ଟୁ ବାବୁଙ୍କୁ ଏତେ କହି କହି ଦୁଧ ଟୋପାଏ ବି ଦେଲେ ନାହିଁ—ଔଷଧ ତ ଦୂରର କଥା । ସୁରେଶ୍ୱର ଭଲ ହେବ କିପରି ? ବିଛଣାରେ ତା ଦେହ ମିଶି ଯାଉଚି । କର ଲେଉଟାଇବାକୁ ବି ତା ଦେହରେ ବଳ ନାହିଁ । ଆଉ କେତେ ଦିନ ପରେ ହୁଏତ ସୁରେଶ୍ୱର ଏ ସୁନ୍ଦର ପୃଥିବୀ ଛାଡ଼ି ଚାଲିଯିବ । ଛି, ଛି, କଣ ଭାବୁଚି ସେ ? ସୁରେଶ୍ୱର ମରିଯିବ ? ନା ନା, ସୁରେଶ୍ୱର ମରି ନ ପାରେ, ସୁରେଶ୍ୱରର ମୃତ୍ୟୁ ନାହିଁ ।

ମୁଣ୍ଡ ପାଖକୁ ବସିଚି ପଦ୍ମ । ଲୁହ ଆଖି ଯୋଡ଼ିକରେ ଟଳ ଟଳ । ହୃଦୟରେ ଅସୀମ ବେଦନା ! ମା, ନିଜର ରକ୍ତ ଦେଇଚି । ତିନି ଦିନ ହେଲା ସେ ବି ଖାଇ ନାହିଁ ।

ସରି କହିଲା, ପଦ୍ମ କେତେ ଦିନ ଆଉ ଏପରି ଉପାସ ଶୋଇବ ?

ପଦ୍ମ କେମିତି ଅନ୍ୟମନସ୍କ ଭାବରେ କହିଲା, କେତେ ଦିନ !

ପଦ୍ମ ଯାଅ ଖାଇ ନିଅ, ଖାଇଲେ ସିନା ସୁରକୁର ସେବା କରିବ, ନ ଖାଇଲେ ଦିନ ରାତି ବସି ଏମିତି କାନ୍ଦିଲେ, ତାର ସେବା କରିବ କେମିତି ? ଯାଅ, ସୁନାଟି ପଦ୍ମ ।

ପ୍ରତିମା ଖୁବ୍ ଜୋରରେ କାନ୍ଦି ଉଠିଲା ।

ସରି କହିଲା, ପଦ୍ମ, ଛି, ତମେ ଏମିତି ବାମ୍ହଣୀଙ୍କ ପରି ହେଲେ ଚଳିବ ?

ପ୍ରତିମା ତଥାପି କାନ୍ଦବାରେ ଲାଗିଥାଏ । ପର୍ଣ୍ଣି ତା ପାଖକୁ ଛୁଟି ଯାଇ ଲୁଗାରେ ଲୁହ ପୋଛି ଦେଲା । କହିଲା, ଅଜ୍ଞାଟ୍ ତ ତମେ ଏମିତ ହେଲଣି ! ଅତୁର ଦୁଃଖ ଅସୁଚି, ଅତୁର କଷ୍ଟ ଅସୁଚି, ଅତୁର ଯନ୍ତ୍ରଣା ଅସୁଚି । ତାକୁ ପୁଣି ସହୁବ କାପବ ? ତମେ ମା, ତଥାପି ତମେ ଯେ ଅଶ୍ରୁପ୍ରାର୍ଥୀ ଏ କଥା ଭୁଲି ଯାଉଛ ଯେ ! ହୃଦୟକୁ ପଥର କର, ହୃଦୟକୁ ପାଷାଣ କର ଦେବଜର ଦେବତା ପରି, ତା ହେଲେ ଯାଇ ଦୁଃଖ ସହି ପାରିବ, ଯନ୍ତ୍ରଣା ସହି ପାରିବ ! କେଉଁ ଅଶୁଭ ମୁହୂର୍ତ୍ତରେ ଆମର ଜନ୍ମ ହୋଇ ଥିଲା କେଜାଣି, ଧନେ ହସିବା ଆମ ଭାଗ୍ୟରେ ଜୁଟିଲା ନାହିଁ । ଲୁହରେ ଆମ ଜୀବନ ଲେଖା ହୋଇଛି ଯେପରି !

ପର୍ଣ୍ଣି ଯାଇ ସଂରକ୍ଷା ପାଖରେ ଠିଆ ହେଲା । ରାସ୍ତା ଉପରେ ଅସଂଖ୍ୟ ଯାନବାହାନ ଛୁଟିଛି । ଏଇ ମଟର ମାଡ଼ିଗଲା ଗୋଟାଏ କୁକୁର ଉପରେ । ମୁହୂର୍ତ୍ତିକ ପାଇଁ କରୁଣ ଚିତ୍କାର କରି ଉଠିଲା । ତାପରେ ମଟର ଚାଲି ଯାଇଛି । କୁକୁର ଶେଷ ହୋଇ ଯାଇଛି । ତାର ଉଷ୍ଣ ରକ୍ତ ସ୍ରୋତରେ ରାସ୍ତାର ଏକାଂଶ ଲାଲ ହୋଇ ଉଠିଲା । ଏସବୁ ଭିତରେ ଘଟଣାଟା କାର ଚାଲି ଗଲାଣି । ରାସ୍ତା ଧାରରେ ଲୋକେ ଚାଲିଛନ୍ତି । କାହାର ତା ପ୍ରତି ଭ୍ରୂକ୍ଷେପ ନାହିଁ ।

ପ୍ରତିମା ଭଲ ଦିନ ଦେଖି ଖାଇ ନାହିଁ । ଦିନ ରାତି ସବୁବେଳେ କାନ୍ଦୁଛି । କିଏ ସେ ? ସରକୁ କଣ ତା ଝିଅ ନୁହେଁ, ସେ କଣ ରକ୍ତ ଦେଇ ନାହିଁ ? ଧନେ ସୁଦ୍ଧା ତା ଦୁଃଖରେ ସେ ଉପାସ ରହି ନାହିଁ ; ମୁହୂର୍ତ୍ତେ ସୁଦ୍ଧା ତ ତା ପାଇଁ କାନ୍ଦି ନାହିଁ । ସେ ବାପ, ପର ପ୍ରତିମା ମା !

ଜନନୀ ତୁମେ ନାରୀ କି ମହୀୟସୀ ! କିନ୍ତୁ ଛଳନାମୟୀ ନାରୀ ତୁମେ, କି ବୀଭତ୍ସ ! ସରି ମନେ ମନେ ସ୍ତୁଥିବାର ସେଇ ଜନନୀଙ୍କୁ ନମସ୍କାର କଲା ।

ଅଳ୍ପ ଦୂରର ସେ ପ୍ରାନ୍ତରରେ ସବୁଜ ଘାସର ଆସ୍ତରଣ । ଦେବଦେଷ୍ଟା ଗଛରୁ ପତ୍ର ଝଡ଼ିବାକୁ ଆରମ୍ଭ କଲାଣି । ଏତେ ସୁନ୍ଦର ପ୍ରକୃତି ମଧ୍ୟରେ କାହିଁ ସେ ଜୀବନ ? ଏ ଘାସର, ଏ ଗଛର ସୌନ୍ଦର୍ଯ୍ୟ ଥାଇପାରେ; କିନ୍ତୁ ଜୀବନ ନାହିଁ । ପ୍ରାଚୁର୍ଯ୍ୟ ଅଛି, କିନ୍ତୁ ପ୍ରାଣ ନାହିଁ । ଚତୁର୍ଦ୍ଦିଗରେ କିପରି ଗୋଟାଏ ଶାନ୍ତ ଉଦାସ ଭାବ ଖେଳି ଯାଇଛି ଯେପରି । ମୌନାବଣ୍ଠି ପ୍ରକୃତିର ଅଙ୍ଗନରେ ନାହିଁ ସେଇ ଜୀବନ ଯାହା ମନୁଷ୍ୟଙ୍କୁ ଅନ୍ତତଃ ବଞ୍ଚିବା ପାଇଁ ଉତ୍ସାହ ଦେବ । କେଉଁ ଅଶରୀରୀ ପ୍ରକୃତିକୁ ନେଇ ଯାଇଛି ସେ ଐଶ୍ୱର୍ଯ୍ୟ, ସେ ପ୍ରାଣ ପ୍ରାଚୁର୍ଯ୍ୟ !

ସରି ! ସରି !

ସରି ଝରକା ଆଡ଼ୁ ମୁହଁ ଫେରାଇଲା । ଦୁଆର ମୁହଁରେ ଠିଆ ହୋଇଚନ୍ତି ମଣ୍ଟୁ 'ବାବୁ । ଦୁଆର ପାଖକୁ ଆସି କହିଲା, କାହିଁକି ଡାକୁଛନ୍ତି ?

ଆଜି କଣ ମୁଁ କଲେଜ ଯିବିନି ?

ମୁଁ ତ ନାହିଁ କରୁନାହିଁ କଲେଜ ଯିବାକୁ ?

ନାହିଁ କରୁନା ଯେ, କେମିତି ଯିବି ? ଚୁଲିତ ଲାଗି ନାହିଁ ଏତେବେଳ ଯାଏ !

ଓଃ, ସରି, ଯାଅତ ବ୍ରେକ୍ଫାଷ୍ଟ କରିବ, ନା, ନା ସେ କିପରି ଯିବ ? ଛୁଆଟା ଉପରେ—

ଜର ଆଉ କାହାକୁ ହୋଇଚି କି ? ଦୁଇଦିନ ହେଲା ସେସେଇ ନାହିଁ । କାଲି ରାତିରେ ମୁଁ ନିଜେ ସେସେଇ କରିଥିଲି, ସୁମିତ୍ରା ସର୍ଦ୍ଦି ଧରିଚି । କାଲି ସନ୍ଧ୍ୟା କାଠୁ ଭାଠୁ ଅଙ୍ଗୁଳି କାଟି ହୋଇଗଲା । କେତେ ଦିନ ଆଉ ଏସବୁ ଖାଇବି ?

ସିଡ଼ି ଓର ପାଖକୁ ଯାଇ କହିଲି, ଓର ଯାଅତ ସେସେଇ କରିବ—

ଓର ଉଠିଗଲା ସେସେଇ ଘରକୁ ।

ଆଖି ବନ୍ଦ କରି ସରଜୁ ଶୋଇଚି । ସିଡ଼ି କେତେ ସମୟ ସରଜୁର ମୁହଁକୁ ଚାହିଁଲା । ତା ପରେ ବାହାରକୁ ଆସିଲା । ସୁମିତ୍ରା ଉପରୁ ପାଟି କରୁଛନ୍ତି, ଏ ଡ୍ରାଇଭର, ଶୀଘ୍ର କାର ବାହାରକର, ଓ କ୍ଲବରୁ ବାହାରକୁ ଚାଲିଯିବେ, ବାହାର କଲୁ ?

ମଟର ଗ୍ୟାରେଜରୁ ଡ୍ରାଇଭର ବାହାର କଲା କାର୍ । ସୁମିତ୍ରା ଓହ୍ଲାଇ ଆସିଲେ । ଦେହରେ ଜର୍ଜେଟ ଶାଢ଼ୀ, କାନରେ ପ୍ଲାଷ୍ଟିକ ଇୟାରିଂ, ଗୋଡ଼ରେ ହାଇହିଲ୍ ସୁ, ଆଖିରେ ଅପୂର୍ବ କଟାକ୍ଷ । ସୁମିତ୍ରା ଯାଇ ଅଗସିଟରେ ଡ୍ରାଇଭର ପାଖରେ ବସିଲେ । ଇଭ୍‌ନିଂ ଇନ୍ ପ୍ୟାରିସର ମନୋହର ଗନ୍ଧ ଭାସି ଆସୁଛି । ବେଶର ଐଶ୍ୱର୍ଯ୍ୟ ଆଖି ଝଲସାଇ ଦେଉଚି । କାର୍ କ୍ଷିପ୍ରଗତିରେ ଫାଟକ ପାର ହୋଇଗଲା । ଇଭ୍‌ନିଂ-ଇନ୍-ପ୍ୟାରିସର ଗନ୍ଧ ତଥାପି ପବନରେ ମିଶି ରହିଚି ।

ପନ୍ଦର ଷୋଳ ବର୍ଷର ଝିଅ । ଦୈନ୍ୟକୁ ଉପହାସ କରି ତାର ଦେହରେ ଫୁଟି ଉଠିଚି ଯୌବନ । ଶତଚ୍ଛିନ୍ନ ଶାଢ଼ୀ । ମୁଣ୍ଡରେ ଅନେକ ଦିନ ଧରି ତେଲ ଲଗାଯାଇ ନାହିଁ । ଦେହଯାକ ମଇଳା । କେମିତି ଗୋଟାଏ ଗନ୍ଧ ବାହାରୁଚି । ତଥାପି ଦୈନ୍ୟର ସେ ଆବରଣ ତଳୁ ଫୁଟି ଉଠୁଚି ଯେପରି ସ୍ୱର୍ଗୀୟ ସୁଷମା !

ଗୀତ ବୋଲି ସାର ବାଳକଟି ହାତ ପତାଇ ମାଗିଲା, ବାବୁ !

କଣ ଲୋ ଝିଅ !

ବାବୁ, ଦୁଇଦିନ ହେଲା ଖାଇନାହିଁ —

ମୋ ପାଖରେ କିଛି ନାହିଁ ଲୋ ଝିଅ—ମୁଁ ···

ଦବଣି ବାବୁ, ଭାରି ଭୋକ –

ସଇଁ ଘର ଭିତରକୁ ଗଲା । ଦୁଇ ପଇସା ସରଙ୍କୁ ମୁଣ୍ଡ ତଳେ ଅଛି । ପ୍ରତିମା ରଖିଛି ସରଙ୍କୁ ପାଇଁ ଷମ୍ପୁଟ କିଣିବ ବୋଲି । ସରଙ୍କୁର ଦେହରେ ମୃତ୍ୟୁର କଳା ଘୋର ଛାୟା ଖେଳି ଯାଉଛି ଯେପରି । ନା, ନା, ଫେରିଯାଉ ସେ ବାଳିକା । ସଇଁ ଦୁଆର ମୁହଁ ପାଖକୁ ଆସିଲା । ବାଳିକାଟି ଗୀତ ବୋଲିବାରେ ଲାଗିଛି—ଦୀନବନ୍ଧୁ ହେ, କେବେ ଦୟା ନାହିଁ କି, ଦୀନବନ୍ଧୁ ହେ···ସଇଁକୁ ଦେଖି ଗୀତ ବନ୍ଦ କରି ବାଳିକାଟି କହିଲା, ବାବୁ ଦଅ, ଉପାସ ଲୋକ କେତେ ଅଡ଼କୁ ଯିବାକୁ ହେବ । ସଇଁ କହୁଥିଲା, ନାହିଁ, କିନ୍ତୁ କିଏ ଯେପରି ତାର ତଣ୍ଟି ଚିପି ଧରିଲା । ନାହିଁ ? ମିଥ୍ୟାବାଦୀ ! ସରଙ୍କୁ, ସରଙ୍କୁ ପାଇଁ ଷମ୍ପୁଟ କିଣାଯିବ ? ଦୁଇପଇସା କାହାର ବେଶୀ ଦରକାର ? ସେ ଝିଅଟିର, ନା ସରଙ୍କୁର ? ସଇଁ ସରଙ୍କୁର ବିଛଣା ପାଖକୁ ଫେରିଗଲା । ସରଙ୍କୁର ମୁଣ୍ଡ ତଳୁ ଦୁଇପଇସା କାଢ଼ିଲା । ସରଙ୍କୁ ଆଖି ମେଲାଇଲା । କି କରୁଣ, କି ମର୍ମନ୍ତୁଦ ସେ ଚାହାଣୀ ! ଦେହ, ମନ ପ୍ରାଣ ସବୁକୁ ଆଘାତ କରୁଛି ଯେପରି ! ସରଙ୍କୁ ଧୀରେ ଧୀରେ ଡାକିଲା, ବାପା ! ତାପରେ ଆଖି ପୁଣି ବନ୍ଦ କରିଦେଲା । ନା, ଏ ଦୁଇପଇସା ସରଙ୍କୁର ବେଶୀ ଦରକାର । ବାଳିକାଟି ଡାକ ପକାଇଲା, ବାବୁ ଦଅମ ଶୀଘ୍ର !

ସର୍ଜି ବାଲକାଟି ହାତରେ ଦୁଇପଇସା ଦେଲା ।

ଭାରି ସୁନ୍ଦର ଗାଉଛି ତ ଝିଅଟି ! ତୋ ନାଁ କଣ ଲୋ ଝିଅ ?

ଅପ୍ସରା—

ମଣ୍ଟୁବାବୁ ଆସିଛନ୍ତି ।

ମଣ୍ଟୁବାବୁ କହିଲେ, ଅପ୍ସରା ! ସୁନ୍ଦର ନାଁଟିଏ ତ !

ଅପ୍ସରା ତଳକୁ ମୁହଁପୋତି ଠିଆହେଲା ।

ଆ ଉପରକୁ ଗୀତ ବୋଲିବୁ—

ଅପ୍ସରା କହିଲା, ନାହିଁ ବାବୁ ଦୁଃଖୀ ଲୋକ, ବାରଅଡ଼କୁ ଯିବି—

ଚାଲ, ଟଙ୍କା ଦେବି ।

ଆସନ୍ତୁନା ସର୍ଜିବାବୁ ଗୀତ ଶୁଣିବା । ଭଲ ସୁନ୍ଦର କଣ୍ଠ ଅଛି । ଗୀତ ଶୁଣିବାରେ ମୋର ଭାରି ଆଗ୍ରହ ।

ସର୍ଜି କେମିତି ଅନ୍ୟମନସ୍କ ଭାବରେ କହିଲା, ନା…

ମଣ୍ଟୁବାବୁ ଚାଲିଲେ ଆଗରେ, ତାଙ୍କ ପଛେ ପଛେ ଅପ୍ସରା ।

ଆକାଶରେ ଖଣ୍ଡ ଖଣ୍ଡ ମେଘ ଭାସି ଯାଉଛି । ହୁଏତ ଆଜି ବର୍ଷା ହୋଇପାରେ । ଥଣ୍ଡାପବନ ବହୁଛି । ଦେହ ଥର ଉଠୁଛି ଶୀତରେ । ତଥାପି ଆଜି ଟିକିଏ ଶୀତ କମ୍ ଅଛି । ଆକାଶର ମେଘମାଳା ଭୁଅଁଡ଼େ ଚାଲିଛନ୍ତି ? ଜୀବନ ପଥରେ, ନା ମୃତ୍ୟୁ ପଥରେ ? ଜୀବନ ମୃତ୍ୟୁ, ମୃତ୍ୟୁ ଆଉ ଜୀବନ । ଜୀବନ ପରେ ମୃତ୍ୟୁ ଆସେ, ଆଉ ମୃତ୍ୟୁ ପରେ ଆସେ ଜୀବନ ! କି ବିଚିତ୍ର ଏଇ ଜୀବ ଆଉ ମୃତ୍ୟୁ !

ପ୍ରତିମା ଦଉଡ଼ି ଆସି କହିଲା, ଦେଖିଲଣି !

କଣ ?

ଏଇ ମଣ୍ଟୁବାବୁ—

କଣ ହେଲା ?

ଛିଃ, ଛିଃ, ଏତେ ଖରାପ···କୁଆଡ଼ୁ ଗୋଟାଏ ମାଗିଖାଇଛୁ ଆଣି—

ତମର କଣ ଅଛି ? ଯାଅ ତମ କାମ କର—

ସରଳୁ !

ମୁଁ ଅଛି ।

ପ୍ରଭମା ଚାଲିଗଲା । ତାର କିଛି ସମୟ ପରେ ଆସିଲା ସେଇ ଭବାନୁଶ୍ରୀ ଝିଅଟି । ଅପ୍ସରା ଗୋଟାଏ ନୂଆଗୁଦର ଘୋଡ଼ା ହୋଇଛି । ମୁହଁ ତଳକୁ ସୋଡ ସୋଡ ଆସୁଥାଏ ।

ସଂଜି ଡାକିଲା, ଏ ଝିଅ ଶୁଣିତ !

ଅପ୍ସରା ପାଖକୁ ଆସି କହିଲା, କ'ଣ ?

କେତେ ପାଇଲୁ ?

ଦୁ' ଟଙ୍କା !

ଅପ୍ସରା ତଳକୁ ମୁହଁ ପୋଡ ଠିଆ ହୋଇଥାଏ । ସିଧା ଭାବରେ ଚାହିଁବାକୁ ହୁଏତ ଆଉ ସାହସ ନାହିଁ । ଅପ୍ସରା ନିଜର ଆବିଷ୍କାର କରିବାକୁ ଚେଷ୍ଟା କରୁଥିଲା ବୋଧହୁଏ ।

କିଛି ସମୟରେ ଅପ୍ସରା ଚାଲିଗଲି । ମନ୍ଦିରର ଅପ୍ସରା ! ମନ୍ଦିରର ଏଇ ଅପ୍ସରା ଗୁଡ଼ାକ କି ସୁଲଭ !

ଏ ବିସ୍କୁଟବାଲା ଦେଇଯାଅତ—ହେ ବିସ୍କୁଟ—

ବିସ୍କୁଟବାଲା ଆସି ପହଞ୍ଚିଲା, କେତେକର ଦେବି ?

ଦେ ଦୁ ପଇସାର ।

ଗୋଟାଏ ବିସ୍କୁଟ ବଢ଼ାଇ ଦେଲା ହାତକୁ । କିଛି ସମୟ ପରେ ପ୍ରଭମା ଫେରିଆସି କହିଲା, ତକିଅ ତଳେ ଦୋପଇହିଟିଏ ରଖିଥିଲି କଣ ହେଲା ?

ମୁଁ ଖର୍ଚ୍ଚ କରିଛି ।

ଆଗରୁ କହିଲି ନାହିଁ, ବିସ୍କୁଟ କିଣିଲି ଯେ—

ସବି ପ୍ରତିମା ହାତରୁ ବିସ୍କୁଟଟା ଛଡ଼େଇ ନେଇ ବିସ୍କୁଟବାଲାକୁ ଦେଇ କହିଲା, ଯାଅ ।

ଛୁଆଟା ପାଇଁ ବିସ୍କୁଟ କିଣିବ ବୋଲି ଦିଟା ପଇସା ରଖିଥିଲି— ଖର୍ଚ୍ଚ କରିଦେଲ ! ବାପ ହୋଇ କୋଉଦିନ ଗୋଟାଏ ପଇସା ଦେଇଚ ଭଲା !

ସବ !

ପଇସାଟିଏକ ରୋଜଗାର କରିବାର ସଖ୍ୟ ନାହିଁ; ସେଥିରେ ପୁଣି ଖର୍ଚ୍ଚ ଗୁଲିଛ !

ସବ !

ମଣ୍ଟୁବାବୁଙ୍କୁ ଦେଖି ସବ ଭିତରକୁ ପଶିଗଲା ।

ଏପରି ଖାଇବାଠାରୁ ଉପାସ ରହିବା ଭଲ !

ସବି ପଚାରିଲା, କ'ଣ ହୋଇଛି କି ?

କଣ ହୋଇଛି ? ଛତ୍ରୁ ହୋଇଛି । ଡାଲି ପୋଡ଼ି ଯାଇଛି, ଭାତ ପେଜୁଆ, ତରକାରୀ ଲୁଣିଆ—ଆଉ କଣ ହୋଇଥାନ୍ତା ? ସ୍ତ୍ରୀକୁ କଣ ମଣିଷ ଖାଆନ୍ତି ? କୁକୁରର କୁଇଁବଣ—ଅଚ୍ଛା ଡଉସଣ ହେଲା ମଣିଷ । ମଣ୍ଟୁବାବୁ ରାଗରେ ଡମ ଡମ ହୋଇ ଚାଲିଗଲେ ।

ସବଙ୍କୁ ଖାଇବ, କଣ ଖାଇବ ?

ସବି କହିଲା, ଅଚ୍ଛା ମୋ ବର୍ଦ୍ଧ୍ୟାଟା ଥିଲା, ଦଆନା ହେବେ—ସବ ବର୍ଦ୍ଧ୍ୟାଟା ବାହାର କରି ଦେଲା । ଗୋଟାଏ ଭଙ୍ଗା ବୋତଲ ଦେଇ କହିଲା, ଯଦି କାମ୍ପିଣ ମିଳେ ତେବେ ଆଣିବ ବୋତଲେ । ରାତିରେ ଜାଳିବାକୁ ହଇସଣ—

*    *    *

ଗୋଟାଏ ଘଣ୍ଟା ଦୋକାନକୁ ଉଠି ସଞ୍ଜି ପଚାରିଲା, ଘଣ୍ଟା ନେବେ ? ଜଲ୍‌ଦୀ ହେବ ।

ଦୋକାନୀ ଘଣ୍ଟାକୁ ଏପଟ ସେପଟ କରି ଦେଖି କହିଲା, କେଉଁଠୁ ଆଣିଲ ? ଚୋରି ମାଲ ନୁହଁତ ? ଦବତ ଦଅ, ଦଶଟା ଟଙ୍କା ଦେବୁଛି ।

ସଭି ଆଖି ଖୋସି ହୋଇଗଲା । ଦଶଟଙ୍କା ! ସାଇମା ସେଇକୋ ଗୋଲ୍ଡ ଘଣ୍ଟା ଅତି କମରେ ଶହେରୁ କମ ହେବ ନାହିଁ ।

ସବୁ ଦୋକାନ ବୁଲି ବୁଲି ଚାରିଟା ବାଜିଲା, ସମସ୍ତଙ୍କର ସେଇ ଏକା କଥା । ଶେଷରେ ଗୋଟାଏ ଦୋକାନରେ ଦେଇ କୋଡ଼ିଏ ଟଙ୍କା ଆଣିଲା । ସବୁଙ୍କୁ ପାଇଁ ବିସ୍କୁଟ କିଛି କିଣି ଗୋଟାଏ ଦୋକାନକୁ ପଶିଗଲା କାସ୍ପିନ ଆଣିବାକୁ ।

ଜାର୍ ଅଛି ?

ନାହିଁ ।

ତେବେ ବୋତଲ ଟଙ୍କାଏ ପଡ଼ିବ—

ଏତେ ବେଶୀ ?

କଣ ବେଶୀ ହୋଇଗଲା

ଚଉଦ ପଇସା ଜାଗାରେ—ଟଙ୍କାଏ !

ଦୋକାନୀ ହସି ଉଠିଲା ଖୁବ ଜୋରରେ, ବେଶୀ ହୋଇଗଲା ନା ? କଳାପୋଡ଼ା ବଜାରରେ ଟଙ୍କାଏ କଣ ବେଶୀ ? ଏଇ ହାତ ପୁଣି ବୋତଲ ଦୁଇଟଙ୍କା କରି ବିକାଣ—ଇଚ୍ଛା ଥାଉଚି ତ ନିଅ ନ ହେଲେ ନାହିଁ । ଶଶୁରଙ୍କଠାରୁ ତ ଲାଞ୍ଚ ନେଉଛ, କଳାପୋଡ଼ା ଦେଉଛ । ଆଉ ତମକୁ ଛାଡ଼ିଦେବ

ବର୍ଷା ଆରମ୍ଭ ହୋଇଗଲା ।

ବସାରେ ପହଞ୍ଚିଲା ବେଳକୁ ସମ୍ପୂର୍ଣ୍ଣ ଓଦା ।

ସନ୍ଧ୍ୟା ହୋଇ ଯାଇଛି । ଘର ଅନ୍ଧାର । ଘର ଭିତରୁ ସର କହିଲା, କିଏ ? ସରି ଘର ଭିତରକୁ ପଶିଯାଇ ଟେଙ୍କା ପଇସା, ତେଲ ବୋତଲ, ବିସ୍କୁଟ ଡବାଟା ତଳେ ଥୋଇଲା ।

ମଣ୍ଟୁବାବୁ ପାଟି କରି କରି ଆସିଲେ, ଏ ଓଳି ସେଟେଲ ଦେବନି ନା କିଏ ?

ସର କହିଲା, କହୁଛି, ମୋ ଦେହ କେମିତି ଖରାପ ଲାଗୁଛି—

ଦେହ ଖରାପ ଲାଗୁଛି ! ଆଉ କାହା ଦେହ ଭଲ କି ?

ସରି କହିଲା, ଏ ଓଳିଟା ଯାଉ, ପୁଣି ସକାଳୁ ସେଟେଲ କରିବ ଯେ !

ଏ ଓଳି ଅରଓଳି ହୋଇ ତିନିଦିନ ଉପାସ ପଡ଼ିଲଣି । ଆଉ କେତେଦିନ ?

ମଣିଷ ତ ଅମେ, କୁଅଁଟାକୁ କର, ତା ଦେହ ଖରାପ—

ଯୋଉ ମଣିଷ—ହଠାତ୍ ଘର ଭିତରକୁ ଝଇଁ ପଡ଼ାଇଲେ ମଣ୍ଟୁବାବୁ ।

ଓଃ, ହାତରେ ପଇସା ହୋଇ ଗଲଣି ନା, ଟଙ୍କା କେଉଁଠୁ ଆଣିଲ ?

ଘଣ୍ଟା ବିକି କରି ।

ମୋ ଘଣ୍ଟା ନା, ଦି'ଦିନ ହେଲା ମୁଁ ଖୋଜୁଛି ।

ନା ମୋ ଘଣ୍ଟା —

ଏ ଘରଟା ବିତ ଡମରୁ···ଛୁ ଛୁ ଅଗ୍ନି ଗ୍ରୀବକୁ ଆଖି ଖୋଲି ଘୂରାଇଲ—

ସର ଝିଅଣାକୁ ଉଠି କହିଲା, ମୁଁ ଯାଉଛି ସେଟେଲ କରିବି—

ମଣ୍ଟୁ ଘାଣ୍ଟିକଲା, ନାଇଁ ଅମର ସେପେଇ ଦରକାର ନାହିଁ, ତମେ ବର୍ତ୍ତିମାନ ଏଠୁ ଗଲ—

ପରୁ ଦୁଆରବନ୍ଧ ପାଖରେ ଚୁପ ହୋଇ ଠିଆହୋଇ ରହିଲା ।

ମଣ୍ଟୁବାବୁ ଘର ଭିତରକୁ ଯାଇ ତେଲ ବୋତଲକୁ ବାହାରକୁ ପକାଇ ଦେଲେ, କେତେଟା ଛିଣ୍ଡାଅଖା ଦୁଆରକୁ ପକାଇ ଦେଲେ, ଟଙ୍କାକୁ ଗୋଡ଼ରେ ଘରଯାକ ବିଅଁଦେଲେ ।

ଯାଅ ବର୍ତ୍ତିମାନ ଯାଅ ମୋର ଦରକାର ନାହିଁ, ନ ହେଲେ ପୁଲିସକୁ ଡାକି—

ପରୁ କହିଲା, ଛୁଆଟାକୁ ଜର—ବର୍ଷା ହେଉଚି—

ଛୁଆଟାକୁ ଜର ! ଯୋଉଚି ଜର ! ବାହାର, ନ ହେଲେ ପୁଲିସ୍…

ସଚି କହିଲା, ମଣ୍ଟୁବାବୁ ପୁଲିସ୍‌କୁ ଡାକିବାକୁ ସହିବ ନାହିଁ, ଆମେ ଯାଉଚୁ ।

ପରୁକୁ କହିଲା, ପରୁ, ସରଗୁଡ଼ୁ ବାନ୍ଧ—

ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ଟଙ୍କା ଗୋଟାଇଲା ସଚି । ଛିଣ୍ଡା କନ୍ଥଣା ଗୋଟେଇ ଧରିଲା, ପରୁ କାଖେଇଲା ସରଜୁକୁ । ଦୁହେଁ ଫାଟକ ଡେଇଁ ବାହାରକୁ ଅସିଲେ । ବର୍ଷା ଖୁବ୍ ଜୋରରେ ହେଉଚି ।

ପରୁ କାନ୍ଦ କାନ୍ଦ ହୋଇ କହିଲା, ଛୁଆଟାକୁ ଜର, ଏ ବର୍ଷାରେ ସେ ଆଉ ବଞ୍ଚିବ ?

ରାସ୍ତାରେ ଚାଲୁ ଚାଲୁ ସଚି ଉତ୍ତର ଦେଲା, ବଞ୍ଚିକରି ମରିବାକୁ ସେ ଅମର ଜନ୍ମ ହୋଇଚି ପରୁ !

ଭାରିଟା ମାଡ଼ିଯାଉଥାନ୍ତା, ପରୁ ଝଟକରେ ରାସ୍ତାର କଡ଼କୁ ଅଣ୍ଡେଇ ହୋଇଗଲା । ନାଳପାଣି ପଡ଼ି ପରୁ ଦେହଟା ନାଲିଆ ହୋଇଗଲା ।

—ସାତ—

ପଞ୍ଜା ଘୋଡା ବ୍ରସ୍ କରବେ ? ଦୁଇଟି ପିଲା ଦୁର୍ଦାରେ ପହଞ୍ଚିଲେ । ସରି ସକାଳୁ ବାରଣ୍ଡାରେ ବସି ଦାନ୍ତ ଘଷୁଥିଲା । ମନାକଲା, ନାହିଁ । ପିଲା ଦୁଇଟି ପାଖକୁ ଆସି କହିଲେ, ବାବୁ ଆମେ ଶରଣାର୍ଥୀ, ପଞ୍ଜାବରୁ ଆସିଚୁ । ଘୋଡା ସଫା କରଦେବୁ । ନାହିଁ କାହିଁକି କରୁଛନ୍ତି ? ସରି ଅଣ୍ଟାରୁ ଅଣାଏ ବାହାର କରି ତାଙ୍କ ଆଗକୁ ଫୋପାଡି ଦେଲା । ପିଲା ଭିତରୁ ଗୋଟିଏ ସେ ଅଣିଟା ଫେରାଇ ଦେଇ କହିଲା; ବାବୁ ଆମେ ସିନା ଶରଣାର୍ଥୀ, ପଲେଇ ଆସିଚୁ କିନ୍ତୁ ଭିକ ମାଗୁନୁ । ଆମେ କଣ ମୋଚିପିଲା ? ଆମେ କୃଷକ । ଆପଣତ ଘୋଡା ସଫା କଲେଣି, ଅଉ ଅଣାଟେ କାହିଁକି ଦେଉଛନ୍ତି ? ଆମେ ମାଗିବାକୁ ଆସିନାହୁଁ । ସରି ସେମାନଙ୍କ ମୁହଁକୁ ଅନାଇଲା । ପିଲାର ଓଠଟା ଥରୁଚି, ସେ ଯେପରି ସଗିଯାଉଚି । ପିଲାଟି କହିଲା କଣ ଘୋଡା ଦେବେ ନାହିଁ ? ସରି ମୁଣ୍ଡ ହଲାଇ କହିଲା, ଘୋଡା ତୁମାଟେ ନାହିଁରେ । ପିଲା ଦୁଇଟି ଚାଲିଗଲେ । ସରି ଟିଣ ମଗ୍‌ରୁ ପାଣି ଢାଳି ମୁହଁ ଧୋଇଲା ।

କାମିଜଟା ଗଳାଇ ତା ଉପରେ କୋଟ୍‌ଟା ପିନ୍ଧି ବାହାରକୁ ବାହାରଚି, ପ୍ରତିମା କହିଲା—ଆଜି ଚୁହଲ ନାହିଁ । ଡାଲ୍‌ବି ନାହିଁ । ଭାତ ସରିଗଲାଣି !

ସରି ବିରକ୍ତ ହୋଇ କହିଲା, କହିଲ ନାହିଁ ଲୁଣ ନାହିଁ, ତେଲ ନାହିଁ, କିଛି ନାହିଁ ?

ପ୍ରତିମା କହିଲା, ମୁଁ କଣ ମିଛ କହୁଚି ? ହାଣ୍ଡିଶାଳ ଦେଖୁନ ?

ସ୍ୱର୍ଣ୍ଣି ଚୁପ୍ ରହି ସ୍ତ୍ରୀଙ୍କୁ ଶାଢ଼ ଫେରାଇଲା । ସରୋଜ ଦରଜି ଆସି ଝୋଟ୍‌ଟା ପଛଅଡ଼ୁ ଭିଡ଼ିଦେଇ କହିଲା, ବାପା, ବିସ୍କୁଟ୍ ଆଣିବ । ସ୍ୱର୍ଣ୍ଣି ବୁଲିପଡ଼ି ଚଟକଣାଟାଏ ପକାଇଲା, କହିଲା, ଛତୁ ଆଣିବ । ସରୋଜ କାନ୍ଦ କାନ୍ଦ ଘର ଭିତରକୁ ଚାଲିଗଲା ।

ସ୍ୱର୍ଣ୍ଣି ଛକ ପାଖକୁ ଆସି ଖଣ୍ଡେ ସିଗାରେଟ୍ କିଣି ଲଗାଇଲା ।

ଅମର ଘରେ ପହଞ୍ଚିଲା ସ୍ୱର୍ଣ୍ଣି । ଦାଣ୍ଡ ଦୁଆର ପାଖକୁ ଶୁଣା-ଯାଉଚି ରେଣୁର ସ୍ୱର । ରେଣୁ ତା ପାର୍ଟ ଆବୃତ୍ତି କରୁଚି ହୁଏତ ।

ସ୍ୱର୍ଣ୍ଣି ଡାକିଲା—ରେଣୁ ରେଣୁ !

ରେଣୁ ଆସି କବାଟ ଫିଟାଇଲା, କହିଲା, ଭାଇ କି ଦାଦା କେହି ନାହାନ୍ତି । କାଲି ସଞ୍ଜ ବେଳୁ ଗଲେଣି ଏତେ ବେଳଯାଏ ଫେରି ନାହାନ୍ତି ।

ସ୍ୱର୍ଣ୍ଣି କହିଲା, ତେବେ ଏକୁଟିଆ ଛାଡ଼ିଦେଇ ଚାଲି ଯାଇଛନ୍ତି ନା ?

ରେଣୁ କିଛି କହିଲାନି । ରେଣୁ ଗୋଟାଏ ଚେୟାର ଆଣି ପକେଇ ଦେଲା ବାରଣ୍ଡାରେ । କହିଲା, ସ୍ୱର୍ଣ୍ଣି ଭାଇ ! ଭାଇ କହୁଥିଲେ ତୁମକୁ କୁଆଡ଼େ ଗୋଟାଏ ପାର୍ଟ ଲେଖିଦେବାକୁ ? ମୁଁ ମୁଖସ୍ଥ କରିବ ଦିଅ ।

ପାର୍ଟ ମୁଖସ୍ଥରୁ କଣ ପାଉଚୁରେ ? ତା ଅପେକ୍ଷା ବରଂ ଗୋଟାଏ ଗୀତ ଶିଖ ।

ଗୀତ ତ ଶିଖିବାକୁ ଇଚ୍ଛା, କିଏ ଶିଖେଇଦେବ ? ଥିଏଟର ପାର୍ଟିର କେଉଁ ଦିନଠୁ ଛାଡ଼ିଲେଣି । ଭାଇ ନେଇଆସିଲେ । ଖାଲି ସେଇଦିନ ଟ୍ରେନ୍‌ରେ ସେ ଯେଉଁ ପାର୍ଟଟା କହୁଥିଲେ ସେଇ ପାର୍ଟଟା କହୁଛନ୍ତି ସବୁବେଳେ ମୁଖସ୍ଥ କରିବାକୁ । ମୋତେ ଭଲ ଲାଗୁନି । ଗୋଟାଏ ଗୀତ ଶିଖେଇ ଦିଅ ।

କି ଗୀତ ଶିଖିବୁ ?

ବାଃ ରେ ମୁଁ କଣ ଜାଣେ ? ତମେ ଯାହା କହୁବ ନା !
ସୁରି ବୋଲିଲା —

ଯଡ ଦୁଆରେ ଅସିଲ କମଳାସୁ
ଅକ୍ଷି ଲୋତକ ଗଲା ଝଡ ଝୁରି ।

ଅଙ୍ଗ ଭିତରେ ବାହାରେ ମୋର,
ଭୋକ, ତମରେ ଯାଉଛି ମୁହଁ !

ରେଣୁ କହିଲା, ଏଟା ଗୋଟିଏ କି ଗୀତ, ଆଉ ଗୋଟିଏ ଭଲ ଗୀତ ଶିଖାଇ ଦଅନା ! ଖାଲି କହୁଥିଲେ ତମକୁ କୁଆଡେ ଭଲ ଗୀତ ଆସେ ।

ଟଂ ଟଂ ହୋଇ ଘଣ୍ଟା ବାଜିଲା । ପ୍ରତିମା କହୁଥିଲା, ଆଜି ସ୍କୁଲ ନାହିଁ, ଖାଲି କାହିଁ, ଭାତ ନାହିଁ···କାଲି ସକାଳରେ ସଆଣିଙ୍କର ଯଖାଳ ଭ.ଟିଆଏ ଥିଲା, ତାକୁ ସମସ୍ତେ ବାଣ୍ଟି ଖାଇଥିଲେ । ଭୋକ ଆରମ୍ଭ ହୋଇ ଗଲାଣି । ମଣ୍ଟୁ ଘରେ ଥିଲାବେଳେ ଖାଇବା ଚିନ୍ତା ନଥିଲା । କାହିଁକି ଗ୍ରଳିଆସିଲା ମଣ୍ଟୁ ଘରୁ ? ଘରବାଲା ଆଜି ସକାଳୁ ଆସିଥିବ ଘର ଭଡ଼ା ପାଇଁ । ସେ ଗୃହିଁଟା ଅଗତ୍ରିସ ଭଡ଼ା । ଭା... ହେଲେ ସେ ବାହାର କରିଦେବ । କାଲି ମାଗୁଥିଲା, କହୁଥିଲା ଆଜି ଦେବ ବୋଲି । ଘରବାଲା ଫେରି ଯାଇଥିବ, ତା ଉପରେ ହୁଙ୍କ... ଗୁଟିଥିବ ।

ରେଣୁ କହିଲା, ଗୋଟାଏ ଭଲ ଗୀତ ଶିଖାଇ ଦଅନା !

ସୁରି କହିଲା, ନା ମତେ ଆଉ ଗୀତ ଆସେନା !

ନୃପେନ୍ଦ୍ର ଆସିଲା । ଦେହରେ କଳା ଓଭର କୋଟ । ମୁହଁରୁ ଦାଢ଼ୀ । ଏଁ, ନୃପେନ୍ଦ୍ର କଣ ଏ ନୁହେଁ ? ନୃପେନ୍ଦ୍ର ମୁହଁରୁ ଦା

କାଟି ଦେଲା, କହିଲା, ଚମତ୍କାର କି ? ଫଲ୍ସ ଦାନ୍ତୀ ! ସତ୍ର ଅଭିସାରରେ ଯାଇଥିଲ ନା ! ଦେଖିବ କାଲି ସନ୍ଧି ଅଭିସାରରୁ କଣ ମିଳୁଛି ? ରେଣୁ ଗଲ୍ଟୁ ଦୁ କପ୍ ଶୀଘ୍ର ନେଇ ଆସିବୁ । ତାପରେ ପକେଟରୁ ବାହାର କଲା ଭନିଟା ବଡ଼ ସୁନାହାର, ଶତେହଟଙ୍କିଆ ନୋଟ୍ ପଚାଶ ଖଣ୍ଡ । ତାପରେ ସଜି ହାତକୁ ଗୋଟିଏ ଫଟୋ ବଢ଼ାଇ ଦେଲା । ଶୋଟାଏ ନଗ୍ନ ନାରୀମୂର୍ତ୍ତି ! ନୃପେନ୍ଦ୍ର ଖେଁ ଖେଁ ହୋଇ ହସି ଉଠିଲା ! କମ ତ ସ୍ୱତନ୍ତ୍ର ନୁହେଁ ? ଫାଷ୍ଟ କ୍ଲାସରେ ସାହେବ ସୁଟ୍ ପିନ୍ଧି ଯାଜଚନ୍ଦ୍ର ଅତି ଭଦ୍ର ବେଶରେ, କିନ୍ତୁ ପକେଟରେ ଏଇ ଛବି ! ତମେ ଆମ ସଙ୍ଘରେ ଯୋଗ ଦେବା କଥା କଣ୍ଢ଼ ଭଲ ? ନା, ଗୁକଶି ଦେଇଁ ଠୁ ପାଇଲଣି ?

ରେଣୁ ଚୁ ଦୁଇ କପ୍ ନେଇ ଆସିଲା । ସଜି ଓ ନୃପେନ୍ଦ୍ର ତା ହାତରୁ ଦୁଇ କପ୍ ଚୁ ନେଇ ପିଇବାକୁ ଲାଗିଲେ । ରେଣୁ କହିଲା, ଦେଖିଲ ଦାଦା, ଭାଇଙ୍କୁ କହିଲି ଯେ ଟଗୋଟେ ଗୀତ ଶିଖେଇ ଦବାକୁ ନାହିଁ କରୁଛନ୍ତି । କହୁଚନ୍ତି କୁଅଡ଼େ ଗୀତ ଅପେଣା—ହଁ, ସଜି ଭାଇ କୁଆଡ଼େ ନୂଆ ବୋଉଙ୍କୁ ଆମ ବସାକୁ ଆଣୁଥିଲ ସତ ? କୋଉଦିନ ଆଣିବ ?

ସଜି ଚୁ କପ୍ଟା ରେଣୁ ହାତକୁ ବଢାଇ ଦେଇ କହିଲା, ଟିକିଏ କାମ ଅଛି, ଯାଉଛି ।

ସୁଧାଂଶୁ ବାବୁ ବଗିଚାରେ ଥିଲେ । ସୁଧାଂଶୁ ବାବୁ କହିଲେ, ବୁଝିଲେ ସଜି ବାବୁ, ଏ ଫୁଲ ଗଛ ନା କଣ କହିପାରିବେ ? ଦେଖନ୍ତୁ ମୁଁ ଗଛେଇ ଦେଉଛି, ଏଟ୍ରା ନାଁ ହେଉଛି ସପି, ଯ୍ଯା ନା ଲିନମ, ସେ ଫଲୋମ, ବ୍ଲୁ ବେଷ୍ଟିକଟି, ମଣ୍ଡେ ବ୍ଲୁ ଟଙ୍କା କେମିତି ଭଲ ଲାଗେ; କଣ୍ଟୁ ରେଡ୍ ବେସ୍ଟିଟିଂ ଆଣିଲି ନାହିଁ । ଏଇଟା କୋଟାଅ, ଅଳ

ସେ ମଲ୍ଲୀବୁଦା ପାଖକୁ ଯୋଉଟା ଲଗିଚି ତା ନାଁ ହେଉଚି, ଜରବେରା—

ମିନା ଦଉଡ଼ି ଆସିଲା । ଭାଇ ଟେଲିର କଣ ହୋଇଯାଉଚି ! ବୋବାଉଚି, ତଳେ ଗଡ଼ୁଚି । କଣ ହେଲା କିଛି ବୁଝି ପାରୁନି— ଡାକ୍ତରଙ୍କୁ ଟିକିଏ ଡକାଇ ପଠାଇଲେ— ।

ସୁଧାଂଶୁ ବାବୁ ନିଜ କାମରେ ବ୍ୟସ୍ତ ରହି କହିଲେ, ବର୍ତ୍ତମାନ ମୁଁ ଗାର୍ଡ଼େନ ଓ୍ୱାର୍ଡ଼ ଛାଡ଼ି କୁଆଡ଼େ ଯାଇ ପାରିବିନି । ଜାଣୁ, ଏ ଗାର୍ଡ଼େନରେ ଏ ବର୍ଷ ଚ'ଶ ଟଙ୍କା ଖର୍ଚ୍ଚ କଲିଣି, ଆଜି ପୁଣି ମଗାଇଛି ଶହେ ଟଙ୍କାର ମଂଜି, ଦାଣ୍ଡପଟେ ବି କରିବି ଗୋଟାଏ ଫୁଲ ବଗିଚା— ଲଣ୍ଡନ ଫୁଲ···ତୋ ଟେଲି କଥା ତୁ ବୁଝ— ।

ମିନା କହିଲା, ଜାଣନ୍ତି ଟେଲିକି କେତେ ମୁଁ ଭଲ ପାଏ ! ସେ ଜନ୍ତୁ, ତାର ଜୀବନ ଅଛି, ଆଉ ଏ ଫୁଲ ଗୁଡ଼ାକଙ୍କର କଣ ଜୀବନ ଅଛି ?

ସୁଧାଂଶୁ ବାବୁ ହସି ହସି କହିଲେ, ତୋର କମନ୍ ସେନ୍ସ ଏତେ କମ ନା ? ସାର୍ ଜଗଦୀଶ ଚନ୍ଦ୍ର ବୋଷ କଣ ଆବିଷ୍କାର କରିଛନ୍ତି ? ଫୁଲ ଗଛର ଜୀବନ ନାହିଁ ? ହାଃ—ହାଃ—ହାଃ—

ମିନା ତାଙ୍କ ହାତ ଧରି ଭିଡ଼ି ନେଲା, ଭାଇ, ଏତେବେଳେ ଆଉ ହଇରାଣ କରନି । ଆସ, ଟେଲି ଯଦି ମରିଯାଏ— । ମିନାର ଆଖି ଛଳ ଛଳ ହୋଇ ଆସିଲା । ସୁଧାଂଶୁ ବାବୁ ଚାଲିଗଲେ ।

ଡାକ୍ତର ଆସିଲା ବେଳକୁ ଟେଲି ଛୁଆଟାଏ କରି ମରି ସାରି- ଥିଲା । ପଣ୍ଡ ଡାକ୍ତର ବାବୁ ଫିସଟା ନେଇ ଚାଲିଗଲେ ।

ମିନା ଗୁ ପିଉ ପିଉ କହିଲା, ମୁଁ ଖାଇବା ଦରେ ଭଲ କୁକୁର ରଖିବା—କେମିତି ?

ସୁଧାଂଶୁ ବାବୁ କହିଲେ, ଅବଶ୍ୟ ମୋର ପୁନର୍ଗଠନ ଯୋଜନାରେ ସେତକ ଅଛି, ସେତେବେଳେ ଦେଖିବୁ ! ସୁଧାଂଶୁ ଖାଲି ଯୋଜନା କର ଯୋଜନାରେ ପର୍ଯ୍ୟବେଶିତ କରେ ନାହିଁ, ତାକୁ କାର୍ଯ୍ୟକାରୀ ବି କରେ !

ମିନା କହିଲା, ଏ ଗାଈଗୁଡ଼ା ଯଦି କଟଦେଲେ ଭଲ ହୁଅନ୍ତା । ଦୁଧ ତ କଣିବାକୁ ମିଳାବ । ଗାଈର ଗୋବରଗୁଡ଼ାକ କି ଗନ୍ଧ ! ସାଙ୍ଗ ଗୁରୁପଡ଼େ ଅପରିଷ୍କାର କହୁଥନ୍ତି ।

ଗୁହକର ଗୋଟିଏ ଟିଣ ପାତ୍ରରେ କଞ୍ଚା ମାଂସ ଆଣି ଥୋଇ ଦେଲା କୁକୁର ଆଗରେ ।

ମିନା ପଚାରିଲା, ସକାଳେ ଟେଲିଙ୍କ ସାହୁନ କଣେଇ ଖାଉଥିବ କହିଥିଲୁନା ?

ହଁ ମା ।

ହୋପଲେସ୍, ହଁ ମା କଣ ? ତତେ କେତେଥର ମନା କରିଛି ମା ବୋଲି କହିବୁନି ବୋଲି ।

ଗୁହକର ଗୁଲିଗଲା ।

ପ୍ରତିମା ଯଦି ଏକ କୁକୁର ଟେଲି ହୋଇଥାଆନ୍ତା ! ସ୍ୱଚ୍ଛେ ଯଦି ହୋଇଥାନ୍ତା ସୁଧାଂଶୁ ବାବୁଙ୍କ ବଗିଚାର ଗୋଟିଏ ଫୁଲ ଗଛ । ମଲାବେଳକୁ ନିଶ୍ଚୟ ଭାବିବ ସେ, ହେ ପ୍ରଭୁ, ପୁନର୍ଜନ୍ମ ଯଦି ଥାଏ, ତେବେ ଆରଜନ୍ମରେ ବଡ଼ଲୋକଙ୍କ ବଗିଚାରେ ଯେମିତି ମତେ ମୋତେ ଗୋଟିଏ ଫୁଲଗଛ କର । ମଣିଷ ଜୀବନ ନ ଦିଅ ସେମିତି ପ୍ରଭୁ ! ମଣିଷ ଜୀବନଠୁ ଢେର ଭଲ ଏକ ଫୁଲ ଗଛର ଜୀବନ ।

ସଙ୍ଗି କହିଲା, କିଛି ଆପତ୍ତି ନ ଥିଲା, କିନ୍ତୁ ଅସୁବିଧା ହେଉଛି ଯେ ମୁଁ ବିବାହ କରିସାରିଛି ।

ମିନା ଖୁବ୍ ଜୋରରେ ହସିଉଠିଲା । କହିଲା, ମୁଁ ତ କହୁନାହିଁ ବାହାହେବାକୁ । ମୁଁ କହୁଛି, ମୁଁ ଆପଣଙ୍କୁ ଭଲପାଏ । ବିବାହ ନ କଲେ କଣ ପ୍ରଣୟ କରିଯାଇପାରେ ନା ? ଧରନ୍ତୁ ଏଇ ଷ୍ଟେଲି, ଷ୍ଟେଲିଙ୍କି ତ କେହି ବାହା ହୋଇ ନାହାନ୍ତି, କିନ୍ତୁ ସମସ୍ତେ ତା ସଙ୍ଗେ ହୁଏତ ପ୍ରଣୟ କରୁଛନ୍ତି, ପ୍ରେମ କରୁଛନ୍ତି···

ସରୋଜ କହିଥିଲା ଷ୍ଟମ୍ପ୍ ଆଣିବାକୁ । ସିଗାରେଟ୍ ବେଶି ଦରକାର ନା ଷ୍ଟମ୍ପ୍ ? ପାଞ୍ଚ ବର୍ଷର ସରୋଜ କଣ ଜାଣେ ଏ କଥା ?

ପ୍ରତିମା ଅପେକ୍ଷା କରିଥିବ ଆଉ ଆଶା କରୁଥିବ ତାଲି, ଗୁଲ୍ଲି, ଭାତ—ଅପେକ୍ଷା ଅପେକ୍ଷାରେ ହୁଁ ଶେଷ ହେବ ।

ସଙ୍ଗି ଉଠିଲା । କହିଲା, ମୁଁ ଯାଉଛି ମିନା ଦେବୀ !

ମିନା କହିଲା, ଯାଇପାରନ୍ତି, କିନ୍ତୁ ପାଞ୍ଚଟା ବେଳକୁ ଫେରେ ଫେରି ଆସନ୍ତୁ, ବିଲିଆର୍ଡ ଖେଳଟା ଆଜି ଆପଣଙ୍କୁ ନିଶ୍ଚୟ ଶିଖାଇ ଦେବ ।

ବାହାରେ ଦେଖାହେଲା ଘରବାଲି । କହିଲା, ବେଶ ଭଦ୍ରଲୋକତ ! ମତେ କହୁଥିଲେ ନା ଘରେ ସକାଳେ ଥିବେ ବୋଲି ? ଫାଙ୍କିଲେ ଚଳିବନି । ଆଉ ଗୋଟାଏ ଲୋକ ସାଙ୍ଗେ ସାଙ୍ଗେ ଟଙ୍କା ଯାଚୁଥିଲା, ତମକୁ କଥା ଦେଇଥିଲି ବୋଲି ତାକୁ ନାହିଁ କରିଦେଲି । ଯଦି ଆଜି ନ ଦେଇପାରିବ, ତେବେ ସଞ୍ଜବେଳକୁ ଘର ଖାଲି କରିଦେବ !

ନୃପେନ୍ଦ୍ର ପାଖକୁ ଗଲେ ଧାର ମିଳନ୍ତା ।

ନୃପେନ୍ଦ୍ର ଘରେ ନ ଥିଲା । ରେଣୁ ସେଲାଇ କରୁଥିଲା । ସରିକୁ ଦେଖି ରୋଷେଇ ଘରୁ ବାହାରକୁ ଆସିଲା ।

କଣ ଆଜ ଦଉର ଆସିଲଣି ? ଆମର ଭାଗ୍ୟ ।

ରେଣୁ କଣ ଟଙ୍କା କେତୋଟା ଧାର ଦେବନି ? କାଲି ଠାରୁ ଉପାସ । ଘରବାଲା ଟଙ୍କାପାଇଁ ଜିଦ୍ ଧରିଛି । ନା, ରେଣୁକୁ ମାଗିବା ଠିକ ହେବନି ।

ରେଣୁ କହିଲା, ବସ, ଦାଦା ଆସିବେ ଯେ ।

ସରି ଚାଲିଆସିଲା ।

ପ୍ରଶସ୍ତ ରାଜପଥ । କାର, ରିକ୍ସା, ଘୋଡ଼ାଗାଡ଼ି ଛୁଟିଛି । ଏ ରାସ୍ତା କଣ ମନେ ରଖିବ ଦିନେ ଅଧାପେଟ—ନା—ଅନ୍ନପ୍ରାର୍ଥୀ, ନା—ନା—ଭାଠାରୁ ଭଲହେବ—କାଙ୍ଗାଳ ସରି ବୋଝ ଯାଉଥିଲା ଉପାସରେ, ଉଦ୍‌ବେଗରେ ତା ଉପରେ ?

ଅତୀତର କେଉଁ ମୁହୂର୍ତ୍ତରେ ଅଲାଉଦ୍ଦିନ କୁଆଡ଼େ ଗୋଟାଏ ମ୍ୟାଜିକ୍ ଦୀପ ସାହାଯ୍ୟରେ କେତେ କଥା କରିପାରୁଥିଲା । ଗୋଟାଏ ରାତିରେ ପ୍ରକାଣ୍ଡ ପ୍ରାସାଦ ତୋଳା ହୋଇଥିଲା ସେଇ ଦୀପ ସାହାଯ୍ୟରେ ! ଆଉ ଗୋଟାଏ ଲୋକ କୁଆଡ଼େ ଧୂଳି ଫୁଙ୍କି ଦେଲେ ଧୂଳି ଟଙ୍କା ହୋଇ ଯାଉଥିଲା ! ଆଜି ତାକୁ ଯଦି କିଏ ଶିଖାଇ ଦିଅନ୍ତା ସେ ମ୍ୟାଜିକ୍ !

ପାଖ କୋଠାଟାରୁ ଭାସି ଆସୁଛି ରେଡ଼ିଓର ସ୍ୱର । ଅଲ୍ଇଣ୍ଡିଆ ରେଡ଼ିଓର ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଗଲାଣି । ସ୍ୱାସ୍ଥ୍ୟରକ୍ଷା ବିଷୟରେ କିଏ ଜଣେ ବକ୍ତୃତା ଦେଉଛନ୍ତି···ଘରଠାରୁ ଟିକିଏ ଲମ୍ବ-କରି ପାଇଖାନା କରିବ, ଗୁହାଳ ଶୋଇବା ଘରଠାରୁ ଦୂରରେ ହେବା ଦରକାର । ଖାଇବା ଜିନିଷରେ ମାଛି ବସାଇ ଦେବ ନାହିଁ—ଅଧଘଣ୍ଟାଏ ପୂର୍ବରୁ ବା ପରେ ପାଣି ପିଇବା ଉଚିତ—ସକାଳୁ

ଓ୍ୟାଲ୍ କ୍ଲକ୍‌ରେ ବାଜିଲା ଏଗାରଟା । ପ୍ରତିମା କହୁଥିଲା, ଘୁଅଳ ନାହିଁ—ଡାଲି ନାହିଁ—ଭାତ ନାହିଁ—ଜୀବନଟା କଣ ଖାଲି ନାହିଁ ନାହିଁରେ କଟିବ ?

ସେଇ ଭିତର ଭୋକରେ କଣ ହୋଇ ଯାଉଛି । ଦେହ ହାତ ପାଦ ମୁହଁ ସବୁ ଭୋକର ଅତ୍ୟାଗ୍ନିରରେ କାନ୍ଦ ହେଉଛି ଭସ୍ମସାତ୍ !

ଭଗବାନ କାହିଁକି ଦେଲେ ଏ ଜୀବନ ? କାହିଁକି ?

ନିଶ୍ୱାସ ପ୍ରଶ୍ୱାସ, ମନ କଣ ? ଯଦି ନିଶ୍ୱାସ ଗଳାରେ ଯୋଗ ଦେଇଥାନ୍ତା ସେଦିନ, ତା ହେଲେ ଏ ଅସୁବିଧା କଣ ଥାଆନ୍ତା ?

ସନ୍ଧ୍ୟାଳି ଆସିଥିବ, ଫେରିଯାଇଥିବ । ପୁଣି ଆସିବ, ପୁଣି ଫେରିଯିବ । କିନ୍ତୁ କାହାର ଭରସିବ । ଅସହ୍ୟ ! ଗଳ୍ପୀଙ୍କ ସୁନ୍ଦର ପ୍ରଶସ୍ତ ଆକାଶ ତଳେ ପ୍ରଶସ୍ତ ପ୍ରାନ୍ତର । ଗୁଳିର ଫାଙ୍କଦାଗ ଝିଙ୍କୁରି ଡାକର, କିନ୍ତୁ ଅବାଶରେ ଫାଙ୍କ ନାହିଁ ।

ସେଇ ମାଂସଗୁଡ଼ାକ ଖାଇ ଗୁଲିଟା ଅଭ ତେଲେତେଲେ ଥୁଅକୁ ଘୁଞ୍ଚି ।

ସୁଧାଂଶୁବାବୁ କହିଲେ, ଅଫିସ ସମୟ ହୋଇଗଲାଣି ଗ ଧୋଇ ଯାଉଛି !

ସୁଧାଂଶୁବାବୁ ଗୁଲିଗଲେ ।

ମିହା କହିଲା, ସେଦିନ ଫରଗେଟ୍ ମି ନଟ୍ ଫୁଲଟାଏ ଦେଇ-ଥିଲି, ମନେ ଅଛି ନା ?

ପ୍ରତିମା କହିଲା, ହଁ ମନେ ଅଛି ।

ତାର ହାତ ଧରି ପକାଇ ମିହା କହିଲା, ଆପଣ ଭୁଲିଯିବେ ଜଣେ ବଡ଼ ଲୋକ ହୋଇଯିବେ ! ଅଛି ଜାଣନ୍ତିନା ଏ ଫରଗେଟ୍ ମି ନଟ୍ କପାଳରେ ଏକ ଉପହାସ ।

ସଇ ଟେଲ୍‌କୁ ଚାହିଁ ଥାଏ । ମାଂସ ଶେଷ ହୋଇ ଆସିଲଣି । ଯଦି ଏଠି କେହି ନ ଥାନ୍ତେ, ତେବେ ଏଇ ମୁହୂର୍ତ୍ତରେ ଟେଲ୍‌ଠୁ ସେ ଖଣ୍ଡିକ ଆଣି ନିଶ୍ଚୟ ଖାଇ ଦିଅନ୍ତା !

ମିନା କହିଲା, କଣ ଲେଖିବେ ?

ଫୁଲ୍ ବିଷୟରେ କଣ ଇତିହାସ ଲେଖିହବ ?

ମୁଁ ଯଦି ଐତିହାସିକ ହୋଇଥାନ୍ତି, ତେବେ ନିଶ୍ଚୟ ଗୋଟାଏ ବଡ଼ ଇତିହାସ ଲେଖିଥାନ୍ତି ଏଇ ପାରଫେଟ୍ ମିନଟ୍ ଫୁଲ୍ ବିଷୟରେ !

ସଙ୍ଗି ଚୁପ ରହିଲା । ପ୍ରତିମା ଚାହିଁ ବସିଥିବ, ଗ୍ଲାସ ତାଲି ହାତ ନେଇଗଲେ ସେକ୍ସେଇ ହେବ । ପକେଟରେ ଥିଲା ଅଣାଏ, ସିଗାରେଟର ଧୂଆଁରେ କୁଣ୍ଡଳୀ ଖାଇ ଆକାଶରେ ମିଶିଯାଇଛି । ଖାଲି ପକେଟରେ ପଡ଼ିଛି ଗୋଟାଏ ଖାଲି ଦିଆସିଲି ଖୋଲ । ଆଉ ପକେଟ୍‌ରେ ଗୋଟାଏ ପିନକଣ୍ଡା !

ମିନା କହିଲା, ଆପଣ ସତେ ଭାରି ସରଳ !

ସତେ ନା କଣ !

ମୁଁ—ମୁଁ—ଆପଣଙ୍କୁ ଭଲପାଏ—

ସଙ୍ଗି ଚୁପ ରହିଲା । ମିନା ସଙ୍ଗିର ହାତ ହଲାଇ ଦେଇ କହିଲା, ଐତିହାସିକ ଅଥଚ ଜାଣିପାରିଲେନି ମୋ ହୃଦୟରେ ରହିଛି ଭଲପାଇବା ? ସେ ଦିନ ସେ ଫୁଲଟାରୁ କଣ ଅନୁମାନ କରି-ପାରିଲେନି ? ଆଉ ମଫସଲ୍ ଝିଅ ପରି କଣ ଲେଖିଥାନ୍ତି—

ଆକାଶେ ଚନ୍ଦ୍ରମା ଜଳରେ କଇଁ
ମନେ ରଖିଥିବ ଭୁଲିବ ନାହିଁ !

ବ୍ୟାୟାମ କଲେ ଦେହ ଭଲ ରହେ···। କାଙ୍ଗାଳ ସଭି ବୋଷ ଏଥିରୁ କେଉଁଟି ମାନବ ତାର ସ୍ବାସ୍ଥ୍ୟରକ୍ଷା ପାଇଁ ? ତାର କଣ ଦେହ ଅଛି ? ଅଛି ଖାଲି ହାଡ଼, ଶିରା, ଅଭାବ, ଅନାଟନ, ଖାଦ୍ୟଚିନ୍ତା—ମୁକ୍ତି-ଚିନ୍ତା ! ସେ କଣ ମଣିଷ ? ସେ କାଙ୍ଗାଳ, ଅଣ୍ଣପ୍ରାର୍ଥୀ, ଭିକାରି !

ଗୋଟାଏ ଗ୍ଲେଟା ଭିକାରି ଗୁଳିଗଲେ ! ସିପାମାନେ ତାକୁ ଗୁଡ଼କା ଷକାରଛନ୍ତି ଆଉ କହୁଛନ୍ତି, ଲେଙ୍ଗଡ଼ାଟାଏରେ ଗ୍ଲେଟାଟାଏ—ଧାନ ଲୁଟୁଛି···ଧାନ ଲୁଟୁଛି – ହାଃ—ହାଃ—ହାଃ—

ନଳକୂଅରେ ଥିବା ପାଣିକଳରୁ ଚେଷ୍ଟାକରି ପାଣି ପିଇଲା ।

ଛକ ଅଫା ଦୁଏତ ଗୁଳିଟା ତ ଫଟେଇ ଫଟେଇ । ନା, ଦା'କଣକୁ କହୁଚି ମତେ ତମେ ସବୁ ମାରିଥିଲନା ? ପାପ ଫଳ ! ଓଃ କି ଯନ୍ତ୍ରଣା ! ପାଣି ପିଇ ଦେବାରୁ ପେଟ ବେଶି ବ୍ୟଥା କରୁଚି । ଖପରେ ଗୁଲି ଗୁଲି ମୁଣ୍ଡ ବୁଲାଇବା ଆରମ୍ଭ ହୋଇ ଗଲାଣି ! ଛକା ଅଧା ମୁହଁରେ ଫୁଟି ଉଠିଚି ହସ—ଭଲ ହୋଇଚି—ଭଲ ହୋଇଚି—ମତେ ମାରିଥିଲ, ତମେ ସବୁ ମରିବଣି ? ମରିବ—ସବୁ ମରିବ—ଅଣ୍ଣପୃ ମରିବ !

ସରେଇ ଖନେଇ ଖନେଇ କହୁଚି, ବାପା ବସ୍ତୁଟ !

ମିନା ହସି ହସି କହୁଲା, ବୋଭା ବୋଲି ଆଉ କାଙ୍ଗାଳ ବୋଲି ତାକୁ ଭଲପାଏ । ସଭି ପଛକୁ ଗୁହିଁଲା, ପଛରୁ କାରଟାଏ ଆସୁଚି ।

ଘର ଆଗରେ ପୋଲିସ ଦେଖି ସଭି ଡରିଗଲା । ସେ ପଟକୁ ଠିଆ ହୋଇଚନ୍ତି ମଣ୍ଟୁବାବୁ, ଆଉ ପାଖରୁ ପୋଲିସ ଇନସ୍ପେକ୍ଟର । ଆଉ କେତେ ଗୁଡ଼ାଏ ଲୋକ ।

ମଣ୍ଟୁବାବୁ ହାଉଠାରେ କହିଲେ, ଏଇ ଅଧ୍ୟାପକ ସଚି ବୋଷ ।

ଇନ୍ସପେକ୍ଟର ହସି ହସି ସଚି ପାଖକୁ ଆସି କହିଲେ, ଆପଣ ?

ସଚି କହିଲା, ନା, ନା, ମୁଁ ଅଧ୍ୟାପକ ସଚି ବୋଷ ନୁହେଁ, ବାଙ୍ଗାଲ ସଚି ବୋ

ମଣ୍ଟୁବାବୁ ହସି ଉଠି କହିଲେ, ଭୁଲ କହୁଲେ, ବାଙ୍ଗାଲ ସଚି ବୋଷ ନୁହେଁ, ଓଢ଼ାଏର ସଚି ବୋଷ ।

ସଚି ମଣ୍ଟୁବାବୁ ମୁହଁକୁ ଚାହିଁଲା । ମଣ୍ଟୁବାବୁଙ୍କ ଓଠରେ ଖେଳି ଉଠିଲା ହସ ।

ପୋଲିସ ଗୋଟାଏ ହାତକଡ଼ା ଆଣି ଲଗାଇଲା । ସଚି ପଚାରିଲା, ଅରେଷ୍ଟ ?

ଇନ୍ସପେକ୍ଟର କହିଲେ, କାଲି ରାତିରେ ମଣ୍ଟୁବାବୁଙ୍କ ଘରୁ ଚୋରି ଯାଇଥିଲା । ଆଜି ସକାଳ ୯ଟାରେ ପୋଲିସ ଖାନ ତଲାସ କରି ଆପଣଙ୍କ ଘରୁ ପାଇଲେ ସେ ଜିନିଷ । ପକେଟରୁ ବାହାର କଲେ ଭଣଟା ସୁନାହାର, ଗୋଟାଏ ହୀରାବସା ମୁଦି । ମନେ ପଡ଼ୁଛି—?

ସଚି ପ୍ରତିବାଦ କରି କହିଲା, ନା, ନା, ମୁଁ ଚୋରି କରିନି । ମିଛ ମିଛ—

ପୋଲିସ ଟ୍ରକ୍ ସେତେବେଳକୁ ଆସି ଯାଇଥିଲା । ସଚିକୁ ଦୁଇଟା କନଷ୍ଟେବଲ ଟାଣିନେଲେ ମଟର ଭିତରକୁ ।

ସଚି ଚାହିଁଲା ମଣ୍ଟୁ ଆଡ଼େ । ମଣ୍ଟୁ ତାଙ୍କ ନିଜ କାରରେ ଚଢ଼ିବାକୁ ଯାଉଛନ୍ତି ।

ତୁମର ମୁହ ପାଖରେ ପ୍ରତ୍ୟେକ ଠିଆ ହୋଇ ବାନ୍ଧୁଛି ଶାଢ଼ିଭର୍ । ତା ପାଖରେ ଠିଆ ହୋଇଛି ପ୍ରତିମା, ଆଖିରୁ ତାର ଲୁହ ଗଡ଼ିପଡ଼ୁଛି ।

ଧର୍ମ ଆଖିରୁ ଝରିପଡ଼ିଲା ଦୁଇ ବିନ୍ଦୁ ଲୁହ । ସେ ଲୁହର ପ୍ରତି ବିନ୍ଦୁ, ତା ଦେହର ପ୍ରତ୍ୟେକ ଅଣୁ ପରମାଣୁ ଯେପରି ଚିତ୍କାର କରି କହୁଥିଲା—ହେ ଦେଶ, ତତେ ମୁଁ ଭଲପାଏ, ତତେ ମୁଁ ଭଲପାଏ…।

ବାଣପୁର
ଜାନୁଆରୀ: ୧୯୬୫

## ଏହା ପରେ ପଢନ୍ତୁ—


### ଉପନ୍ୟାସ

ଯତୀନ୍ଦ୍ର କୁମାର ଦାସଙ୍କର—

| | | |
|---|---|---|
| ମାନସୀ | ବନ୍ଧାଇ | ଟ ୨ ୯ |
| | ଅବନ୍ଧା- | ଟ ୧ ୴ |
| ଜନରବ | ଅବନ୍ଧା- | ଟ ୧ ୩ |
| | ସ୍ବର୍ଣ୍ଣ ବନ୍ଧାଇ | ଟ ୨ ୯ |
| ମନର ମୟୂର | | ଟ ୧ ୩ |

ରାମଚନ୍ଦ୍ର ବେହେରାଙ୍କର—

| | |
|---|---|
| ଭଉଣୀଲୁହ | ଟ ୦ ୩ |
| ଜ୍ୟୋତ୍ସ୍ନା : ଜନପ୍ରିୟ ସଂସ୍କରଣ | ଟ ୧ ୯ |

ବିଖ୍ୟାତ ଫରାସୀ ଔପନ୍ୟାସିକ

| | |
|---|---|
| ଭିକ୍ଟର ହ୍ୟୁଗୋଙ୍କର : ଫାଶୀ | ଟ ୧ ୯ |

### ଗଳ୍ପ ସଙ୍କଳନ

ଯତୀନ୍ଦ୍ର କୁମାର ଦାସଙ୍କର—

| | |
|---|---|
| ହେ ପୃଥିବୀର ନାଗରିକ | ଟ ୧ ୯ |
| କପୋତ କପୋତୀ | ଟ ୦ ୪ |

—ପ୍ରକାଶକ—

ସାହିତ୍ୟ ସଂସାର ବାଙ୍କାବଜାର, କଟକ-୨